

ଆୟରଙ୍କୁ ମିଳିଲାନି ସ୍ଥାନ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-56 ◆WEDNESDAY ◆20 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୬ ◆ବୁଧବାର ◆୨୦ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ରେଳଯାତ୍ରୀ ଦେବେ ଲଗେଜ୍ ଚାର୍ଜ



## ଓଜନ ଅନୁଯାୟୀ ଆଦାୟ ହେବ ଭଡ଼ା

■ ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ବିମାନଯାତ୍ରୀଙ୍କ ପରି ଏଣିକି ରେଳ ଯାତ୍ରୀ ବି ଦେବେ ବ୍ୟାଗେଜ୍ ଓ ଲଗେଜ୍ ଚାର୍ଜ। ଯାତ୍ରା ସମୟରେ ସାଥୀରେ ନେଉଥିବା ସାମଗ୍ରୀ, ବ୍ୟାଗ୍ ଓ ଲଗେଜ୍ ଓଜର ଅନୁସାରେ ଯାତ୍ରୀଙ୍କୁ ଫି' ଦେବାକୁ ପଡ଼ିବ। ଉତ୍ତରପ୍ରଦେଶର ପ୍ରୟାଗରାଜ ଓ ଲକ୍ଷ୍ନୌ ଷ୍ଟେସନରୁ ଏହା କାର୍ଯ୍ୟକାରୀ ହେବ; ପରବର୍ତ୍ତୀ ସମୟରେ ଏହା ସାରା ଦେଶରେ ପ୍ରଚଳନ କରାଯିବ। ରେଳଯାତ୍ରୀଙ୍କ ପାଇଁ ଏହି ନିୟମ କଠୋର ଭାବରେ ଅନୁପାଳନ କରାଯିବାକୁ ରେଳ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି ।

### ପ୍ଲାଟଫର୍ମରେ ଯାଞ୍ଚ ହେବ ବ୍ୟାଗ୍‌ର ଆକାର ଓ ଓଜନ

### ବିମାନବନ୍ଦର ପରି ଯାତ୍ରୀଙ୍କୁ ଦିଆଯିବ ବୋର୍ଡିଂ ପାସ୍

ଟ୍ରେନ୍ ଯାତ୍ରା ସମୟରେ ଯାତ୍ରୀଙ୍କ ଲଗେଜ୍‌ର ଓଜର ଓ ଆକାର ସମ୍ପର୍କରେ ପୂର୍ବରୁ ନିୟମ ଥିଲେ ହେଁ ଏହାକୁ ଅନୁପାଳନ କରାଯାଉ ନାହିଁ । ମାତ୍ର ଏବେ ରେଳ ବିଭାଗ ଏହି ନିୟମକୁ କଠୋର ଭାବରେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଚଳାଇଛି। ନୂଆ ନିୟମ ଅନୁସାରେ ରେଳ ଷ୍ଟେସନଗୁଡ଼ିକରେ ଯାତ୍ରୀମାନଙ୍କୁ ଇଲେକ୍‌ଟ୍ରୋନିକ୍ ଓଜନ ମେସିନରେ ସେମାନଙ୍କର ଲଗେଜ୍ ଓଜନ କରିବାକୁ ପଡିବ। ଯଦି ଲଗେଜ୍ ନିର୍ଦ୍ଧାରିତ ସୀମାଠାରୁ ଅଧିକ ହୁଏ କିମ୍ବା ▶ପୃଷ୍ଠା-୭

## ଉପରାଷ୍ଟ୍ରପତି ନିର୍ବାଚନ

# ବି ସୁଦର୍ଶନ ବିରୋଧୀ ମେଣ୍ଟ ପ୍ରାର୍ଥୀ



## ଅଡୁଆରେ ଫସିଲା ତାମିଲନାଡୁ ଏବଂ ଆନ୍ଧ୍ର ରାଜନୀତି

■ ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ହେବାକୁ ଯାଉଥିବା ଉପରାଷ୍ଟ୍ରପତି ନିର୍ବାଚନରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ କରିବାକୁ ଘୋଷଣା କରିଛି ବିରୋଧୀ ଦଳ ଇଣ୍ଡିଆ ବ୍ଲକ୍ । ତାଙ୍କର ମୁକାବିଲା ଶାସକ ଏନ୍‌ଡିଏର ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନଙ୍କ ସହିତ ହେବ। ରାଧାକ୍ରିଷ୍ଣନଙ୍କ ଘର ତାମିଲନାଡୁ ହୋଇଥିବା ବେଳେ ରେଡ୍ଡୀଙ୍କ ଘର ହେଉଛି ଆନ୍ଧ୍ର ପ୍ରଦେଶରେ। ଏହି ଦୁଇ ପ୍ରାର୍ଥୀଙ୍କ ନାମ ଘୋଷଣା ତାମିଲନାଡୁ ଏବଂ ଆନ୍ଧ୍ର ପ୍ରଦେଶରେ ଉଭୟ ଶାସକ ଓ ବିରୋଧୀ ଦଳଙ୍କୁ ଅଡୁଆରେ ପକାଇପାରେ ବୋଲି କୁହାଯାଉଛି ।

ଆଜି ଇଣ୍ଡିଆ ବ୍ଲକର ବୈଠକ ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ସୁଦର୍ଶନ ରେଡ୍ଡୀଙ୍କ ନାମ ଘୋଷଣା କରିଥିଲେ। ସେ କହିଥିଲେ ଯେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ପଦବୀ ଲାଗି ଏହା ହେବ ଆଦର୍ଶଗତ ଲଢେଇ। ଆଜି ସନ୍ଧ୍ୟାରେ ଶ୍ରୀ ରେଡ୍ଡୀ ଦିଲ୍ଲୀରେ ପହଞ୍ଚିବା ପରେ ଆସନ୍ତାକାଲି ଇଣ୍ଡିଆ ବ୍ଲକ୍ ନେତାମାନଙ୍କର ବୈଠକ ହେବ। ଆସନ୍ତା ୨୧ ତାରିଖରେ ରେଡ୍ଡୀ ମନୋନୟନପତ୍ର ଦାଖଲ କରିବେ। ଶ୍ରୀ ଖଡ଼ଗେ କହିଲେ ଯେ ଗଣତନ୍ତ୍ର ଓ ସମ୍ବିଧାନ ବିପଦରେ ପଡ଼ିଲେ ▶ପୃଷ୍ଠା-୭

ଭୋଟ ଅସଙ୍ଗତି

# ସିଇସିଙ୍କୁ ଭେଟିଲା ବିଜେଡି

■ ଭୁବନେଶ୍ୱର, ୧୯।୮ (ସମିସ): ଭୋଟ ଅସଙ୍ଗତି ପ୍ରସଙ୍ଗରେ ପୁଣିଥରେ ଦେଶର ମୁଖ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି ବିଜେଡ଼ି। ମଙ୍ଗଳବାର ବିଜେଡିର ଏକ ପ୍ରତିନିଧି ଦଳ ସିଇସିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି। ପ୍ରାୟ ୨ ଘଣ୍ଟା ଧରି ଚାଲିଥିବା ଏହି ସାକ୍ଷାତ ଆଲୋଚନାରେ ବିଜେଡି ନେତାମାନେ ଗତ ସାଧାରଣ ନିର୍ବାଚନରେ ଘଟିଥିବା ଅସଂଗତି ସମ୍ପର୍କରେ ସିଇସିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦଳ ପକ୍ଷରୁ ଉଠାଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନରେ ନିର୍ବାଚନ ଅଧିକାରୀମାନଙ୍କ ଅବହେଳା, ଫର୍ମ ୧୭ ସି ପ୍ରଦାନ ନ କରିବା ପ୍ରସଙ୍ଗ ମଧ୍ୟ ବିଜେଡି ଏହି ଅବସରରେ ଉଠାଇଛି। ନିର୍ବାଚନ ଅଧିକାରୀ ଓ ନିର୍ବାଚନ କମିଶନଙ୍କ ଏପରି ମନୋଭାବ ଗଣତନ୍ତ୍ର ପାଇଁ ଅହିତକର ବୋଲି ଉଲ୍ଲେଖ କରି ବିଜେଡି ଉଦ୍‌ବେଗ ପ୍ରକାଶ କରିଛି। ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ଆବେଦନ କରାଯାଇଥବା ଫର୍ମ ୧୭ ସି ଏଯାଏ ମିଳି ନ ଥିବା ପ୍ରସଙ୍ଗରେ ଆଶ୍ଚର୍ଯ୍ୟପ୍ରକାଶ କରିଛନ୍ତି ▶ପୃଷ୍ଠା-୭

### ଫର୍ମ-୧୭ସି ପ୍ରଦାନ ପ୍ରସଙ୍ଗରେ ଅସନ୍ତୋଷ ପ୍ରକାଶ

### ବିହାର ପରି ଏସ୍‌ଆଇଆର୍ ହେଲେ ତୀବ୍ର ବିରୋଧ

### ଫର୍ମ ୧୭ ସି ପ୍ରଦାନ ଆବଶ୍ୟକ ଥିଲା: ସିଇସି

# ରାମେଶ୍ୱର-ଟାଙ୍ଗୀ ୬ ଥାକିଆ ରାସ୍ତାକୁ ମଞ୍ଜୁରୀ

## ୧୧୧ କିମି ପାଇଁ ବ୍ୟୟହେବ ୮୩୦୮ କୋଟି

■ ଭୁବନେଶ୍ୱର, ୧୯।୮ (ସମିସ): ଦୀର୍ଘ ଦେଢ଼ ଦଶନ୍ଧି ପରେ ରାଜଧାନୀ ଭୁବନେଶ୍ୱର ଓ କଟକ ବର୍ହିଭାଗରେ ରିଙ୍ଗରୋଡ଼ ନିର୍ମାଣ ଦାବିକୁ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର। ଆର୍ଥିକ ବ୍ୟାପାର ସଂକ୍ରାନ୍ତୀୟ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ଆଜି ୬ ଲେନ୍ ବିଶିଷ୍ଟ କ୍ୟାପିଟାଲ୍ ରିଜିୟନ୍ ରିଂ ରୋଡ(ଭୁବନେଶ୍ୱର ବାଇପାସ୍)କୁ ମଞ୍ଜୁର ମିଳିଛି। ୧୧୧ କିଲୋମିଟର ଏହି ରଙ୍ଗ ରୋଡ୍ ରାସ୍ତା ପାଇଁ ୮୩୦୭.୭୪ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ରିଙ୍ଗ ରୋଡ ହାଇବ୍ରିଡ୍ ଆନୁଇଟି ମୋଡ୍ ବା ଏଚଏଏମ ମାଧ୍ୟମରେ ନିର୍ମାଣ କରାଯିବ। ଏନଏଚ-୫୫, ଏନଏଚ-୫୭, ଏନଏଚ୍-୬୫୫ ଓ ଗୋଟିଏ ରାଜ୍ୟ ରାଜପଥ ଏସଏଚ୍-୬୫କୁ ▶ପୃଷ୍ଠା-୭

### ମୋଦୀ ଓ ଗଡ଼କରୀଙ୍କୁ ଧନ୍ୟବାଦ ଦେଲେ ମୋହନ



ପ୍ରସ୍ତାବିତ ଭୁବନେଶ୍ୱର ବାଇପାସ୍‌ର ନକ୍ସା



# ମୂଷଳଧାରା ବର୍ଷା: ଭାସୁଛି ମୁମ୍ବାଇ

## ଲୋକାଲ ଟ୍ରେନ ସେବା ବାତିଲ, ୨୫୦ରୁ ଅଧିକ ବିମାନ ବିଳମ୍ବିତ

ମୁମ୍ବାଇ, ୧୯।୮ (ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ମୂଷଳ ଧାରାରେ ବର୍ଷା ହେଉଛି। ଏହା ଜଳ ପ୍ରଳୟ ସୃଷ୍ଟି କରିଛି। ଫଳରେ ରାଜଧାନୀ ବୁଡୁଛି, ସହର ଭାସୁଛି। ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଆର୍ଥିକ ରାଜଧାନୀ ମୁମ୍ବାଇ ଏହି ବର୍ଷାରେ ସର୍ବାଧିକ ପ୍ରଭାବିତ ହୋଇଛି। ସ୍ଥିତି ସଙ୍ଗୀନ ହୋଇଯାଇଛି। ରବିବାର ରାତିରୁ ଜାରି ବର୍ଷା ଥମିବାର ନା ଧରୁନି। ଏହାର ପ୍ରଭାବରେ ଅନେକ ସ୍ଥାନରେ ଅଣ୍ଟେ ଉଚ୍ଚା ପାଣି ଜମି ରହିଛି। ରାସ୍ତା ନଦୀର ଭ୍ରମ ସୃଷ୍ଟି କରୁଛି। ଅନେକ ଘରେ ପାଣି ପଶି ଯାଇଛି। ଦୋକାନବଜାର ଏବଂ ଟ୍ରେନ ଲାଇନ ବୁଡି ରହିଛି। ଏଥିଯୋଗୁଁ ଲୋକାଲ ଟ୍ରେନ ଚଳାଚଳ ବନ୍ଦ ରହିଛି। ୨୫୦ରୁ ଅଧିକ ବିମାନ ଉଡ଼ାଣ ମଧ୍ୟ ବିଳମ୍ବିତ ହୋଇଛି। ଅନେକ ସ୍ଥାନରେ ଗାଡ଼ିମୋଟର ଭାସୁଥିବା ଦେଖାଯାଉଛି। ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରକୃତି ଏବଂ ମାନବିକ ଅବରୋଧ ଲାଗି ସୃଷ୍ଟି ହୋଇଥିବା ଏହି ସ୍ଥିତି ଆଗରେ ଲୋକେ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ଯାଇଛନ୍ତି। ଆଜି ମହାରାଷ୍ଟ୍ରର ଅନେକ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ବର୍ଷା ଜନିତ ଦୁର୍ଘଟଣାରେ ୮ ଜଣଙ୍କ ଜୀବନ ଗଲାଣି। ୪୮ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ ମୁମ୍ବାଇ, ଥାନେ, ରାୟଗଡ଼, ରତ୍ନାଗିରୀ ଏବଂ ସିନ୍ଧୁଦୁର୍ଗ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ୪୪୨ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ମନୋରେଲ ପ୍ରବଳ ବର୍ଷା ଯୋଗୁଁ ଅଟକି ରହିଛି। ଏହା ପ୍ରାୟ ୩ ଘଣ୍ଟା ଅଟକି ରହିବା ପରେ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ପ୍ରବଳ ଭିଡ଼ ଯୋଗୁଁ ବିଦ୍ୟୁତ ଯୋଗାଣ ଜନିତ ସମସ୍ୟା ସୃଷ୍ଟି ହୋଇଥିଲା ବୋଲି ଅଧିକାରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭୀସ କହିଛନ୍ତି ଯେ ବାଦଲ ଫଟା ବର୍ଷା ଯୋଗୁଁ ନାନ୍ଦେଡରେ ୮ ଜଣଙ୍କ ମୃତ୍ୟୁ ହୋଇଛି।

### ନାନ୍ଦେଡରେ ବାଦଲ ଫଟା ବର୍ଷା; ୮ ଜଣଙ୍କ ମୃତ୍ୟୁ

### ବଢୁଛି ଯମୁନା, ଦିଲ୍ଲୀ ପ୍ରତି ବିପଦ

ପ୍ରାୟ ୫୦୦ ଜଣଙ୍କୁ ଉଦ୍ଧାର କରାଯାଇଛି। ମୁମ୍ବଇରେ ପ୍ରାୟ ୩୦୦ ମିମି ବର୍ଷା ହୋଇଛି। ସକାଳେ ମିଠି ନଦୀର ଜଳସ୍ତର ୩.୯ ମିଟର ବଢ଼ିଥିଲା। ଏଥିଯୋଗୁ କ୍ରାନ୍ତି ନଗର ଅଞ୍ଚଳରୁ ୩୫୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ସହରରେ ଆଜି ବି ସ୍କୁଲ-କଲେଜ, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ପାଣି ଭର୍ତ୍ତି ହୋଇଥିବା ଯୋଗୁଁ ଅନ୍ଧେରୀ ସବ୍‌ୱେ ବନ୍ଦ ରହିଛି।



ଅନେକ ଅଣ୍ଡର ବ୍ରିଜରେ ୪ ଫୁଟର ପାଣି ଜମି ରହିଛି। ହାର୍ବର ଲାଇନର ଟ୍ରାକ ପାଣିରେ ବୁଡ଼ି ରହିଛି। ଅନ୍ୟପକ୍ଷରେ ଯମୁନା ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ଦିଲ୍ଲୀବାସୀ ହନ୍ତସନ୍ତ ହେଉଛନ୍ତି। ନଦୀ ଫୁଲିବାରୁ ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଯମୁନା ପାଣି ବଜାର ଅଞ୍ଚଳରେ ପ୍ରବେଶ କରିଛି। ତେଣୁ ଦିଲ୍ଲୀ ପ୍ରତି ବିପଦ ସୃଷ୍ଟି ହୋଇଛି। ଅନ୍ୟପଟେ ହିମାଚଳ ପ୍ରଦେଶ କୁଲୁରେ ସୋମବାର ରାତି ୧ଟାରେ ବାଦଲ ଫଟା ବର୍ଷା ହୋଇଛି। ପ୍ରଖର ସ୍ରୋତରେ ୩ଟି ଦୋକାନ ଭାସି ଯାଇଛି। ଭୂତନାଥ ପାସ ଏଥିରେ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ଥିବା ପୋଲ ମଧ୍ୟ ଭାସିଯାଇଛି। ରିପୋର୍ଟ ଅନୁଯାୟୀ ମଣିପୁର, ଉତ୍ତରାଖଣ୍ଡ, ମହାରାଷ୍ଟ୍ର, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ, ଗୋଆରେ ଅଧିକ ବର୍ଷା ହୋଇଛି। ସେହିପରି ଉତ୍ତର ପ୍ରଦେଶର ନୋଏଡ଼ା-ଗ୍ରେଟର ନୋଏଡ଼ାରେ ଭୀଷଣ ବର୍ଷା ଲାଗି ରହିଛି।

# ବଦଳିବନି ତାମିଲନାଡୁ ରାୟ



ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ରାଜ୍ୟ ବିଧାନସଭା ଦ୍ୱାରା ପାରିତ ବିଲକୁ ମଞ୍ଜୁରୀ ପ୍ରଦାନ କରିବା ନିମନ୍ତେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ସମୟସୀମା ଧାର୍ଯ୍ୟ କରି ଗତ ଏପ୍ରିଲ ୧୨ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ରାୟରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ଏସଂପର୍କରେ ରାଷ୍ଟ୍ରପତି ଲୋଡ଼ିଥିବା ମତାମତ ଉପରେ ଅଦାଲତ ତାଙ୍କର କେବଳ ମତ ଦେବେ। ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ସମ୍ବିଧାନ ବେଞ୍ଚ ଆଜି ଏହା କହିଛନ୍ତି। ଏପ୍ରିଲ ୧୨ ତାରିଖରେ ସୁପ୍ରିମ କୋର୍ଟ ଯେଉଁ ରାୟ ଦେଇଥିଲେ ତାହା ଆଇନ ଦୃଷ୍ଟିରୁ ଠିକ୍ କି ନୁହେଁ, ସେସଂପର୍କରେ ରାଷ୍ଟ୍ରପତି ।।ଦ୍ରୌପଦୀ ମୁର୍ମୁ ସର୍ବୋଚ୍ଚ ଅଦାଲତଙ୍କର ମତାମତ (ପ୍ରେସିଡେନସିଆଲ ରେଫେରେନ୍ସ) ଲୋଡ଼ିଛନ୍ତି। ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ବେଞ୍ଚ ଏହି ମାମଲାର ଶୁଣାଣି ଆରମ୍ଭ କରିଛନ୍ତି। ଏହି ବେଞ୍ଚରେ ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ପିଏସ୍ ନରସିଂହା, ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଏ. ଚନ୍ଦୁରକର ମଧ୍ୟ ଅଛନ୍ତି।

ଆଜି ଶୁଣାଣି ବେଳେ ପ୍ରେସିଡେନସିଆଲ ରେଫେରେନ୍ସକୁ ବିରୋଧ କରିଥିଲେ ତାମିଲନାଡୁ ଏବଂ କେରଳର ପ୍ରତିନିଧିତ୍ୱ କରୁଥିବା ଓକିଲ। ସେମାନେ ଯୁକ୍ତି କରିଥିଲେ ଯେ ଏପ୍ରିଲ ୧୨ ତାରିଖ ରାୟକୁ ବଦଳାଇବା ଉଦ୍ଦେଶ୍ୟରେ ରାଷ୍ଟ୍ରପତି ମତାମତ ଲୋଡ଼ିଛନ୍ତି। ଏହାର ଉତ୍ତର ଦେବାକୁ ଯାଇ ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ କହିଲେ ଯେ ରାଷ୍ଟ୍ରପତି କେବଳ ମତାମତ ଲୋଡ଼ିଛନ୍ତି, ଏପ୍ରିଲ ୧୨ ରାୟକୁ ଚାଲେଞ୍ଜ କରି ନାହାନ୍ତି।

### ରାଷ୍ଟ୍ରପତି କେବଳ ମତାମତ ଲୋଡ଼ିଛନ୍ତି

ତେଣୁ ସୁପ୍ରିମ କୋର୍ଟ କେବଳ ତାଙ୍କର ମତାମତ ଦେବେ। ସେହି ରାୟକୁ ରଦ୍ଦ କରିବେ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ଏହାସହିତ ସେ କହିଥିଲେ ଯେ ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବି ବନାମ ଡିଏମ୍‌କେ ମାମଲାରେ କୋର୍ଟ ତାଙ୍କର ରାୟ ଶୁଣାଇଛନ୍ତି। ରାଜ୍ୟପାଳ ବିଧାନସଭାରେ ପାରିତ ୧୦ଟି ବିଲକୁ ଅନୁମୋଦନ ନଦେଇ ତାହା ଉପରେ ଦୀର୍ଘ ଦିନ ଧରି ବସି ରହିଥିଲେ। ରାଜ୍ୟପାଳ ରବିଙ୍କ ଏଭଳି ଆଚରଣ ବେଆଇନ ଓ ଏକତରଫା ଥିଲା। ସେ ଫେରାଇଲା ପରେ ବିଲ୍ ଦ୍ୱିତୀୟ ଥର ତାଙ୍କ ପାଖକୁ ଆସିଥିଲା ଏବଂ ଏହାକୁ ।।ସେ ଅନୁମୋଦନ ପ୍ରଦାନ କରିବା ଉଚିତ ଥିଲା ବୋଲି କୋର୍ଟ କହିଥିଲେ। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ ଯେ ସମ୍ବିଧାନର ଧାରା ୧୪୩ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସୁପ୍ରିମ କୋର୍ଟଙ୍କ ମତାମତ ଲୋଡ଼ିପାରିବେ ରାଷ୍ଟ୍ରପତି। ତେଣୁ ସେହି ଅନୁସାରେ କୋର୍ଟ ତାଙ୍କର ମତାମତ ଦେବେ, କିନ୍ତୁ ରାୟକୁ ରଦ୍ଦ କରିପାରିବେ ନାହିଁ।

ଅନ୍ୟପକ୍ଷରେ ତାମିଲନାଡୁ ଏବଂ କେରଳ ସରକାରଙ୍କ ପକ୍ଷରୁ ଅଭିଷେକ ସିଂହଭି ଏବଂ କେକେ ବେଣୁଗୋପାଲ ଯୁକ୍ତି କରିଥିଲେ ଯେ ପ୍ରେସିଡେନସିଆଲ ରେଫେରେନ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯେଉଁ ୧୪ଟି ପ୍ରଶ୍ନ ଉତ୍ଥାପନ କରିଛନ୍ତି , ତାହାର ଉତ୍ତର ଏପ୍ରିଲ ୧୨ ତାରିଖ ରାୟରେ ଉଲ୍ଲେଖ ରହିଛି। ତେଣୁ ଯେଉଁ ମାମଲା ଉପରେ ରାୟ ଦିଆଯାଇଛି, ତାହାର ସମୀକ୍ଷା କରିବା ଲାଗି ମତାମତ ନେବା ଆଳରେ ରାଷ୍ଟ୍ରପତି ସମ୍ବିଧାନର ଧାରା ୧୪୩ର ଆଶ୍ରୟ ନେଇପାରିବେ ନାହିଁ। ବେଣୁଗୋପାଳ କହିଥିଲେ ଯେ ରିଭ୍ୟୁ ପିଟିସନ ଦାଖଲ କରିବା ପରିବର୍ତ୍ତେ ସୁପ୍ରିମ କୋର୍ଟର ଏହି ରାୟକୁ ଲାଇନଚ୍ୟୁତ କରିବା ଲାଗି ଭାରତ ସରକାର ଉଦ୍ୟମ କରୁଛନ୍ତି। ତାଙ୍କୁ ସମର୍ଥନ ଜଣାଇ ସିଂହଭି କହିଥିଲେ ଯେ ରିଭ୍ୟୁ ବା ରାୟର ପୁନର୍ବିଚାର ଲାଗି ଧାରା ୧୪୩ର ପ୍ରୟୋଗ କରାଯାଇ ପାରିବ ନାହିଁ।

# ଶେଷରେ ବିହାର ଏସ୍‌ଆଇଆର୍‌ରେ ଯୋଡ଼ିହେଲା ଆଧାର

ପାଟନା, ୧୯।୮: ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବିହାର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍)ରେ ଆଧାର କାର୍ଡକୁ ସାମିଲ କରାଯାଇଛି। ବିହାର ମୁଖ୍ୟ ନିର୍ବାଚନ ଅଧିକାରୀ ବିନୋଦ ସିଂହ ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଭୋଟର ତାଲିକା ସଂଶୋଧନରେ ଯେଉଁମାନଙ୍କ ନାମ କଟିଛି, ସେମାନେ ଆଧାର କାର୍ଡ ଦେଖାଇ ତାଲିକାରେ ନିଜ ନାମ ସାମିଲ କରିପାରିବେ। ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟିଛି, ସେମାନଙ୍କର ତାଲିକା ବ୍ଲକ ଅଫିସ, ପଞ୍ଚାୟତ ଅଫିସ, ପୌର କାର୍ଯ୍ୟାଳୟ ଓ ବିଭିନ୍ନ ବୁଥମାନଙ୍କରେ ଲଗାଯାଇଛି। ଏହି ତାଲିକା ଦେଖି ଭୋଟରମାନେ ଆବଶ୍ୟକ ସଂଶୋଧନ କରିପାରିବେ। ସୂଚନାଯୋଗ୍ୟ ଯେ ଭୋଟର ତାଲିକା ସଂଶୋଧନ ବେଳେ ନିର୍ବାଚନ କମିସନ ପକ୍ଷରୁ ଯେଉଁ ପ୍ରମାଣପତ୍ର ମଗାଯାଇଥିଲା, ସେଥିରେ ଆଧାର କାର୍ଡ ନଥିଲା। ଏହାକୁ ନେଇ ବଡ଼ ଧରଣର ବିବାଦ ଦେଖାଦେବାରୁ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଆଧାର କାର୍ଡକୁ ସାମିଲ କରାଯାଇଛି।

# ମୋଦୀଙ୍କୁ ଭେଟିଲେ ଚୀନ୍ ବିଦେଶମନ୍ତ୍ରୀ

ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ଚୀନ୍ ବିଦେଶମନ୍ତ୍ରୀ ୱାଙ୍ଗ ୟି ମଙ୍ଗଳବାର ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଏନଏସଏ ଅଜିତ ଡୋଭାଲଙ୍କୁ ସାକ୍ଷାତ କରିଛନ୍ତି। ମୋଦୀ ଏହାର ଫଟୋ ସେୟାର କରିଛନ୍ତି। ଗତ ବର୍ଷ କାଜାନରେ ରାଷ୍ଟ୍ରପତି ଜିନପିଙ୍ଗଙ୍କୁ ଭେଟିବା ପରଠାରୁ ଭାରତ-ଚୀନ୍ ସମ୍ବନ୍ଧରେ ଅଗ୍ରଗତି ଘଟିଛି। ଚୀନ୍‌ରେ ହେବାକୁ ଥିବା ଏସ୍‌ସିଓ ବୈଠକରେ ଜିନପିଙ୍ଗଙ୍କୁ ଭେଟିବା ପାଇଁ ଅପେକ୍ଷା କରିଛି ବୋଲି ମୋଦୀ କହିଛନ୍ତି। ଏହା ପୂର୍ବରୁ ଡୋଭାଲଙ୍କ ସହ ୱାଙ୍ଗ ସୀମା ବିବାଦ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଗତ କିଛି ବର୍ଷ ହେଲା ଯେଉଁ ସମସ୍ୟା ସୃଷ୍ଟି ହୋଇଥିଲା ତାହା ଉଭୟ ଦେଶବାସୀଙ୍କ ସ୍ୱାର୍ଥରେ ନ ଥିଲା ବୋଲି ୱାଙ୍ଗ କହିଥିଲେ। ସେ ଗତ ବର୍ଷର ମୋଦୀ-ଜିନପିଙ୍ଗ ସାକ୍ଷାତ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ଏହି ଆଲୋଚନା ଦ୍ୱିପାକ୍ଷିକ ସମ୍ପର୍କକୁ ନୂଆ ଦିଗ ଦେବ ଏବଂ ସୀମା ବିବାଦର ସମାଧାନ ଲାଗି ନୂଆ ଉତ୍ସାହ ପ୍ରଦାନ କରିବ ବୋଲି କହିଥିଲେ। ସେହିପରି ଗତ ଆଲୋଚନା ପରି ଏହା ମଧ୍ୟ ସଫଳ ହେବ ବୋଲି ଡୋଭାଲ ତାଙ୍କୁ ଭରସା ଦେଇଥିଲେ।



# ବିଶ୍ୱର ସବୁଠୁ ବଡ଼ ରକେଟ୍ ନିର୍ମାଣ କରୁଛି ଇସ୍ରୋ

ହାଇଦରାବାଦ, ୧୯।୮ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ବିଶ୍ୱର ସବୁଠାରୁ ବଡ଼ ରକେଟ୍ ନିର୍ମାଣ କରୁଛି। ଏହି ରକେଟ୍‌ର ଉଚ୍ଚତା ୪୦ ମହଲା କୋଠା ସହ ସମାନ ହେବ। ଏହା ୭୫ ହଜାର କେଜି ତଥା ୭୫ ଟନ୍ ପର୍ଯ୍ୟନ୍ତ ପେଲୋଡ ନେଇ ମହାକାଶ ଯାଇପାରିବ। ଏହା ଭାରତୀୟ ମହାକାଶ କାର୍ଯ୍ୟକ୍ରମର ସବୁଠାରୁ ବଡ଼ ଏବଂ ଶକ୍ତିଶାଳୀ ପ୍ରକଳ୍ପ। ଏହାର ନିର୍ମାଣ ଦ୍ୱାରା ଭାରତର ଉପଗ୍ରହ ଉତ୍କ୍ଷେପଣ କ୍ଷମତା ଅଧିକ ବୃଦ୍ଧି ପାଇବ। ଭାରତର ମହାକାଶ ଜ୍ଞାନକୌଶଳ ମଜବୁତ ହେବା ସହିତ ଅନ୍ତର୍ଜାତୀୟସ୍ତରରେ ଦେଶର ପ୍ରଭାବ ବଢ଼ିବ ବୋଲି ଇସ୍ରୋ ମୁଖ୍ୟ ଭି ନାରାୟଣନ କହିଛନ୍ତି। ହାଇଦରାବାଦ ସ୍ଥିତ ଉସମାନିଆ ୟୁନିଭର୍ସିଟିର ଦୀକ୍ଷାନ୍ତ ସମାରୋହରେ ସାମିଲ ହୋଇ ସେ ଏହି ସୂଚନା ଦେଇଛନ୍ତି। ଇସ୍ରୋ ମୁଖ୍ୟ କହିଛନ୍ତି ଯେ ଚଳିତ ବର୍ଷ ଆମେରିକାର ୬,୫୦୦ କେଜିର ସଞ୍ଚାର ଉପଗ୍ରହ ଉତ୍କ୍ଷେପଣ, ଏନ୍‌୧ ରକେଟ, ନାଭିଗେସନ ୱିଥ୍ ଇଣ୍ଡିଆନ କନଷ୍ଟେଲେସନ (ନାଭିକ) ଉପଗ୍ରହ ଏବଂ ନୌସେନାର ଜିସାଟ-୭ଆର ଉପଗ୍ରହ ଉତ୍କ୍ଷେପଣ କରିବାକୁ ଯାଉଛି। ସେହିପରି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଭାରତ ଶୀଘ୍ର ୪୦-୫୦ ମହାକାଶ ଯାତ୍ରୀଙ୍କ ଟିମ୍ ପ୍ରସ୍ତୁତ କରିବ। ଏମାନେ ଭବିଷ୍ୟତ ଅଭିଯାନର ନେତୃତ୍ୱ ନେବେ। ୨୦୩୫ ସୁଦ୍ଧା ଭାରତ ୫୨ ଟନ୍ ଓଜନର ମହାକାଶ ଷ୍ଟେସନ ନିର୍ମାଣ କରିବ। ଏହି କାର୍ଯ୍ୟକ୍ରମରେ ଇସ୍ରୋ ମୁଖ୍ୟଙ୍କୁ ତେଲଙ୍ଗାନା ରାଜ୍ୟପାଳ ବିଷ୍ଣୁଦେବ ବର୍ମା 'ଡକ୍ଟରେଟ ଅଫ୍ ସାଇନ୍ସ' ଉପାଧି ପ୍ରଦାନ କରିଥିଲେ।

# ହେବନି ଅସ୍ତ୍ରବିରତି; ଏବେ ତ୍ରିପାକ୍ଷିକ ବୈଠକ

ୱାଶିଂଟନ, ୧୯।୮ (ଏଜେନ୍ସି): ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ଆମେରିକାର ହ୍ୱାଇଟ ହାଉସରେ ଉଚ୍ଚସ୍ତରୀୟ ବୈଠକ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓଭାଲ ଅଫିସରେ ନିଜ ୟୁକ୍ରେନ ସମକକ୍ଷ ଭୋଲ୍‌ଡାମିର ଜେଲେଁସ୍କିଙ୍କ ଏବଂ ୟୁରୋପୀୟ ନେତାଙ୍କ ସହ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା କରିଛନ୍ତି। ତେବେ ଏହି ବୈଠକରେ ରୁଷ-ୟୁକ୍ରେନ ମଧ୍ୟରେ ଅସ୍ତ୍ରବିରତି ନେଇ କୌଣସି ସହମତି ପ୍ରକାଶ ପାଇନାହିଁ। ଏତେ ଶୀଘ୍ର ଅସ୍ତ୍ରବିରତି କରିବା ସମ୍ଭବ ନୁହେଁ ବୋଲି ଟ୍ରମ୍ପ କହିଛନ୍ତି। ମାତ୍ର ଏହି ବୈଠକରେ ୟୁକ୍ରେନକୁ ସୁରକ୍ଷା ଗ୍ୟାରେଣ୍ଟି ଦେବା ନେଇ ଚର୍ଚ୍ଚା ହୋଇଛି। ଜେଲେଁସ୍କି ନାଟୋର ଧାରା-୫ ପରି ସୁରକ୍ଷା ଚାହୁଁଥିବାବେଳେ ଆମେରିକା ଏବଂ ୟୁରୋପୀୟ ଦେଶ ମିଶି ୟୁକ୍ରେନକୁ ସୁରକ୍ଷା ଦେବେ ବୋଲି ଟ୍ରମ୍ପ କହିଛନ୍ତି। ଏହି ବୈଠକକୁ ମଝିରେ ଅଟକାଇ ଟ୍ରମ୍ପ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ୪୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ଏଥିରେ ରୁଷ୍ ଏବଂ ୟୁକ୍ରେନ ପ୍ରତିନିଧିଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନାକୁ ସେ ସମର୍ଥନ ଦେଇଥିଲେ। ୧୫ ଦିନ ଭିତରେ ଜେଲେଁସ୍କିଙ୍କୁ ଭେଟିବା ପାଇଁ ପୁତିନ ରାଜି ହୋଇଥିଲେ ବୋଲି ବୈଠକରେ ଉପସ୍ଥିତ ଥିବା ଜର୍ମାନୀ ଚାନସେଲର ଫ୍ରେଡରିକ ମର୍ଜ କହିଥିଲେ। ସେହିପରି ତ୍ରିପାକ୍ଷିକ ଆଲୋଚନା ପାଇଁ ମଧ୍ୟ ପୁତିନ ସହମତି ପ୍ରକାଶ କରିଥିଲେ। ବୈଠକ ପରର ସାମ୍ବାଦିକ ସମ୍ମିଳନୀରେ ଜେଲେଁସ୍କି କହିଥିଲେ ଯେ ୟୁକ୍ରେନ ସୁରକ୍ଷା ଗ୍ୟାରେଣ୍ଟି ବଦଳରେ ୟୁରୋପ ଅର୍ଥରେ ୯୦ ବିଲିୟନ ଡଲାର ଅର୍ଥାତ ୮ ଲକ୍ଷ କୋଟି ଟଙ୍କାରେ ଆମେରିକାଠାରୁ ଅସ୍ତ୍ରଶସ୍ତ୍ର କିଣାଯିବ। ୟୁକ୍ରେନରେ ଡ୍ରୋନ ନିର୍ମାଣ ପାଇଁ ମଧ୍ୟ ଆମେରିକା ପ୍ରତିଶ୍ରୁତି ଦେଇଛି। ଆମେରିକା ସହଯୋଗୀଙ୍କ ସହ ୫୦ ବିଲିୟନ ଡଲାରର ଡ୍ରୋନ ଚୁକ୍ତି ହେବ ବୋଲି ମଧ୍ୟ କୁହାଯାଇଛି। ଆସନ୍ତା ସପ୍ତାହରେ ଏହି ଚୁକ୍ତି ଚୂଡ଼ାନ୍ତ ହୋଇପାରେ। ଆମେରିକା ସେନା ମୁତୟନ ଉପରେ ବିଚାର କରାଯିବ ବୋଲି ମଧ୍ୟ ଟ୍ରମ୍ପ କହିଛନ୍ତି। ୟୁରୋପୀୟ ନେତାଙ୍କ ସହ ସେୟାର କରାଯାଇଥିବା ଏକ ଚିଠିରେ ସ୍ୱଳ୍ପ କାଳ ନୁହେଁ, ବରଂ ଦୀର୍ଘ ଦିନ ପର୍ଯ୍ୟନ୍ତ ଶାନ୍ତି ପ୍ରତିଷ୍ଠା ପାଇଁ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ଫ୍ରାନ୍ସ ଏବଂ ବ୍ରିଟେନ ପରି ୟୁରୋପୀୟ ରାଷ୍ଟ୍ରଗୁଡିକ ମଧ୍ୟ ୟୁକ୍ରେନକୁ ସୁରକ୍ଷା ଦେବା ପାଇଁ ରାଜି ହୋଇଛନ୍ତି। ୟୁକ୍ରେନ ସେନାର ପନର୍ଗଠନ, ବାୟୁସୀମା ଏବଂ କୃଷ୍ଣ ସାଗରରେ ଟ୍ରାଫିକରେ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ୟୁକ୍ରେନରେ ସୈନିକ ମୁତୟନ କରିବା ପାଇଁ ମଧ୍ୟ ବିଚାର କରାଯାଉଛି ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କହିଛନ୍ତି।

ଜେଲେଁସ୍କିଙ୍କ ସହ ବୈଠକ ସମୟରେ ଫଳାଫଳ ଯାହା ବି ହେଉ ନା କାହିଁକି ୟୁକ୍ରେନକୁ ଆମେରିକା ସହାୟତା କରିବା ଜାରି ରଖିବ ବୋଲି ଟ୍ରମ୍ପ ସ୍ପଷ୍ଟ କରିଥିଲେ।



### ଜେଲେଁସ୍କି-ଟ୍ରମ୍ପ ଶାନ୍ତି ଆଲୋଚନା

### ଆମେରିକାଠୁ ୮ ଲକ୍ଷ କୋଟିର ଅସ୍ତ୍ରଶସ୍ତ୍ର କିଣିବ ୟୁକ୍ରେନ୍


### ଜେଲେଁସ୍କିଙ୍କ ସହ ଆଲୋଚନା ପାଇଁ ପୁତିନ ରାଜି



## ମିସ୍ ୟୁନିଭର୍ସ ଇଣ୍ଡିଆ ହେଲେ ମନିକା ବିଶ୍ୱକର୍ମା

ଜୟପୁର, ୧୯।୮ (ଏଜେନ୍ସି): ଦେଶର ୪୭ ପ୍ରତିଯୋଗୀଙ୍କୁ ପଛରେ ପକାଇ ମିସ୍ ୟୁନିଭର୍ସ ଇଣ୍ଡିଆ-୨୦୨୫ ମୁକୁଟ ଜିତିଛନ୍ତି ରାଜସ୍ଥାନର ମନିକା ବିଶ୍ୱକର୍ମା। ଗତ ବର୍ଷର ବିଜୟିନୀ ରେଆ ସିଂଘା ତାଙ୍କୁ ବିଜୟୀ ମୁକୁଟ ପିନ୍ଧାଇଛନ୍ତି। ଏଥିସହିତ ମଣିକା ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ହୋଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ନଭେମ୍ବର ୨୧ରେ ଥାଇଲାଣ୍ଡରେ ଅନୁଷ୍ଠିତ ହେବ। ସୂଚନା ଅନୁଯାୟୀ ରାଜସ୍ଥାନ ଜୟପୁରର ଜି ଷ୍ଟୁଡିଓରେ ସୋମବାର ଅନୁଷ୍ଠିତ ମିସ୍ ୟୁନିଭର୍ସ ଇଣ୍ଡିଆ ପ୍ରତିଯୋଗିତାରେ ୪୮ ଫାଇନାଲିଷ୍ଟଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଉତ୍ତର ପ୍ରଦେଶର ତାନ୍ୟା ଶର୍ମା ପ୍ରଥମ ରନର-ଅପ୍, ହରିୟାଣାର ମେହକ ଧିଙ୍ଗରା ଦ୍ୱିତୀୟ ଏବଂ ଅମିଶୀ କୌଶିକ ତୃତୀୟ ରନର-ଅପ୍ ହୋଇଥିଲେ। ଶ୍ରୀଗଙ୍ଗାନଗରର ମନିକା (୨୨) ଏବେ ଦିଲ୍ଲୀରେ ରହୁଛନ୍ତି। ସେ ରାଜନୀତି ବିଜ୍ଞାନ ଏବଂ ଅର୍ଥନୀତିର ଶେଷ ବର୍ଷ ଛାତ୍ରୀ। ଗତ ବର୍ଷ ସେ 'ମିସ୍ ୟୁନିଭର୍ସ ରାଜସ୍ଥାନ' ପ୍ରତିଯୋଗିତା ଜିତି ଜାତୀୟସ୍ତରରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ।

## ଅଭିନେତା ଅଚ୍ୟୁତ ପୋଟଦାରଙ୍କ ପରଲୋକ



ମୁମ୍ବାଇ, ୧୯।୮ (ଏଜେନ୍ସି): ଅଭେନତା ଅଚ୍ୟୁତ ପୋଟଦାରଙ୍କ ପରଲୋକ ହୋଇଛି। ସେ ୯୧ ବର୍ଷ ବୟସରେ ସୋମବାର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମଙ୍ଗଳବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୋଟଦାରଙ୍କ ମୃତ୍ୟୁର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ଜଣାପଡି ନାହିଁ। ତେବେ ବୟସାଧିକ କାରଣରୁ ସେ ପ୍ରାଣ ହରାଇଥିବା କୁହାଯାଉଛି। ୧୯୩୪ ଅଗଷ୍ଟ ୨୨ ରେ ମଧ୍ୟପ୍ରଦେଶ ଜବଲପୁରରେ ଜନ୍ମିତ ଅଚ୍ୟୁତ ୪୪ ବର୍ଷର ଅଭିନୟ କ୍ୟାରିୟର ମଧ୍ୟରେ ୧୨୫ ରୁ ଅଧିକ ହିନ୍ଦୀ ଏବଂ ମରାଠୀ ଚଳଚ୍ଚିତ୍ର, ୯୫ ଟି ଟିଭି ଶୋ, ୨୬ଟି ନାଟକ, ୪୫ରୁ ଅଧିକ ବିଜ୍ଞାପନରେ ଅଭିନୟ କରିଥିଲେ। ଥ୍ରି ଇଡିଅଟ୍ସ, ରଙ୍ଗିଲା, ଲଗେ ରହୋ ମୁନ୍ନା ଭାଇ, ଭୂତନାଥ, ଦବଙ୍ଗ-୨ ଭଳି ସୁପରହିଟ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଥ୍ରି ଇଡିଅଟ୍ସର ତାଙ୍କ ସଂଳାପ 'କହନା କ୍ୟା ଚାହତେ ହୋ' ସାମାଜିକ ଗଣମାଧ୍ୟମରେ ଛାଇ ଯାଇଥିଲା।

## ଦୁର୍ଗନ୍ଧ ପାଇଁ ହାଇକୋର୍ଟ ବନ୍ଦ

ତିରୁଅନନ୍ତପୁରମ, ୧୯।୮ (ଏଜେନ୍ସି): କେରଳ ହାଇକୋର୍ଟରେ ଅଜବ ସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳବାର ସକାଳେ ଦୁର୍ଗନ୍ଧ ପାଇଁ ହାଇକୋର୍ଟଙ୍କ କାର୍ଯ୍ୟକୁ ବନ୍ଦ କରିଦିଆଯାଇଛି। କୋର୍ଟର ଫଲ୍ସ ସିଲିଂରେ ପଶି ଯାଇଥିବା ଜଙ୍ଗଲୀ ବିଲେଇ (ସିଭେଟ)ର ପରିସ୍ରା ପାଇଁ ଏହି ଦୁର୍ଗନ୍ଧ ହେଉଥିଲା। ଏହା ଏତେ ଅସହ୍ୟ ଥିଲା ଯେ ମୁଖ୍ୟ ବିଚାରପତି ନିତିନ ଜମଦାର ଏବଂ ଜଷ୍ଟିସ ବସନ୍ତ ବାଲାଜୀଙ୍କ ଡିଭିଜନ ବେଞ୍ଚ ସବୁ ମାମଲାର ଶୁଣାଣିକୁ ସ୍ଥଗିତ କରିଦେଇଥିଲେ। ସକାଳେ କୋର୍ଟ କାର୍ଯ୍ୟ କେବଳ ୨୦ ମିନିଟ ପାଇଁ ଚାଲିଥିଲା। ପରେ ଏହି ପ୍ରକୋଷ୍ଠକୁ ବନ୍ଦ କରିଦିଆଯାଇଥିଲା। ସରକାରୀ ଓକିଲଙ୍କ ସୂଚନା ଅନୁଯାୟୀ ଗତ କିଛି ଦିନ ହେଲା ଦୁର୍ଗନ୍ଧ ହେଉଥିଲା। ମଙ୍ଗଳବାର ଏହା ଅସହ୍ୟ ହୋଇଥିଲା। ପରେ ଅଦାଲତରେ ଜାଲ ବିଛା ଯାଇଥିଲା। ସେଥିରେ ଜଙ୍ଗଲୀ ବିଲେଇ ଫସିଥିଲା।

## ଶିକ୍ଷୟିତ୍ରୀ ମନୀଷାଙ୍କ ମୃତ୍ୟୁକୁ ନେଇ ହରିୟାଣାରେ ହଙ୍ଗାମା

ଭିୱାନୀ, ୧୯।୮ (ଏଜେନ୍ସି): ଶିକ୍ଷୟିତ୍ରୀ ମନୀଷା (୧୯)ଙ୍କ ମୃତ୍ୟୁକୁ ନେଇ ହରିୟାଣାରେ ବଡ଼ ବିବାଦ ସୃଷ୍ଟି ହୋଇଛି। ଭିୱାନୀର ଢାଣି ଲକ୍ଷ୍ମଣ ଗ୍ରାମର ମନୀଷା ନିଖୋଜ ହେବା ପରେ ମୃତଦେହ ମିଳିବା ଏବଂ ଏବେ ଅନ୍ତିମ ସଂସ୍କାରକୁ ନେଇ ସଂଘର୍ଷ ନବମ ଦିନରେ ପହଞ୍ଚିଛି। ଏହି ମାମଲାରେ ପୁଲିସ ସନ୍ଦେହଘେରରେ ରହିଛି। ବାରମ୍ବାର ପୁଲିସ ମନ୍ତବ୍ୟ ବଦଳାଉଥିବାରୁ ମାମଲାର ମୋଡ଼ ବଦଳୁଛି। ପରିବାର ସଦସ୍ୟ ଏହାକୁ ହତ୍ୟା କହୁଥିବାବେଳେ ପୁଲିସ ଆତ୍ମହତ୍ୟା ଦର୍ଶାଉଛି। ଗତ ୧୧ ତାରିଖରେ ନର୍ସିଂ କଲେଜରେ ନାମ ଲେଖାଇବାକୁ ଯାଇଥିବା ମନୀଷା ନିଖୋଜ ହୋଇଯାଇଥିଲେ। ଏତଲା ସତ୍ତ୍ୱେ ଲୋହାରୁ ପୁଲିସ ମାମଲାକୁ ଗୁରୁତର ଦେଇ ନ ଥିଲା। ୧୩ ତାରିଖରେ ସିଙ୍ଘାନୀ ଗ୍ରାମର କ୍ଷେତରୁ ମନୀଷାଙ୍କ ମୃତଦେହ ମିଳିଥିଲା। ତେବେ ମୃତଦେହ ନେବାକୁ ପରିବାର ଲୋକେ ମନା କରି ଦେଇଥିଲେ। ବ୍ୟବଚ୍ଛେଦ ରିପୋର୍ଟରେ ମନୀଷାଙ୍କ ବେକରେ କଟାଦାଗ ଥିବା ଜଣାପଡ଼ିଥିଲା। ଘରଲୋକଙ୍କ ଦାବିରେ ରୋହତକ ପିଜିଆଇରେ ପୁଣି ବ୍ୟବଚ୍ଛେଦ କରାଯାଇଥିଲା। ୧୮ରେ ପୁଲିସକୁ ସୁଇସାଇଡ ନୋଟ ମିଳିଥିଲା। ଜାଣିଶୁଣି ହତ୍ୟାକୁ ଆତ୍ମହତ୍ୟା ରୂପ ଦେବାକୁ ପ୍ରୟାସ କରାଯାଉଥିବା ଦାବି କରାଯାଇଥିଲା।

## ଗୋଧି ମାଂସ ଖାଇ ବନ୍ଧାହେଲେ ୟୁଟ୍ୟୁବର୍

ଠାକୁରମୁଣ୍ଡା/ମହୁଲଡିହା, ୧୯।୮ (ସମିସ): ଗୋଧିକୁ ମାରି ରାନ୍ଧି ଖାଇବା ଓ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିବା ଜଣେ ୟୁଟ୍ୟୁବର୍‌ଙ୍କୁ ମହଙ୍ଗା ପଡ଼ିଛି। ବନବିଭାଗ ତାଙ୍କୁ ଗିରଫ କରିଛି। ସେ ହେଲେ, ରୁପା ନାଏକ। ଏପରି ଘଟଣା ଘଟିଛି କରଞ୍ଜିଆ ବନଖଣ୍ଡ ଅଧୀନ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଚମ୍ପାଝର ଫରେଷ୍ଟ ବିଟ୍ ଅସନବଣୀ ଗ୍ରାମରେ। ରୁପା ଆଦିବାସୀଙ୍କ ଖାଦ୍ୟପେୟ ଉପରେ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ସେୟାର୍ କରନ୍ତି। ଗତ ରାକ୍ଷୀପୂର୍ଣ୍ଣିମା ଦିନ ସେ ତାଙ୍କ ଶଶୁର ଘରୁ ଫେରିବା ବେଳେ ରାସ୍ତାକଡ଼ରେ ଏକ ଗୋଧି ମରି ପଡ଼ିଥିବା ଦେଖି ତାକୁ ଘରକୁ ଆଣିଥିଲେ। ପରେ ତାକୁ କାଟି ରୋଷେଇ କରି ଖାଇବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ। ଏହା ପ୍ରଘଟ ହେବା ପରେ ଘଟଣାକୁ ଗୁରୁତ୍ୱର ସହ ନେଇ ବନବିଭାଗ ଯାଞ୍ଚ କରିଥିଲା। ଭିଡିଓରେ ସତ୍ୟତା ଥିବା ଜଣାପଡ଼ିବା ପରେ ବନବିଭାଗ ତାଙ୍କୁ ଗିରଫ କରିଛି। ପଚରାଉଚରା ବେଳେ ସେ ସତ ମାନିଛନ୍ତି। ଏପରିକି, ଗୋଧି ଖାଇଲେ ଅସୁବିଧା କ'ଣ ବୋଲି ଯୁକ୍ତି ବାଢ଼ିଛନ୍ତି।



ଏନେଇ କରଞ୍ଜିଆ ବନଖଣ୍ଡ ଅଧିକାରୀ ବୈଦନାଥ ମାଝୀ କହିଛନ୍ତି, ଗୋଧି ବିଲୁପ୍ତ ପ୍ରଜାତିର ଏକ ସରୀସୃପ। ଏହା ସୁରକ୍ଷା ଓ ସଂରକ୍ଷଣ ନିହାତି ଜରୁରୀ। ଏପରିସ୍ଥଳେ ଗୋଧି ମାରି କାଟି ଖାଇବା ଧର୍ତ୍ତବ୍ୟ ଅପରାଧ। କେହି ବି ବନ୍ୟପ୍ରାଣୀଙ୍କୁ ଶିକାର କରିପାରିବେ ନାହିଁ। ଏଥିପାଇଁ ସରକାରଙ୍କ କଡ଼ାକଡ଼ି ନିୟମ ରହିଛି। ଠାକୁରମୁଣ୍ଡା ବନବିଭାଗ ଏକ ମାମଲା ରୁଜୁକରି ଅଧିକ ତଦନ୍ତ କରୁଛି ବୋଲି ଠାକୁରମୁଣ୍ଡା ରେଞ୍ଜର ଉମାକାନ୍ତ ବେହେରା ସୂଚନା ଦେଇଛନ୍ତି।

# ରାଜ୍ୟରୁ ୪ ହଜାର ଏଡସ୍ ସଂକ୍ରମିତ ନିଖୋଜ

## ୧୭ରୁ ୩୫ ବର୍ଷ ବୟସ ବର୍ଗଙ୍କ ସଂଗୃହୀତ ନମୂନାରୁ ୪୧% ଏଚ୍‌ଆଇଭି ସଂକ୍ରମିତ

ଭୁବନେଶ୍ୱର, ୧୯।୮ (ସମିସ): 'ଗେଟିଙ୍ଗ ଟୁ ଜିରୋ, ନୋ ଏଡସ୍ ନୋ ଏଡସ୍, ନୋ ୟୋର୍ ଷ୍ଟାଟସ୍' ଏଭଳି ଶ୍ରୁତିମଧୁର ସ୍ଲୋଗାନ୍‌କୁ ନେଇ ଭୟାବହ ଏଚ୍‌ଆଇଭି ଏଡସ୍ ସଂକ୍ରମଣ ସଂପର୍କରେ ଜନସଚେତନତା ସୃଷ୍ଟି କରାଯାଉଛି। ସଂକ୍ରମିତଙ୍କ ସଂଖ୍ୟା ହ୍ରାସ କରିବା ଦିଗରେ ସରକାର ବଡ଼ ପଦକ୍ଷେପ ନେଉଛନ୍ତି। ମାତ୍ର ତୃଣମୂଳସ୍ତରରେ ସଚେତନ ବାର୍ତ୍ତା ପହଞ୍ଚିପାରୁନି। ଫଳରେ ପ୍ରତିବର୍ଷ ନୂଆ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ନୂଆପିଢ଼ିଙ୍କ କ୍ଷେତ୍ରରେ ସଂକ୍ରମଣ ବୃଦ୍ଧି ପାଉଥିବା ଜଣାପଡ଼ିଛି। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ବର୍ତ୍ତମାନ ଯେତିକି ଏଡସ୍ ରୋଗୀ ଚିହ୍ନଟ ହୋଇଛନ୍ତି, ତାଙ୍କ ଭିତରୁ ପାଖାପାଖି ୪ ହଜାର ସଂକ୍ରମିତଙ୍କ ପତ୍ତା ମିଳୁନି। ତେଣୁ ସଂକ୍ରମଣ ବୃଦ୍ଧି ହେବା ନେଇ ଆଶଙ୍କା ପ୍ରକାଶ ପାଉଛି।

ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିର ରିପୋର୍ଟ ଅନୁସାରେ, ପୁରୁଷ ସହ ପୁରୁଷଙ୍କ ଅପ୍ରାକୃତିକ ଯୌନ ସମ୍ପର୍କ ଯୋଗୁଁ ଏଚଆଇଭି ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯେଉଁଥିରୁ ପାଖାପାଖି ଅଧା ହେଉଛନ୍ତି ଯୁବଗୋଷ୍ଠୀ। ରାଜ୍ୟ ସରକାର ୨୦୩୦ ସୁଦ୍ଧା ଏଡସ୍‌ମୁକ୍ତ ଓଡ଼ିଶା ଗଠନ କରିବା ପାଇଁ ଚାହୁଁଥିବା ବେଳେ ବାସ୍ତବରେ ସଂକ୍ରମଣ କମିବାର ନାଁ ଧରୁନି। ବର୍ତ୍ତମାନର ସଂକ୍ରମଣ ଟ୍ରେଣ୍ଡ ଦେଖିଲେ, ଯୁବଗୋଷ୍ଠୀ ଅଧିକ ମାତ୍ରାରେ ଆକ୍ରାନ୍ତ ହେଉଛନ୍ତି। କାରଣ ଯୁବ ଗୋଷ୍ଠୀ ଏବେ ମାତ୍ରାଧିକ ସମଲିଙ୍ଗୀ ଅପ୍ରାକୃତିକ ଯୌନ ସମ୍ପର୍କରେ ଲିପ୍ତ ରହୁଛନ୍ତି। ବିଶେଷକରି ୧୭ରୁ ୩୫ବର୍ଷ ବୟସର ୪୧ ପ୍ରତିଶତ ଯୁବଗୋଷ୍ଠୀ ଏଚଆଇଭି ପଜିଟିଭ ଥିବା ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି।

ଶିକ୍ଷାନୁଷ୍ଠାନଗୁଡ଼ିକରେ ଏପରି ଅପ୍ରାକୃତିକ ଯୌନ ସମ୍ପର୍କ ମାମଲା ବଢୁଛି। ଗତ ଜୁଲାଇ ସୁଦ୍ଧା ୬୫ ହଜାର ୨୧୪ ଏଚଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ୧୭ରୁ ୩୫ ବର୍ଷ ବୟସ ଭିତରେ ପାଖାପାଖି ୨୬ହଜାର ୭୩୭ ସଂକ୍ରମିତ ବ୍ୟକ୍ତି ରହିଥିବା ଜଣାପଡ଼ିଛି। ଶିକ୍ଷାନୁଷ୍ଠାନ ହଷ୍ଟେଲ୍‌ରେ ଏପରି ଅପ୍ରାକୃତିକ ଯୌନ ସମ୍ପର୍କ ରଖିବାର ସମ୍ଭାବନା କମ ରହୁଥିବାରୁ ଅଧିକାଂଶ ପିଲାମାନେ ଘରୋଇ ମେସ୍ ବା ରୁମ୍ ଭଡ଼ା ନେଇ ରହୁଛନ୍ତି। ଯୁବବର୍ଗଙ୍କ ମଧ୍ୟରେ ଅପ୍ରାକୃତିକ ଯୌନସମ୍ପର୍କ ଏଚଆଇଭିକୁ ଆମନ୍ତ୍ରଣ କରୁଛି। ଯେଉଁମାନଙ୍କ ଭିତରେ ପ୍ରତିଷେଧକ ଶକ୍ତି କମ୍ ରହିଥାଏ, ସେମାନେ ଏଡସ୍ ଆଡ଼କୁ ଠେଲି ହୋଇ କଲବଲରେ ଜୀବନ ହାରନ୍ତି। ଏବେ ସୁଦ୍ଧା ଏଭଳି ୧୩ ହଜାର ୧୭୭ ଏଚଆଇଭି ପଜିଟିଭଙ୍କ ମୃତ୍ୟୁ ହୋଇଥିବା ସରକାରୀ ରିପୋର୍ଟରୁ ଜଣାପଡ଼ିଛି।

ବିପଦ ଏତିକିରେ ସରିନି; ପଞ୍ଜିକୃତ ୬୫ ହଜାର ୨୧୪ ଏଚଆଇଭି ପଜିଟିଭଙ୍କ ଭିତରୁ ୩, ୯୯୮ ସଂକ୍ରମିତଙ୍କ ପତ୍ତା ମିଳୁନି। ଏମାନଙ୍କ ଭିତରୁ ଅନେକ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି। କିଛି ଲୋକ ବାହାର ରାଜ୍ୟରୁ ଆସି ଓଡ଼ିଶାରେ ଟେଷ୍ଟିଂ କରିଛନ୍ତି। ଏପରିକି କିଛି ଲୋକ ସମାଜିକ ବାସନ୍ଦ ଭୟରେ ନିଜ ଭୁଲ ପରିଚୟ ଦେଇଥିବା କଥା ଯାଞ୍ଚ ପରେ ଜଣାପଡ଼ିଛି। ଏହି ନିଖୋଜ ଏଚଆଇଭି ପିଜିଟିଭ ସଂକ୍ରମିତଙ୍କ ସହ ଅଜାଣତରେ ଯଦି କେହି ଶାରୀରିକ ସଂପର୍କ ରଖନ୍ତି ପରିସ୍ଥିତି ସଙ୍ଗୀନ ହୋଇଯିବା ନେଇ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଏଚଆଇଭି ଏଡସ୍‌ର କୌଣସି ଚିକତ୍ସା ନାହିଁ। ହେଲେ, ଏଚ୍‌ଆଇଭି ପିଜିଟିଭ ଜଣାପଡ଼ିବା ମାତ୍ରେ ସଂକ୍ରମିତଙ୍କୁ ଆଣ୍ଟି ରେଟ୍ରୋଭାଇରାଲ ଥେରାପି ଏଆରଟି ଦେବା କଥା। ତେବେ ୬୫ହଜାର ୨୧୪ ସଂକ୍ରମିତଙ୍କ ମଧ୍ୟରୁ ୫୫ ହଜାର ୧୪୨ ଜଣ ଏଆରଟି ପଞ୍ଜୀକରଣ କରିଛନ୍ତି। ବାକି ୧୦ ହଜାର ୧୨୯ ଏଆରଟି ପଞ୍ଜୀକରଣ କରି ନଥିବାରୁ ଚିନ୍ତା ଆହୁରି ବଢ଼ିଛି। ତେଣୁ ସେହି ବ୍ୟକ୍ତିମାନେ ସଂକ୍ରମଣ ବଢ଼ାଉଥିବା ନେଇ ଅନୁମାନ କରାଯାଉଛି। ଏବେ ସେମାନଙ୍କ ଚିହ୍ନଟ କରି ପ୍ରତିଶେଧକ ଦେବା ଏକପ୍ରକାର ଚ୍ୟାଲେଞ୍ଜିଂ ପରିସ୍ଥିତି ସୃଷ୍ଟି କରିଛି।

## ପଛକୁ ପଛ ଆସୁଛି ଲଘୁଚାପ

ଭୁବନେଶ୍ୱର,୧୯।୮ (ସମିସ): ପଛକୁ ପଛ ଆସୁଛି ଲଘୁଚାପ। ଉତ୍ତର ବଙ୍ଗୋପସାଗରରେ ଏହି ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ସାରା ରାଜ୍ୟରେ ବର୍ଷା ନେଇ ଆକଳନ କରାଯାଉଛି। ସମ୍ଭାବ୍ୟ ଲଘୁଚାପଟି ଆସନ୍ତା ୨୪ ତାରିଖ ବେଳକୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ। ପରବର୍ତ୍ତୀ ସମୟରେ ଏହି ଲଘୁଚାପ ଅଧିକ ଘନୀଭୂତ ହେବା ସହ ସାରା ରାଜ୍ୟରେ ବର୍ଷା କରାଇପାରେ। ମୁଖ୍ୟତଃ ରାଜ୍ୟରେ ୨୩-୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ୨୪ ତାରିଖରେ ଗୋଟିଏ ଲଘୁଚାପ ସୃଷ୍ଟି ହେବ। ଏହାଦ୍ୱାରା ରାଜ୍ୟରେ ପ୍ରବଳ ବର୍ଷା ହେବ। ୨୭-୨୮ ବେଳକୁ ପୁଣି ଗୋଟିଏ ଲଘୁଚାପ ସମ୍ଭାବନା ରହିଛି। ତେଣୁ ପ୍ରାୟ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କେନ୍ଦ୍ରୀୟ ଭାରତରେ ମୌସୁମୀ ସକ୍ରିୟ ସହ ଭଲ ବର୍ଷା ଆକଳନ କରାଯାଉଥିବା ଡଃ ମହାପାତ୍ର କହିଛନ୍ତି।

ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଦେଇ ଆଗକୁ ବଢୁଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରି ଛତିଶଗଡ଼କୁ ଅଗ୍ରସର ହେବ ଓ ଦୁର୍ବଳ ହେବ। ଏହି ଅବପାତ ପ୍ରଭାବରେ ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବୁଧବାର ବର୍ଷାର ପ୍ରଭାବ କମିଲେ ମଧ୍ୟ କିଛି କିଛି ସ୍ଥାନରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

ଅନ୍ୟପଟେ ଅବପାତ ଯୋଗୁଁ ସମୁଦ୍ର ଉପକୂଳ ଅଂଚଳରେ ୪୦ ରୁ ୬୦ କିମି ପବନ ବହୁଛି। ଏଥିପାଇଁ ସମୁଦ୍ର ଅଶାନ୍ତ ରହିଛି। ତେଣୁ ଆସନ୍ତା୨୦ ତାରିଖ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ମୌସୁମୀ ଋତୁ ଅର୍ଥାତ୍ ଜୁନ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୭୨୬ ମିମି ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷା ୭୭୨.୮ ମିମି ବର୍ଷା ତୁଳନାରେ ଏବେବି ୬ ପ୍ରତିଶତ କମ ବର୍ଷା ରେକର୍ଡ ହୋଇଛି। ୨୦ ଜିଲ୍ଲାରେ ସ୍ୱାଭାବିକ ବର୍ଷା,୨ ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ଏବଂ ୮ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ଗତ ୨୪ ଘଂଟାରେ ଅଧିକାଂଶ ସ୍ଥାନରେ ହାଲୁକରୁ ମଧ୍ୟମ ବର୍ଷା ସହ ୯ ଟି ସ୍ଥାନରେ ପ୍ରବଳ ଗୋଟିଏ ସ୍ଥାନରେ ଅତି ପ୍ରବଳ ବର୍ଷା ରେକଡ଼ ହୋଇଥିବା ବେଳେ ସର୍ବାଧିକ ବର୍ଷା କୋରାପୁଟ କୋଟପାଡ଼ର ୧୩୩ ମିମି ରେକର୍ଡ କରାଯାଇଛି।

## ବଜ୍ରପାତ ନେଲା ୨ ଜୀବନ

ଝାରସୁଗୁଡ଼ା/କୋଲାବିରା,୧୯।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ପରମାଣପୁର ପଞ୍ଚାୟତ ଅଧୀନ କାଲିବାହାଲ ଗ୍ରାମରେ ମଙ୍ଗଳବାର ଅପରାହ୍ଣ ପ୍ରାୟ ୩ଟାରେ ବଜ୍ରପାତ ଘଟି ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଗ୍ରାମର ବୀର କିସାନ(୪୫) ଓ ଶଙ୍କର ମାଝୀଙ୍କ ସାନ ପୁଅ ଦୁଃଖବନ୍ଧୁ ମାଝୀ(୨୦)। ବୀର ଓ ଦୁଃଖବନ୍ଧୁ ଆଜି ଜମିରେ କୀଟନାଶକ ପକାଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଏହି ସମୟରେ ବର୍ଷା ପବନ ମାଡ଼ି ଆସିବା ସହ ଘନଘନ ବଜ୍ରପାତ ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ଉଭୟ ପାଖରେ ଥିବା ଏକ ମହୁଲ ଗଛ ତଳେ ଆଶ୍ରୟ ନେଇଥିଲେ। ସେଠାରେ ଏକ ବଜ୍ରପାତ ହେବାରୁ ଉଭୟ ଟଳି ପଡ଼ିଥିଲେ। ଗ୍ରାମବାସୀ ଦୁହିଁଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କୋଲାବିରା ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।



## ଗର୍ଜିଲା ପୁଲିସ୍ ବନ୍ଧୁକ
## ଦୁର୍ଦ୍ଦାନ୍ତ ସମଦକୁ ଏନ୍‌କାଉଣ୍ଟର୍

ସମ୍ବଲପୁର,୧୯।୮ (ସମିସ): ଦୀର୍ଘ ଦିନ ପରେ ପୁଣି ଗର୍ଜିଛି ସମ୍ବଲପୁର ପୁଲିସ୍‌ର ବନ୍ଧୁକ। ସର୍ବସାଧାରଣରେ ମାରପିଟ୍‌ଠାରୁ ଆରମ୍ଭ କରି ମରଣାନ୍ତକ ଆକ୍ରମଣ, ହତ୍ୟା, ଗୁଳିକାଣ୍ଡ, ଦୁଷ୍କର୍ମ ଭଳି ୧୫ରୁ ଉର୍ଦ୍ଧ୍ୱ ସଂଗିନ୍ ମାମଲାରେ ସଂଶ୍ଳିଷ୍ଟ ଥିବା ଦୁର୍ଦ୍ଦାନ୍ତ ଅପରାଧୀ ମହମ୍ମଦ ସମଦକୁ ଆଜି ଧନୁପାଲି ପୁଲିସ୍ ଏନ୍‌କାଉଣ୍ଟର୍ କରିଛି। ମୋତିଝରଣ ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା କରିବା ପରଠାରୁ ସେ ଫେରାର୍ ଥିଲା। ତାର ବାମ ଗୋଡ଼ରେ ଗୁଳି ବାଜିଛି। ସମଦ ପାଖରୁ ପୁଲିସ୍ ଗୋଟିଏ ୭.୬ମିମି ଦେଶୀ ପିସ୍ତଲ, ଗୋଟିଏ ୭.୬ମିମି ଗୁଳି, ୩ଟି ଖାଲି କ୍ୟାଟ୍ରିଜ୍, ଗୋଟିଏ ଆପାଚେ ଆର୍ଟି ବାଇକ୍ ଓ ଗୋଟିଏ ମୋବାଇଲ ଜବତ କରିଛି। ପୁଲିସ୍ ତାକୁ ଚିକିତ୍ସା ଲାଗି ଭିମସାରରେ ଭର୍ତ୍ତି କରାଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ ଏହି ସୂଚନା ଦେଇଛନ୍ତି। ତେବେ ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ସାମଦଙ୍କ ଭାଇ ମହମ୍ମଦ ୱାସିମ ଫେରାର ଅଛି। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ତନାଘନା ଜାରି ରଖିଛି।

ପୁଲିସ୍ ସୂଚନାନୁଯାୟୀ, ଧନୁପାଲି ଥାନା ଅନ୍ତର୍ଗତ ମୋତିଝରଣର ଅଭିଯୁକ୍ତ ମହମ୍ମଦ ସମଦ ଓ ତାର ଭାଇ ମହମ୍ମଦ ୱାସିମ ସୋମବାର ରାତି ପ୍ରାୟ ୧୦ଟାରେ ମୋତିଝରଣର ଅସଫାକ ଖାନଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ଧନୁପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅସଫାକ୍‌ଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଜାବିଜ ଖାନଙ୍କ ଅଭିଯୋଗ ଆଧାରରେ ଧନୁପାଲି ଥାନା ପୁଲିସ କେସ ନଂ. ୨୮୦ ତା.୧୮.୦୮.୨୦୨୫ ଦଫା ୧୦୩(୧), ୩(୫) ବିଏନ୍‌ଏସ୍‌ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲା। ସମ୍ବଲପୁର ସହରର ସମସ୍ତ ରାସ୍ତାରେ ନାକା କରି ବିଭିନ୍ନ ସ୍ଥାନରେ ଯାଞ୍ଚ ଚାଲିଥିଲା। ଗୁଇନ୍ଦା ସୂଚନା ଆଧାରରେ ମଙ୍ଗଳବାର ୧୯ ତାରିଖ ଭୋର୍ ସମୟରେ ଖଣ୍ଡୁଆଳ ଗ୍ରାମ ନିକଟରେ ଅଭିଯୁକ୍ତ ସାମଦ ଲୁଚିଥିବା ଜଣାପଡ଼ିଥିଲା। ପୁଲିସ ତାକୁ ଆତ୍ମସମର୍ପଣ ପାଇଁ କହିବାରୁ ସେ ପୁଲିସ ଉପରକୁ ଦୁଇ ରାଉଣ୍ଡ ଗୁଳିଚାଳନା କରିଥିଲା। ପରେ ପୁଲିସର ଗୋଟିଏ ରାଉଣ୍ଡ ପାଲଟା ଗୁଳିଚାଳନାରେ ସମଦ ଆହତ ହୋଇଥିଲା। ସାମଦ ନାମରେ ଧନୁପାଲି ଥାନା ପୁଲିସ କେସ ନଂ. ୨୮୧ ତା.୧୯.୦୮.୨୦୨୫ ଦଫା ୧୩୨, ୨୨୪, ୧୦୯(୧) ବିଏନ୍‌ଏସ୍, ୨୫(୧)(ବି)(ଏ)/୨୭ ଆର୍ମସ ଆକ୍ଟରେ ଆଉ ମାମଲା ରୁଜୁ କରିଛି।

## ୪ ଜୋନ୍‌ରେ ମହିଳା ସମାବେଶ କରିବ କଂଗ୍ରେସ

ଭୁବନେଶ୍ୱର,୧୯।୮ (ସମିସ): ଭାରତୀୟ ଜାତୀୟ କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲାଲ୍ଲୁ ଚାରିଦିନିଆ ଓଡିଶା ଗସ୍ତରେ ଆସି ଦଳର ଏକାଧିକ ସାଙ୍ଗଠନିକ ବୈଠକରେ ସ୍ଥିତି ସମୀକ୍ଷା କରିଛନ୍ତି। ଏହି ବୈଠକଗୁଡ଼ିକରେ କଂଗ୍ରେସର ଆଗାମୀ କାର୍ଯ୍ୟକ୍ରମ ନେଇ ଅନେକ ନିଷ୍ପତ୍ତି ନିଆଯାଇଛି। ଏଥିରେ ମୁଖ୍ୟତଃ ବିଧାୟକ ଓ ସାଂସଦ ପ୍ରାର୍ଥୀମାନେ ନିଜ ଅଞ୍ଚଳରେ ମାସକୁ ଅନ୍ୟୂନ ୨୦ ଦିନ ରହି ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ସହ ଭୋଟ ଜାଲିଆତି ସମ୍ପର୍କରେ ସଚେତନ କରିବାକୁ ନିଷ୍ପତ୍ତି ହୋଇଛି। ଏହାସହିତ ପିସିସି ପଦାଧିକାରୀମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି ବ୍ଲକସ୍ତରୀୟ ଏବଂ ବୁଥସ୍ତରୀୟ କମିଟି ଗଠନ କରିବା ସହ ଭୋଟ ଚୋରି ପ୍ରସଙ୍ଗକୁ ଘରେଘରେ ପହଞ୍ଚାବା ନେଇ ନକ୍ସା ପ୍ରଦାନ କରାଯାଇଛି। ସେବା ଦଳ ବୈଠକରେ ରାଜ୍ୟ ଓ ବ୍ଲକ ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ କରାଇ ପ୍ରତି ବ୍ଲକରୁ ଅତି କମ୍‌ରେ ୧୦ ଜଣଙ୍କୁ କଂଗ୍ରେସ କାର୍ଯ୍ୟରେ ନିୟୋଜିତ କରାଇବାକୁ ନିଷ୍ପତ୍ତି ହୋଇଛି। ସେହିପରି ସମସ୍ତ କଂଗ୍ରେସ ପଦାଧିକାରୀଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହିଳା କଂଗ୍ରେସ ବୈଠକରେ ରାଜ୍ୟରେ ବୃଦ୍ଧି ପାଉଥିବା ନିର୍ଯାତନାକୁ କିପରି ରୋକାଯାଇ ପାରିବ, ସେ ନେଇ ବିଶେଷ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟରେ ଚାରୋଟି ଜୋନ କରାଯିବ ଓ ମହିଳାଙ୍କୁ ପ୍ରତ୍ୟେକ ଜୋନରେ ଦାୟିତ୍ୱ ପ୍ରଦାନ କରାଯାଇ ମହିଳା ଜିଲ୍ଲା ସଭାପତି ଚୟନ କରାଯିବ। ଜିଲ୍ଲା ସଭାପତି ଚୟନ ପରେ ଚାରୋଟି ଜୋନରେ ବିଶାଳ ମହିଳା ସମାବେଶ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ବୈଠକରେ ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ସମସ୍ତ ବ୍ଲକ, ମଣ୍ଡଳ ଓ ପଞ୍ଚାୟତ କମିଟି ଗଠନ ପାଇଁ ଏଆଇସିସି ପ୍ରଭାରୀ ନିର୍ଦ୍ଦେଶ ଦେବା ସହିତ ଜିଲ୍ଲା ପରିଷଦ ପ୍ରାର୍ଥୀ ଖୋଜିବା ପ୍ରକ୍ରିୟା ଏବେଠୁ ଆରମ୍ଭ କରିବା ପାଇଁ କହିଛନ୍ତି।

**ଏବେଠୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଖୋଜିବ ଦଳ**

## ଲାଞ୍ଚୁଆ ପୂର୍ବତନ ସହକାରୀ ଯନ୍ତ୍ରୀଙ୍କୁ ୩ ବର୍ଷ ଜେଲ୍

ବାଲେଶ୍ୱର,୧୯।୮ (ସମିସ): ଏକ ଲାଞ୍ଚ ମାମଲାରେ ବାଲେଶ୍ୱର ଉଠା ଜଳସେଚନ କାର୍ଯ୍ୟାଳୟର ପୂର୍ବତନ ସହକାରୀ ଯନ୍ତ୍ରୀ (ଏଷ୍ଟିମେଟର) କୁମୁଦ ଚନ୍ଦ୍ର ପ୍ରଧାନଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଛି। ଏହାଛଡ଼ା ତାଙ୍କୁ ୫୦ହଜାର ଟଙ୍କା ଜରିମାନା ଆଦେଶ କରାଯାଇଛି। ଜରିମାନା ଟଙ୍କା ଅନାଦେୟ ହେଲେ, ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲଳିତ କୁମାର ଦାଶ ରାୟରେ ଉଲ୍ଲେଖ କରିଛନ୍ତି।

୨୦୧୬ ମସିହାରେ ଶ୍ରୀ ପ୍ରଧାନ ବାଲେଶ୍ୱର ସଦର ବ୍ଲକ ଅର୍ନ୍ତଗତ ହିଞ୍ଜିଳା ଗ୍ରାମରେ ସେଲୋ କ୍ଲୋଷ୍ଟର ପ୍ରୋଜେକ୍ଟ କାର୍ଯ୍ୟରେ ଚୁକ୍ତିପତ୍ର ପ୍ରୋସେସିଙ୍ଗ କରିବା ପାଇଁ ଟେଣ୍ଡର୍ ନେଇଥିବା ଠିକାଦାର କାର୍ତ୍ତିକ ଚନ୍ଦ୍ର ପୃଷ୍ଟିଙ୍କଠାରୁ ନଗଦ ୧୦ ହଜାର ଟଙ୍କା ଦାବି କରି ୨୦୧୬ ଅକ୍ଟୋବର ୪ରେ ନେଇଥିଲେ। ସେହି ସମୟରେ ଭିଜିଲାନସ ବିଭାଗ ତାଙ୍କୁ ମାଡ଼ି ବସିଥିଲା। ତାଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରାଯିବା ସହ ଭିଜିଲାନସ କେସ ନମ୍ବର ୫୭/୧୬ନମ୍ବରରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ମାନସୀ ଜେନା ତଦନ୍ତ ପରେ କୋର୍ଟରେ ଚାର୍ଜସିଟ ମଧ୍ୟ ଦାଖଲ କରିଥିଲେ। ଏହି ମାମଲାଟି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାରଧୀନ ରହିଥିଲା।

## ବଦଳିଲା ପଦବୀ ନାମ
## ଫରେଷ୍ଟଗାର୍ଡ ଏଣିକି ଆସିଷ୍ଟାଣ୍ଟ ଫରେଷ୍ଟର୍

ଭୁବନେଶ୍ୱର, ୧୯।୮ (ସମିସ): ରାଜ୍ୟରେ ଏଣିକି ଫରେଷ୍ଟ ଗାର୍ଡ (ବନରକ୍ଷୀ) ପଦବୀ ଆସିଷ୍ଟାଣ୍ଟ ଫରେଷ୍ଟର୍ (ସହକାରୀ ବନପାଳ) ପଦବୀ ଭାବେ ବିବେଚନା କରାଯିବ। ଫରେଷ୍ଟଗାର୍ଡମାନେ ବନ ବିଭାଗ ଦ୍ୱାରା ଏକାଧିକ କାର୍ଯ୍ୟରେ ନିୟୋଜିତ ରହୁଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରୁଛନ୍ତି। ତେଣୁ ସେମାନଙ୍କ ପଦବୀକୁ ଫରେଷ୍ଟଗାର୍ଡ ବଦଳରେ ଆସିଷ୍ଟାଣ୍ଟ ଫରେଷ୍ଟର୍ ଭାବେ ନାମିତ କରାଯାଇଛି। ମଙ୍ଗଳବାର ଏନେଇ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ପକ୍ଷରୁ ବନରକ୍ଷୀଙ୍କୁ ସହାୟକ ବନପାଳ ଭାବେ ପୁନଃନାମିତ କରିବା ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘ ନିଜ ଦାବିରେ ଦର୍ଶାଇଥିଲା ଯେ ବନ ବିଭାଗର ବନରକ୍ଷୀମାନେ ସେମାନଙ୍କ ଅଧିକାର କ୍ଷେତ୍ର ମଧ୍ୟରେ ଜଙ୍ଗଲ ଏବଂ ବନାଗ୍ନି ସୁରକ୍ଷା, ବନ୍ୟ ଜୀବ ପରିଚାଳନା, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଯଥା ଜାଇକା, କାମ୍ପା, ଏଫ୍‌ଡିଏ, ଏନ୍‌ଆରଜିଏ ଭଳି କାର୍ଯ୍ୟ କରୁଛନ୍ତି। ଏହାସହ ବିଭାଗୀୟ କାର୍ଯ୍ୟ ସମ୍ପାଦନ ସାଙ୍ଗକୁ ଜନସମ୍ପର୍କ, ସ୍ଥାନୀୟଜନଜାତି ଏବଂ ବନବାସୀଙ୍କ ସହିତ ଜଡ଼ିତ ରହୁଛନ୍ତି। ଏହାସହ ଭିଏସ୍‌ଏସ୍ ଓ ଇଡିସିମାନଙ୍କ ସହ ଜଡ଼ିତ ହୋଇ ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି। ବନ୍ୟଜନ୍ତୁଙ୍କ ଜୀବନହାନିକୁ ରୋକିବାରେ ସାଧାରଣ ଲୋକଙ୍କୁ ସାମିଲ କରିବାରେ ମଧ୍ୟ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଓ ଜନସଚେତନତା ସୃଷ୍ଟି କରୁଛନ୍ତି। ଉପରୋକ୍ତ କାର୍ଯ୍ୟ ସମ୍ପାଦନ ଦୃଷ୍ଟିରୁ ସେମାନଙ୍କୁ ଆସିଷ୍ଟାଣ୍ଟ ଫରେଷ୍ଟର୍ ଭାବେ ବିବେଚନା କରିବାକୁ ଦାବି କରାଯାଇଥିଲା। ଏନେଇ ସଂଘ ପକ୍ଷରୁ ଗତ ୩୦ ଜୁନ୍‌ରେ ରାଜ୍ୟ ସରକାରଙ୍କ ନିକଟରେ ଦାବିପତ୍ର ମଧ୍ୟ ଦାଖଲ କରିଥିଲେ। ରାଜ୍ୟ ସରକାର ସେମାନଙ୍କ ଦାବିକୁ ଗ୍ରହଣ କରି ଏହା ପୂରଣ କରିଥିବାରୁ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଯାଇଛି।

## କୁମ୍ଭୀର ମୁହଁରୁ ଛଡ଼ାଇ ଆଣିଲେ ଜୀବନ

ରାଜକନିକା, ୧୯।୮ (ସମିସ): କୁମ୍ଭୀର ମୁହଁରୁ ପୁଅର ଜୀବନ ଛଡ଼ାଇ ଆଣିଲେ ବାପା। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ଖୁଣ୍ଟା ଗ୍ରାମରେ ଆଜି ଏପରି ଏକ ଘଟଣା ଘଟିଛି। ଗ୍ରାମର ରତ୍ନାକର ମଲିକ ଆଜି ନିଜ ଜୀବନକୁ ବାଜି ଲଗାଇ କୁମ୍ଭୀର ସହ ସଂଗ୍ରାମ କରି ପୁଅକୁ ବଞ୍ଚାଇଛନ୍ତି। ପୁଅ ରାକେଶ ମଲ୍ଲିକ (୧୩)କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କୁମ୍ଭୀର ଆକ୍ରମଣରେ ରାକେଶର ବାମ ଜଙ୍ଘ ଓ ଆଣ୍ଠୁତଳ ପେଣ୍ଡାରେ ଗଭୀର କ୍ଷତ ହୋଇଛି।



ସୂଚନାନୁଯାୟୀ, ରାକେଶ ଅଷ୍ଟମ ଶ୍ରେଣୀରେ ପାଠ ପଢ଼େ। ଆଜି ଦିନ ପ୍ରାୟ ସାଢ଼େ ୨ଟା ବେଳେ ସେ ବିଲରେ କାମ କରୁଥିବା ରତ୍ନାକରଙ୍କ ପାଇଁ ଖାଇବା ନେଇ ଯାଇଥିଲା। ବାପା ଖାଇ ସାରିବା ପରେ ରାକେଶ କେଟିଲ୍ ଧୋଇବାକୁ ବ୍ରାହ୍ମଣୀ ନଦୀ ସଂଲଗ୍ନ ଖୁଣ୍ଟା ଯୋରକୁ ଯାଇଥିଲା। ସେଠାରେ କେଟିଲ୍ ଧୋଇବା ବେଳ ହଠାତ୍ ଏକ କୁମ୍ଭୀର ଉପରକୁ ଉଠିଆସି ରାକେଶର ବାମପଟ ଜଙ୍ଘକୁ ଧରି ଘୋଷାଡ଼ି ନେଇଥିଲା। ରାକେଶ ଜୀବନ ବିକଳରେ ପାଖରେ ଥିବା ବେଣାବୁଦାକୁ ଜୋର୍‌ରେ ଜାବୁଡ଼ି ଧରିବା ସହ ବାପାଙ୍କୁ ଡାକ ପକାଇଥିଲା। ଚିତ୍କାର ଶୁଣି ରତ୍ନାକର ସଙ୍ଗେସଙ୍ଗେ ଦୌଡ଼ିଆସିଥିଲେ। ନିଜ ଜୀବନକୁ ଖାତିର୍ ନ କରି ସେ ପାଣି ଭିତରେ ପଶି କୁମ୍ଭୀର ସହ ଲଢ଼େଇ କରି ପୁଅର ଜୀବନ ବଞ୍ଚାଇଥିଲେ। କୁମ୍ଭୀର କାମୁଡ଼ାରେ ରାକେଶର୍କ ବାମ ଜଙ୍ଘ ଓ ଆଣ୍ଠୁତଳ ପେଣ୍ଡାରେ ଗଭୀର କ୍ଷତ ହୋଇଛି। ଗୁରୁତର ରାକେଶକୁ ଗାଁ ଲୋକେ ତୁରନ୍ତ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାଯାଇଛି।

## ଗାଈ ଜଗୁଆଳିଙ୍କୁ ଟାଣିନେଲା କୁମ୍ଭୀର

କେନ୍ଦ୍ରାପଡ଼ା,୧୯।୮ (ସମିସ): ଗାଈ ଜଗୁଆଳିଙ୍କୁ ଘୋଷାଡ଼ିନେଲା କୁମ୍ଭୀର। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମାଣିକପାଟଣା ପଞ୍ଚାୟତରେ ଆଜି ଏପରି ଏକ ଘଟଣା ଘଟିଛି। ମୃତକ ହେଲେ, ମାଣିକପାଟଣା ପଞ୍ଚାୟତ ମାଣିକପାଟଣା ଗ୍ରାମର ପଞ୍ଚାନନ ଦାସ (୬୦)। ଅଗ୍ନିଶମବାହିନୀ ବୋଟ୍ ସାହାଯ୍ୟରେ ୩ଘଣ୍ଟା ଧରି ଖୋଜାଖୋଜି କରିବା ପରେ ତାଙ୍କ କ୍ଷତବିକ୍ଷତ ମୃତଦେହକୁ ନଦୀରୁ ଉଦ୍ଧାର କରିଛି।



**ନଦୀରୁ ମୃତଦେହ ଉଦ୍ଧାର**

ସୂଚନା ମୁତାବକ, ପଞ୍ଚାନନ ଆଜି ବ୍ରାହ୍ମଣୀ ନଦୀର ନଗଡ଼ଘାଟ ନିକଟ ପଠାକୁ ଗାଈ ଚରାଇବାକୁ ଯାଇଥିଲେ। ଗାଈ ଚରାଇବା ପରେ ସେ ଗାଧୋଇବାକୁ ନଦୀ ଭିତରକୁ ପଶିଥିଲେ। ଏହି ସମୟରେ ଏକ କୁମ୍ଭୀର ତାଙ୍କୁ ଘୋଷାଡ଼ି ନେଇଥିଲା। ଏପଟେ, ଦୀର୍ଘ ସମୟ ଧରି ନ ଫେରିବାରୁ ସାଥୀ ଗାଈ ଚରାଳିଙ୍କ ସନ୍ଦେହ ହୋଇଥିଲା। ନଦୀପଠାରେ ପଞ୍ଚାନନଙ୍କ ପନ୍ଦା ଲୁଗା ଥୁଆ ହୋଇଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ନଦୀରେ ଖୋଜାଖୋଜି କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ବୋଟ ସାହାଯ୍ୟରେ ୩ଘଣ୍ଟା ଧରି ଖୋଜାଖୋଜି କରିବା ପରେ ମୃତଦେହ ଉଦ୍ଧାର କରିଥିଲେ। ଏ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

## ମହିଳାଙ୍କୁ ଗଳାକାଟି ହତ୍ୟା ଓ ଝିଅକୁ ଆକ୍ରମଣ ଘଟଣା
# କର୍ଣ୍ଣାଟକରୁ ଧରାହେଲା ଅଭିଯୁକ୍ତ ପ୍ରେମିକ ଶାନ୍ତନୁ



ବ୍ରହ୍ମପୁର, ୧୯।୮ (ସମିସ): ଶ୍ରୀମାନଗର ଦ୍ୱିତୀୟଲାଇନ୍ ନିବାସୀ ଗାୟତ୍ରୀ ସ୍ୱାଇଁ ହତ୍ୟା ମାମଲାରେ ନିମଖଣ୍ଡି ପୁଲିସ୍ ଆଜି ଅଭିଯୁକ୍ତ ଶାନ୍ତନୁ ପାତ୍ର(୨୯)କୁ କର୍ଣ୍ଣାଟକ କଲବର୍ଗି ଜିଲ୍ଲା ୱାଡ଼ି ରେଲଷ୍ଟେସନ୍‌ରୁ ଗିରଫ କରିଛି। ଶାନ୍ତନୁର ଘର ବାଲେଶ୍ୱର ଖନ୍ତାପଡ଼ା ଅଞ୍ଚଳରେ। ସେ ନକଲି ଆଧାରକାର୍ଡ ଜରିଆରେ ବ୍ରହ୍ମପୁରରେ ସୁନୀଲ ସ୍ୱାଇଁ ନାମରେ ରହି ପରିବା ବ୍ୟବସାୟ କରୁଥିଲା। ଶାନ୍ତନୁ ବିବାହିତ ଓ ପତ୍ନୀଙ୍କ ସହ ଝଗଡ଼ା ପରେ ସେ ଅଲଗା ରହୁଥିଲେ। ୨୦୧୯ରେ ଶାନ୍ତନୁ ନିଜ ସମ୍ପର୍କୀୟ ଦୁଇ ଭଉଣୀଙ୍କୁ ହୋଇଥିବା ଗଣଦୁଷ୍କର୍ମ ଘଟଣାରେ ସମ୍ପୃକ୍ତ ଥିଲା। ଏନେଇ ଖନ୍ତାପଡ଼ା ଥାନାରେ ଅଭିଯୋଗ ପରେ ସେ ଫେରାର୍ ହୋଇଯାଇଥିଲା। କିଛି ଦିନ ମୁମ୍ବାଇରେ ଲୁଚି ରହିବା ପରେ ବ୍ରହ୍ମପୁର ଆସି ପରିବା ବିକିଥିଲା। ଗାୟତ୍ରୀଙ୍କ ସହ ସୁନୀଲର କିଭଳି ପରିଚୟ ହୋଇଥିଲା ଏବଂ କାହିଁକି ସେ ତାଙ୍କୁ ହତ୍ୟା କଲା, ସେ ସଂପର୍କରେ ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇଛନ୍ତି। ଅପରପକ୍ଷେ, ଆସନ୍ତାକାଲି ପୁଲିସ୍ ତାକୁ ସାଥୀରେ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ୍ କରାଇବ ବୋଲି ଜଣାଯାଇଛି।

ପୁଲିସ୍ ସୂଚନାନୁସାରେ, ସୁନୀଲ ସ୍ୱାଇଁ ନାଁରେ ଶାନ୍ତନୁ ଫେସବୁକ୍ ଏକ ଆକାଉଣ୍ଟ ଖୋଲିଥିଲା। ସେଥିରେ ଗାୟତ୍ରୀଙ୍କ ସହ ପରିଚୟ ହୋଇଥିଲା। ପରେ କଥାବାର୍ତ୍ତାରୁ ଦୁହିଁଙ୍କ ମଧ୍ୟରେ ପ୍ରେମସଂପର୍କ ଗଢ଼ି ଉଠିଥିଲା। ସେତେବେଳେ ସୁନୀଲ ମୁମ୍ବାଇରେ ଏବଂ ଗାୟତ୍ରୀ ସପରିବାରେ କୋରାପୁଟରେ ରହୁଥିଲେ। ଧୀରେଧୀରେ ଦୁହିଁଙ୍କ ମଧ୍ୟରେ ସଂପର୍କ ଘନିଷ୍ଠ ହେବାରୁ ଉଭୟ କୌଣସି ସ୍ଥାନରେ ସାକ୍ଷାତ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ଗାୟତ୍ରୀ ନିଜ ଶାଶୂଘର ବ୍ରହ୍ମପୁରସ୍ଥିତ ଗେଟ୍‌ବଜାର ରଘୁପତି ନଗରକୁ ଚାଲି ଆସିଥିଲେ। କିନ୍ତୁ ଶାଶୂଘର ଲୋକଙ୍କ ସହ ଝଗଡ଼ା ହେବାରୁ ଗାୟତ୍ରୀ ବ୍ରହ୍ମପୁରର ରାମଲିଙ୍ଗେଶ୍ୱର ପାର୍କ ନିକଟରେ ଏକ ଭଡ଼ାଘରେ ରହୁଥିଲେ। ସ୍ୱାମୀ ସାଧୁ କାମରେ ଭୁବନେଶ୍ୱର ଚାଲିଗଲା ପରେ ଗାୟତ୍ରୀ ସୁନୀଲକୁ ଭେଟିବାକୁ ବ୍ରହ୍ମପୁର ଡାକୁଥିଲେ। ୨୦୨୩ରେ ଗାୟତ୍ରୀ ବଡ଼ବଜାର ଥାନା ଓମ୍ ନଗରରେ ଅଭିଯୁକ୍ତ ସୁନୀଲର ଏକ ନକଲି ଆଧାରକାର୍ଡ କରି ତିଆରି କରାଇ ଦେଇଥିଲେ। ପରେ ସୁନୀଲ ସାଙ୍ଗରେ ଗାୟତ୍ରୀଙ୍କୁ ନେଇ ମୁମ୍ବାଇ ଫେରାର୍ ହୋଇଯାଇଥିଲା। ଏନେଇ ବଡ଼ବଜାର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। କିନ୍ତୁ ୧୦ ଦିନ ପରେ ଗାୟତ୍ରୀ ଘରକୁ ଫେରି ଆସିଥିଲେ। ତଥାପି ଗାୟତ୍ରୀ ଓ ଶାନ୍ତନୁଙ୍କ ମଧ୍ୟରେ ସମ୍ପର୍କ ରହିଥିଲା। ରାମଲିଙ୍ଗେଶ୍ୱର ପାର୍କ ନିକଟରେ ରହୁଥିବା ଭଡ଼ାଘର ସ୍ଥାନଟି ଜନଗହଳିପୂର୍ଣ୍ଣ ହୋଇଥିବାରୁ ଗାୟତ୍ରୀଙ୍କ ସହ ଶାନ୍ତନୁ ଭଲ ଭାବେ ମିଶି ପାରୁନଥିଲା। ତେଣୁ ଗାୟତ୍ରୀ ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମାନଗର ଦ୍ୱିତୀୟ ଲାଇନ୍‌ରେ ଆଉ ଏକ ଭଡ଼ାଘରକୁ ଆସିଥିଲେ। ସେପଟେ ଲୋଚାପଡ଼ା ଧୋବାନାଳ ନିକଟରେ ସୁନୀଲ ଘରଭଡ଼ା ନେଇ ରହୁଥିଲା। ଏପରିକି, ଗାୟତ୍ରୀଙ୍କଠାରୁ ୨୫ହଜାର ଟଙ୍କା ନେଇ ସୁନୀଲ ଲୋଚାପଡ଼ାରେ ଏକ ପରିବା ଦୋକାନ ଆରମ୍ଭ କରିଥିଲା। ତେବେ କିଛି ଦିନ ପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିବାରୁ ଗାୟତ୍ରୀ ଆଉ ସୁନୀଲର ଫୋନ୍ କଲ୍ ଉଠାଇନଥିଲେ। ରାକ୍ଷୀ ପୂର୍ଣ୍ଣିମା ସମୟରେ ଗାୟତ୍ରୀ ତାଙ୍କ ଝିଅ ସହିତ ହିଞ୍ଜିଳିକାଟୁ ନିଜ ଭାଇଙ୍କ ଗାଁକୁ ଯାଇଥିଲେ। ଏହି ସମୟରେ ସୁନୀଲ ଫୋନ କରିଥିଲେ ହେଁ ଗାୟତ୍ରୀ ଉତ୍ତର ଦେଇନଥିଲେ। ଧୀରେଧୀରେ ସେ ସୁନୀଲଠାରୁ ଦୂରେଇ ଯିବା ଓ ହାତରେ ରାକ୍ଷୀ ବାନ୍ଧି ଭାଇ କରିବାକୁ କହିବା ପରେ ଶାନ୍ତନୁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା।

ଗତ ୧୦ ତାରିଖ ରାତିରେ ଗାୟତ୍ରୀଙ୍କ ଭଡ଼ା ଘରକୁ ସୁନୀଲ ଯାଇ ଝଗଡ଼ା କରିଥିଲା। ପରେ ତାଙ୍କୁ ଛୁରି ଭୁସି ହତ୍ୟା କରିଥିଲା। ଗାୟତ୍ରୀଙ୍କ ଝିଅ ଏହା ଦେଖି ଦେବାରୁ ତାକୁ ମଧ୍ୟ ସୁନୀଲ ଛୁରିରେ ଆକ୍ରମଣ କରିଥିଲା। ଘଟଣା ପରେ ରାତି ପ୍ରାୟ ୧୨ଟାରେ ସେ ଗାୟତ୍ରୀଙ୍କ ଘରୁ ବାହାରି ନିଜ ଭଡ଼ା ଘରକୁ ଯାଇଥିବା ପୁଲିସ ସିସିଟିଭି ଫୁଟେଜରୁ ସ୍ପଷ୍ଟ କରିଥିଲା। ସେଠାରୁ ବ୍ରହ୍ମପୁର ଷ୍ଟେସନ ଦେଇ ସୁନୀଲ କର୍ଣ୍ଣାଟକ ଫେରାର ହୋଇଯାଇଥିଲା। ପୁଲିସ ଅଭିଯୁକ୍ତକୁ କର୍ଣ୍ଣାଟକସ୍ଥିତ କୋର୍ଟରେ ହାଜର କରି ଟ୍ରାଞ୍ଜିଟ ରିମାଣ୍ଡରେ ଆଣି ବ୍ରହ୍ମପୁର କୋର୍ଟରେ ହାଜର କରିଛି। ଏଠାରେ ପୁଲିସ ଅଭିଯୁକ୍ତକୁ ୩ ଦିନ ରିମାଣ୍ଡରେ ନେଇ ଆହୁରି ଅଧିକ ତଥ୍ୟ ହାସଲ କରିବ ବୋଲି ଆଶା ରଖିଛି। ଅଭିଯୁକ୍ତକୁ ଧରିବାକୁ ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଶାହାଙ୍କ ନେତୃତ୍ୱରେ ଏସ୍‌ଆଇ ଜ୍ଞାନ ବେହେରା ଓ ଅନ୍ୟ ଥାନା କର୍ମଚାରୀମାନେ ମୁମ୍ବାଇ, ଆନ୍ଧ୍ର ଓ କର୍ଣ୍ଣାଟକ ଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

- ବାଲେଶ୍ୱର ଗଣଦୁଷ୍କର୍ମ ମାମଲାରେ ଫେରାର୍ ଥିଲା
- ପରିଚୟ ଲୁଚାଇ ବ୍ରହ୍ମପୁରରେ ପରିବା ବିକୁଥିଲା

## ଅଶୋକ ସାହୁ ପାରାଦୀପ ବନ୍ଦର ଆର୍ଥିକ ପରାମର୍ଶଦାତା ନିଯୁକ୍ତ



ପାରାଦୀପ, ୧୯।୮ (ସମିସ): ଅଶୋକ କୁମାର ସାହୁ ପାରାଦୀପ ବନ୍ଦରର ଆର୍ଥିକ ପରାମର୍ଶଦାତା ଓ ମୁଖ୍ୟ ଆକାଉଣ୍ଟସ୍ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ସାହୁ ୨୦୦୫ରେ ୟୁରାନିୟମ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ ସହିତ ଜୁନିଅର୍ ଆକାଉଣ୍ଟସ୍ ଅଧିକାରୀ ଭାବେ ତାଙ୍କର ବୃତ୍ତିଗତ ଯାତ୍ରା ଆରମ୍ଭ କରିଥିଲେ। ପରେ ସେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷରେ ଯୋଗ ଦେଇଥିଲେ। ସେ ୨୦୦୫ରୁ ୨୦୧୬ ମଧ୍ୟରେ ଆକାଉଣ୍ଟସ୍ ଅଧିକାରୀ ଗ୍ରେଡ୍-୧ ଓ ବରିଷ୍ଠ ଆକାଉଣ୍ଟସ୍ ଅଧିକାରୀ ଭାବେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲେ। ୨୦୧୬ରେ ତାଙ୍କୁ ବରିଷ୍ଠ ଉପମୁଖ୍ୟ ଆକାଉଣ୍ଟସ୍ ଅଧିକାରୀ ପଦବୀକୁ ପଦୋନ୍ନତି ଦିଆଯାଇଥିଲା। ୨୦୧୯ ପର୍ଯ୍ୟନ୍ତ ନ୍ୟୁ ମାଙ୍ଗାଲୋର ବନ୍ଦର କର୍ତ୍ତୃପକ୍ଷରେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ୨୦୧୯ ରୁ ୨୦୨୧ ପର୍ଯ୍ୟନ୍ତ ପାରାଦୀପ ବନ୍ଦର କର୍ତ୍ତୃପକ୍ଷରେ ସମାନ ପଦବୀରେ ନିଯୁକ୍ତି ଦିଆଯାଇଥିଲା। ୨୦୨୧ରେ ତାଙ୍କୁ ଭି.ଓ ଚିଦାମ୍ବରନର ବନ୍ଦର କର୍ତ୍ତୃପକ୍ଷରେ ଆର୍ଥିକ ପରାମର୍ଶଦାତା ଓ ମୁଖ୍ୟ ଆକାଉଣ୍ଟସ୍ ଅଧିକାରୀ ପଦବୀକୁ ଉନ୍ନୀତ କରାଯାଇଥିଲା। ଯେଉଁଠାରେ ସେ ତାଙ୍କର ବର୍ତ୍ତମାନର ପୋଷ୍ଟିଂ ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ।

## ଗାଦିବ୍ରହ୍ମ ମହିଳା କଲେଜରେ ଇନୋଭେସନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ



ଜଗତସିଂହପୁର,୧୯।୮ (ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ କାଦୁଅପଡାସ୍ଥ ଗାଦିବ୍ରହ୍ମ ମହିଳା କଲେଜରେ ଅଧକ୍ଷା ଡଃ ସସ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଇନୋଭେସନ୍ ଓ ଷ୍ଟାର୍ଟଅପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଜଗତସିଂହପୁର ଶାଖାର ମୁଖ୍ୟ ପ୍ରବନ୍ଧକ ସୁଶାନ୍ତ ସୁନୀଲ ଅଧିକାରୀ ଯୋଗଦେଇ ଛାତ୍ରୀଙ୍କୁ ଭବିଷ୍ୟତରେ କିପରି ସ୍ୱାବଲମ୍ବୀ ହୋଇପାରିବେ, ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ରବୀନ୍ଦ୍ର ସ୍ୱାଇଁ, ପବିତ୍ର ମୋହନ ଶତପଥୀ ଓ ଆଇଜାକ୍ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ନିଜ ଭିତରେ ଲୁଚି ରହିଥିବା ପ୍ରତିଭା ଓ ଜ୍ଞାନକୌଶଳ ମାଧ୍ୟମରେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅଧକ୍ଷା ଡଃ ମହାନ୍ତି ଷ୍ଟାର୍ଟଅପର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ଇଣ୍ଟରପିନର ମିନତୀ ମହାରଣାଙ୍କ ସହଯୋଗିତାରେ ଝୋଟ ଓ କତା ନିର୍ମାଣ ୱାର୍କସପ୍ ଅନୁଷ୍ଠିତ ହୋଇଥିଲା। କଲେଜର ଏନଏସଏସ ଅଧିକାରିଣୀ ସାଗରିକା ସାହୁ, ରେଡକ୍ରସ ଅଧିକାରିଣୀ ଡଃ ଉର୍ମିଳା ମହାରଣା, ଅଧ୍ୟାପକ ଅଶୋକ ସ୍ୱାଇଁ, ଆଶୁତୋଷ ପଶାୟତଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଭାରତୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଳକା ଆଶ୍ରମରେ ସରଳା ଦେବୀଙ୍କ ଜୟନ୍ତୀ



ଜଗତସିଂହପୁର,୧୯।୮ (ସମିସ): ଜଗତସିଂହପୁର ସହରର ଚାତ୍ରାସ୍ଥ ଅଳକା ଆଶ୍ରମ ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ବହ୍ନିକନ୍ୟା ସରଳା ଦେବୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ହୋତା, ମୁଖ୍ୟବକ୍ତା ଭାବେ ପରିବେଶବିତ ଉତ୍କଳ ରଞ୍ଜନ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ସୋମନାଥ ମହାରଣା ପ୍ରମୁଖ ଯୋଗଦେଇ ସରଳା ଦେବୀଙ୍କ ଦେଶପ୍ରେମ, ତ୍ୟାଗ ଓ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ସରଳା ଦେବୀଙ୍କ ସଂଗ୍ରାମୀ ଭୂମିକା ଓ ବିଶେଷକରି ନାରୀଶକ୍ତିକୁ ଜାଗ୍ରତ କରିବାରେ ତାଙ୍କର ଅବଦାନ ସମ୍ପର୍କରେ ସଭାରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଗଠକ ଜ୍ୟୋତି ରଞ୍ଜନ ପ୍ରଧାନ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ସବିତା ମହାନ୍ତି, ନିର୍ମଳ ବେହେରା, ବାବୁ ଦାସ, ଲୋଚନା କୁମାରୀ ଦେଇ ଓ ତିଳୋତ୍ତମା ଦାଶ ପ୍ରମୁଖ ଯୋଗଦେଇ ସରଳା ଦେବୀଙ୍କ ସଂଗ୍ରାମୀ ଜୀବନ ଓ ସମାଜରେ ଚାଲିଥିବା କୁସଂସ୍କାର, ଅନ୍ଧବିଶ୍ୱାସର ବିଲୋପ ପାଇଁ ତାଙ୍କର ବଳିଷ୍ଠ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଶିକ୍ଷାବିତ ବିଜୟ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଲିପାଟଣା ହାଟରେ ଜମୁଛି ପାଣି

# ଧାନ ତଳି ରୋଇ ବ୍ୟବସାୟୀ ଓ ଖାଉଟିଙ୍କ ନିଆରା ପ୍ରତିବାଦ

ବାଲିକୁଦା,୧୯।୮ (ସମିସ):

ବାଲିକୁଦା ବ୍ଲକ୍ ବରମୁଣ୍ଡଳୀ ପଞ୍ଚାୟତରେ ଥିବା ବାଲିପାଟଣା ସାପ୍ତାହିକ ହାଟରେ ବର୍ଷାପାଣି ଜମି ରହୁଥିବା କାରଣରୁ ବ୍ୟବସାୟୀ ଓ ଖାଉଟି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ସରପଞ୍ଚ ଓ ବିଧାୟକଙ୍କୁ ଅବଗତ କରାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉ ନ ଥିବାରୁ ଆଜି ହାଟ ପରିସରରେ ବ୍ୟବସାୟୀ ଓ ଖାଉଟି ଧାନ ତଳି ରୋଇ ନିଆରା ଭାବେ ପ୍ରତିବାଦ କରିଛନ୍ତି।

ସୂଚନା ମୁତାବକ, ବାଲିକୁଦା ବ୍ଲକ୍ ବରମୁଣ୍ଡଳୀ ପଞ୍ଚାୟତର ବାଲିପାଟଣାଠାରେ ଥିବା ସାପ୍ତାହିକ ହାଟ ପରିସରରୁ ଜଳ ନିଷ୍କାସନ ପ୍ରସଙ୍ଗ ଏବେ ଚାଷୀ, ବ୍ୟବସାୟୀ ଓ ଖାଉଟିଙ୍କ ପ୍ରମୁଖ ପ୍ରସଙ୍ଗ ପାଲଟିଛି। ପ୍ରତ୍ୟେକ ବର୍ଷ ବର୍ଷାଋତୁରେ ଏହି ସମସ୍ୟା ପାଇଁ ବ୍ୟବସାୟୀ ଓ ଚାଷୀଙ୍କ ପନିପରିବା ବର୍ଷା ଜଳ ସମସ୍ୟା କାରଣରୁ ନଷ୍ଟ ହେଉଥିବାବେଳେ ଖାଉଟି ଅଧିକ ଦର ପରିବା କିଣିବାକୁ ବାଧ ହେଉଛନ୍ତି। ଯାହା ଦିନେ ଦୁଇଦିନ ମଧ୍ୟରେ ପଚି ନଷ୍ଟ ହୋଇଯାଉଛି। ଯାହାକୁ ନେଇ ଅନେକବାର ପ୍ରଶାସନ ନିକଟରେ ଦାବି ହୋଇଥିଲେ ମଧ୍ୟ ଏହାର ସମାଧାନ ହେଉ ନ ଥିବା କାରଣରୁ ଚାଷୀ, ବ୍ୟବସାୟୀଙ୍କ ସମେତ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ହାଟ ଉପରେ ବାଲିକୁଦା ବ୍ଲକର ୮ଟି ପଞ୍ଚାୟତ ଖାଲଗାଁ, ଓଷକଣା, ଅପଣ୍ଡରା, ଅନନ୍ତପୁର, କୁସୁପୁର, ବରମୁଣ୍ଡଳୀ, ନହରଣା, ମରିଚପୁରର ଜନସାଧାରଣ ନିର୍ଭର କରୁଥିବାବେଳେ ଏଠାକାର ଚାଷୀ ସପ୍ତାହରେ ୨ ଦିନ ମଙ୍ଗଳବାର ଓ ଶୁକ୍ରବାର ସେମାନଙ୍କ ବାଡ଼ି ଓ କ୍ଷେତରେ ଲଗାଇଥିବା ପନିପରିବା ବିକ୍ରି କରି ପରିବାର ପ୍ରତିପୋଷଣ କରିଥା'ନ୍ତି। ଅନ୍ୟପକ୍ଷରେ ବାଲିକୁଦା ବ୍ଲକ୍ ସମେତ ନାଉଗାଁ ବ୍ଲକର



ବହୁ ପରିବା ବ୍ୟବସାୟୀ ଏଠାରେ ପରିବା ବିକ୍ରି କରୁଥିବାବେଳେ ଏହି ହାଟରେ ପ୍ରବଳ ଜନସମାଗମ ଦୃଷ୍ଟିକୋଣରୁ ଏହା ବ୍ୟବସାୟୀଙ୍କ ପାଇଁ ଉତ୍କୃଷ୍ଟ ବ୍ୟବସାୟ ସ୍ଥଳୀ ପାଲଟିଥାଏ। ଫଳରେ ଅନେକ ବ୍ୟବସାୟୀ କଟକ ଛତ୍ରପୁର ପରିବା ଆଣି ଭଲ ଆୟ କରିଥା'ନ୍ତି। କିନ୍ତୁ ବର୍ଷା ଋତୁରେ ଅମଳ କମ୍ ହେଉଥିବାବେଳେ ପରିବା ଦର ମଧ୍ୟ ଉଚ୍ଚା ଥାଏ। ହାଟରେ ଆବଶ୍ୟକ ଭିତ୍ତିଭୂମି ଓ ଡ୍ରେନେଜ ସମସ୍ୟା ପାଇଁ ପ୍ରତ୍ୟେକ ବର୍ଷ ବର୍ଷାଋତୁରେ ପରିବା ବର୍ଷା ପାଣିରେ ନଷ୍ଟ ହୋଇଥାଏ। ଏପରିକି କିଛି ଚାଷୀ ବର୍ଷାରେ ଓଦା ହୋଇ ବନ୍ଧ କଡ଼ରେ ପରିବା ବିକ୍ରି କରିଥା'ନ୍ତି। ଯାହା କମ୍ ଦାମରେ ବିକ୍ରି ହେବା ସହ ଖାଉଟି ମଧ୍ୟ ବର୍ଷାରେ ଓଦା ହୋଇ ଏହାକୁ କ୍ରୟ କରିଥାଏ। ଯେଉଁ ପରିବା ଗୁଡିକ ଘରକୁ ଆସିବା ପରେ ଦିନେ ଦୁଇଦିନ ମଧ୍ୟରେ ପଚି ନଷ୍ଟ ହୋଇଥାଏ। ଏଣୁ ଚାଷୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ହାଟ ପଡ଼ିଆରେ ନିର୍ମାଣ ହୋଇଥିବା ପିଣ୍ଡି ଚାରି ଭାଗରୁ ଏକ ଭାଗ ଚାଷୀଙ୍କ ସମସ୍ୟା ସମାଧାନ କରି ନ ଥାଏ। ଏପରିକି କେତେକ ବ୍ୟକ୍ତି ହାଟ ପଡ଼ିଆରେ ଜବରଦଖଲ କରି ରହିଥିବା କାରଣରୁ ଡ୍ରେନେଜ ନିର୍ମାଣ କାର୍ଯ୍ୟ ଅଧା ରହିଥିଲା। ଏପରିକି ବର୍ତ୍ତମାନ ହାଟ ନିକଟରେ ଥିବା ହୋମିଓପ୍ୟାଥିକ୍ ମେଡିକାଲ ପାଚେରି ନିର୍ମାଣ ପରେ ବର୍ଷା ଜଳ ନିଷ୍କାସନ ଏକ ପ୍ରମୁଖ ସମସ୍ୟା ଭାବେ ଦଣ୍ଡାୟମାନ ହୋଇପାରେ ବୋଲି ଚାଷୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ଏଣୁ ପ୍ରଶାସନ ପକ୍ଷରୁ ସ୍ଥାୟୀ ପିଣ୍ଡି ସମେତ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ଗ୍ରହଣ କରିବାକୁ ପପୁ ନାୟକ, ବୀରବର ବିଶ୍ୱାଳ, ବାଇଧର ବିଶ୍ୱାଳ, ଗୋବିନ୍ଦ ନାୟକ, ଦେବରାଜ ମହାନ୍ତି, ଦ୍ୱିଜବର ନାୟକ, ହୃଷିକେଶ ନାୟକ, ସୁଧୀର ବରାଳ, ବାମଦେବ ନାୟକ, କାବୁଲା ମୁଦୁଲି, ସନାତନ ମୁଦୁଲି, ବିଶ୍ୱନାଥ ସ୍ୱାଇଁ, ଝାଟୁ ବିଶ୍ୱାଳ, ଖୁଦ ବିଶ୍ୱାଳ, ଉମେଶ କାଣ୍ଡି, ପ୍ରମୋଦ ବରାଳ, ନେତ୍ରାନନ୍ଦ ମୁଦୁଲି, କାଳିଆ ମୁଦୁଲି, ଗତିଆ ଦଳାଇ ପ୍ରମୁଖଙ୍କ ସମେତ ବହୁ ପରିବା ବ୍ୟବସାୟୀ ଓ ଖାଉଟି ଦାବି କରିଛନ୍ତି।

## ସରକାରୀ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର,୧୯।୮ (ସମିସ): ଜଗତସିଂହପୁର ବ୍ଲକ ଅନ୍ତର୍ଗତ ବାଇଜଙ୍ଗାସ୍ଥ ହରମୋହନ ଉଚ୍ଚବିଦ୍ୟାଳୟରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ, ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଆଇନ ସେବା ପ୍ରାଧିକରଣ ସଚିବ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଆଲୋଚନା କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସୁଭଦ୍ରା, ଓଡ଼ିଶା ନିଯୁକ୍ତି ଯୋଜନା, ସମୃଦ୍ଧ କୃଷକ ଯୋଜାନା, ସିଏମ୍ କିସାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଓଡ଼ିଶା ମତ୍ସ୍ୟ ମିସନ, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ଆୟୁଷ୍ମାନ ଭାରତ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ପିଏମ୍ ପୋଷଣ, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା, ମମତା ଯୋଜନା, ମଧୁବାବୁ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମତ୍ସ୍ୟଜୀବୀଙ୍କୁ ସୁରକ୍ଷା ସରଞ୍ଜାମ ବଣ୍ଟନ



ପାରାଦୀପ, ୧୯।୮ (ସମିସ): ମତ୍ସ୍ୟଜୀବୀଙ୍କ ଘର ହେଉଛି ସମୁଦ୍ର। ସ୍ଥଳଭାଗ ଅପେକ୍ଷା ସମୁଦ୍ରରେ ସେମାନେ ଅଧିକ ସମୟ ବିତାଇଥା'ନ୍ତି। ସେମାନଙ୍କୁ ସଚେତନ କରାଇବା ସହିତ ବାତ୍ୟା କିମ୍ବା କୌଣସି ପ୍ରାକୃତିକ ଦୁର୍ବିପାକ ସମୟରେ ସମୁଦ୍ରରେ କିଭଳି ଜୀବନ ରକ୍ଷା କରିପାରିବେ, ସେଥିପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଆବଶ୍ୟକ ସେଫ୍ଟି ସରଞ୍ଜାମ ଯୋଗାଇ ଦିଆଯାଇଛି। ଜୟଦେବ ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ମତ୍ସ୍ୟଜୀବୀ ଏହି ସରଞ୍ଜାମ ପ୍ରଦାନ କରିଥିଲେ। ମତ୍ସ୍ୟଜୀବୀ ସମୁଦ୍ରରେ ୧୦ରୁ ୧୨ ଦିନ ରହି ମାଛ ଧରିଥା'ନ୍ତି। କୌଣସି କାରଣ ବୋଟ୍ ଖରାପ କିମ୍ବା ପ୍ରାକୃତିକ ଦୁର୍ବିପାକ ସମୟରେ ସମୁଦ୍ର ମଝିରେ ସେମାନେ ଜୀବନ ସହିତ ସଂଗ୍ରାମ କରିଥାନ୍ତି। ବୋଟ୍ ମାଲିକଙ୍କ ଦ୍ୱାରା ଦିଆଯାଉଥିବା ସେଫ୍ଟି ସରଞ୍ଜାମ ଉଚ୍ଚକୋଟୀର ହେଉ ନ ଥିବାବେଳେ ରାଜ୍ୟ ସରକାର ଏଥିପାଇଁ ତତ୍ପର ହୋଇଛନ୍ତି। ରାଜ୍ୟର ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ମତ୍ସ୍ୟଜୀବୀଙ୍କ ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ, କୁଜଙ୍ଗ ମତ୍ସ୍ୟ ଅଧିକାରୀ, ପାରାଦୀପ ମାଛଧରା ବନ୍ଦର ଅଧିକାରୀଙ୍କ ସହିତ ବହୁ ମତ୍ସ୍ୟଜୀବୀ ସଂଗଠନ ଯୋଗଦେଇଥିଲେ।

## ଶିକ୍ଷାବିତ୍‌ଙ୍କ ପରଲୋକରେ ଶୋକ

ତିର୍ତ୍ତୋଲ,୧୯।୮ (ସମିସ): ପୁରାତନ ଶିକ୍ଷାନୁଷ୍ଠାନ କନକପୁରର ସାରଦା ଏକାଡେମୀର ପୂର୍ବତନ ପ୍ରଧାନଶିକ୍ଷକ ତଥା ବିଶିଷ୍ଟ ଶିକ୍ଷାବିତ୍ ସମରେନ୍ଦ୍ର ସିଂହ(୮୬)ଙ୍କ ବିୟୋଗରେ ପୂର୍ବତନ ଛାତ୍ର ସଂଗଠନ ସାରଦା -୭୦ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ତିର୍ତ୍ତୋଲ ବୃନ୍ଦା ନଦୀ ବିହାର ଝଙ୍କଡ଼ ସାରସ୍ୱତ ପରିଷଦ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ପୁରାତନ ଛାତ୍ର ଡଃ ପୀତାମ୍ବର ରାଉତ, ନାରାୟଣ ପରିଜା, ପ୍ରଭୁଚରଣ ଆଚାର୍ଯ୍ୟ, ସୁରେନ୍ଦ୍ର ବେଉରା, ବିଷ୍ଣୁଚରଣ ରାଉଳ, ସନ୍ତୋଷ ନନ୍ଦ, ରମେଶ ଚନ୍ଦ୍ର କୁଅଁର, ସୁରେନ୍ଦ୍ର ସେଠୀ, ରମାକାନ୍ତ ରାଉଳ, ସଚ୍ଚିଦାନନ୍ଦ ରାଉଳ, ରାମଚନ୍ଦ୍ର ସାହୁ, ଭାଗୀରଥି ମହାନ୍ତି, କ୍ଷେତ୍ରମୋହନ ସାହୁ ପ୍ରମୁଖ ଯୋଗଦେଇ ପ୍ରିୟ ଶିକ୍ଷକଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ନାଉଗାଁ,୧୯।୮ (ସମିସ): ଘୋଡାଂଶ ଗ୍ରାମର ଝୁଲଣା ନାୟକ ଘର ସମ୍ମୁଖରେ ଚଉରା ପୂଜା କରୁଥିବା ସମୟରେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ସୁନାଚେନ୍ ଝାମ୍ପିନେଇ ଫେରାର ହୋଇଯାଇଛନ୍ତି। ଜଣେ ହେଲମେଟ ପିନ୍ଧିଥିବାବେଳେ ଅନ୍ୟଜଣେ ଖାଲି ବସିଥିଲା। ଝୁଲଣା ନାୟକ ନାଉଗାଁ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ପୁଲିସ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରୁଛି।

### ନବମ ଦିନରେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ

## ସରକାରୀ କାର୍ଯ୍ୟ ଠପ, ହଇରାଣ ହେଉଛନ୍ତି ସାଧାରଣ ଜନତା

ଜଗତସିଂହପୁର,୧୯।୮ (ସମିସ): ରାଜସ୍ୱ ଅମଲାଙ୍କ ଦାବି ପ୍ରତି ରାଜ୍ୟ ସରକାର କର୍ଣ୍ଣପାତ ନ କରିବାରୁ ଗତ ୧୧ ତାରିଖରୁ ରାଜ୍ୟବ୍ୟାପି ସମସ୍ତ ରାଜସ୍ୱ ଅମଲା ସାମୂହିକ ଛୁଟିରେ ରହିଥିବାବେଳେ ଜଗତସିଂହପୁର ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ୍ୟ ଛୁଟିରେ ଅଛନ୍ତି। ଫଳରେ ରାଜସ୍ୱ ଅମଲାଙ୍କ ଆନ୍ଦୋଳନ ନବମ ଦିନରେ ପହଞ୍ଚିଛି। ଫଳରେ ସାଧାରଣ ଜନତା ନାହିଁ ନ ଥିବା ସମସ୍ୟା ଭୋଗ କରୁଛନ୍ତି। ଗତ ୮ ତାରିଖ ଦିନ ରାଜସ୍ୱ ଅମଲା ନିଜ ନିଜ ଅଧିକାରୀଙ୍କୁ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବେନାହିଁ, ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜଗତସିଂହପୁର ଜିଲ୍ଲା ସଭାପତି ନିହାର ରଞ୍ଜନ ଦାସ ପ୍ରକାଶ କରିଛନ୍ତି। ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାଙ୍କ ପଦବୀ ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପଦୋନ୍ନତି ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକ ପଦୋନ୍ନତି ପୂର୍ବରୁ ଅବସର ଗ୍ରହଣ କରିସାରିଛନ୍ତି। ସେମାନେ ତାଙ୍କର ନାର୍ଯ୍ୟ ପ୍ରାପ୍ତିରୁ ସବୁଦିନ ପାଇଁ ବଞ୍ଚିତ ହୋଇଗଲେ। ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା ଦକ୍ଷତାର ସହ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ସୀମିତ ସମୟ ମଧ୍ୟରେ କାର୍ଯ୍ୟ କରି ଯୋଗାଇ ଦେଇଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରିଆସୁଛନ୍ତି। ସେହିପରି ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାୟୀ ଲେବେଲ୍-୯କୁ ବୃଦ୍ଧି କରାଇବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ସଂକଳ୍ପ ପତ୍ର ସଂଖ୍ୟା ୮୮୯୮, ୧୫।୩।୨୪ ଅନୁଯାୟୀ ତଥା ସମସ୍ତ ୩୦ଟି ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରିବା ଦାବି ନେଇ ଏହି କାର୍ଯ୍ୟ ବନ୍ଦ ଆନ୍ଦୋଳନ ଡକରା ଦିଆଯାଇଛି। ୯ ଦିନ ଧରି ଏହି ଆନ୍ଦୋଳନ ଚାଲିବା ଫଳରେ ସରକାରୀ କାମ ଏକପ୍ରକାର ଠପ୍ ହୋଇଯାଇଛି। ଯଦ୍ୱାରା ସାଧାରଣ ଜନତାଙ୍କ ବିଭିନ୍ନ ସରକାରୀ ଦପ୍ତରରେ ଥିବା କାର୍ଯ୍ୟ ବିଳମ୍ବ ହେଉଛି। ଫଟେଣୁ ରାଜ୍ୟ ସରକାର ରାଜସ୍ୱ ଅମଲା ସଂଘ ସହିତ ଆଲୋଚନା କରି ସମାଧାନ ବାଟ ବାହାର କରିବାକୁ ସାଧାରଣରେ ଦାବି କରାଯାଇଛି।

## ଶ୍ରୀମା ଉଚ୍ଚବିଦ୍ୟାଳୟ ନୂତନ ଗୃହ ଉଦ୍‌ଘାଟିତ

ପାରାଦୀପ,୧୯।୮ (ସମିସ): ପାରାଦୀପଗଡ଼ ଶ୍ରୀମା ସରକାରୀ ଉଚ୍ଚବିଦ୍ୟାଳୟ ଜଗତସିଂହପୁର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ୮୦୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଉକ୍ତ ବିଦ୍ୟାଳୟ ୧୯୬୫ରେ ନିର୍ମିତ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଏହି ବିଦ୍ୟାଳୟର ଶ୍ରେଣୀ ଗୃହ, ପାଚେରି ଓ ପାରିପାର୍ଶ୍ୱିକ ବିକାଶ ହୋଇପାରିନାହିଁ। ୧୯୬୫ରେ ନିର୍ମାଣ ହୋଇଥିବା ଆଜବେଷ୍ଟସ ଗୃହ ଓ ୧୯୯୯ରେ ନିର୍ମାଣ ହୋଇଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଗୃହ ଭାଙ୍ଗିଗଲାଣି।





ଛାତ୍ରଛାତ୍ରୀ ବିପଦସଙ୍କୁଳ ଅବସ୍ଥାରେ ଅଧ୍ୟୟନ କରୁଥିବାବେଳେ ଏହାର ଆସୁ ସମାଧାନ ପାଇଁ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଇତିଶ୍ରୀ ସାହୁ ସରପଞ୍ଚଙ୍କୁ ଜଣାଇବାରୁ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ପାରାଦୀପ ତୈଳ ବିଶୋଧନାଗାରରେ କାର୍ଯ୍ୟରତ ଇଣ୍ଡିଆନ ଅଏଲ ଅଦାନୀ ଭେଞ୍ଚର୍ ବୁଟ୍-୩କୁ ଏହାର ନିର୍ମାଣ ପାଇଁ ଦରଖାସ୍ତ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ସରପଞ୍ଚଙ୍କ ଦରଖାସ୍ତକୁ ବିଚାର କରି ତୁରନ୍ତ ୫୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଶ୍ରେଣୀ ଗୃହ ନିର୍ମାଣ କରିବା ସହିତ ଡେସ୍କ, ବେଞ୍ଚ, ଚେୟାର ଓ ବ୍ଲକ ବୋର୍ଡ ଆଦି ଶିକ୍ଷା ସାମଗ୍ରୀ ପ୍ରଦାନ କରିବା ପରେ ଏହାର ଉଦ୍‌ଘାଟନ କରାଯାଇଛି।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କମ୍ପାନୀର ଭାଇସ ପ୍ରେସିଡେଣ୍ଟ କର୍ପୋରେଟ କମ୍ୟୁନିକେସନ ଓ ସିଏସ୍ଆର୍ ଅତୁଲ ଖରେଟେ, ସମ୍ମାନିତ ଅତିଥି ଭାବେ କମ୍ପାନୀ ସିଇଓ ଓ ଡାଇରେକ୍ଟର ରେଜିଥ ଭାସ୍କର, ସରପଞ୍ଚ ଶ୍ରୀମତୀ ବେହେରା, ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, କମ୍ପାନୀର ଅନ୍ୟ ଅଧିକାରୀ ଲକ୍ଷ୍ମଣ ଶର୍ମା, ଆର୍ ଟେଲାଦୁରାଇ, ନେତାଜୀ ମାନେକମ୍, ଏନଭି ସୁବ୍ରମଣ୍ୟମ, ବ୍ରିଜଭୂଷଣ ଦ୍ୱିବେଦୀ, ସତ୍ୟରଞ୍ଜନ ନାୟକ, ଅଜିତ ଦାଶ, ପ୍ରୀତିରଞ୍ଜନ ବେହେରା ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଇତିଶ୍ରୀ ସାହୁ, ପ୍ରଭାତନଳିନୀ ବେହେରା, ସମ୍ପଦ ମୁଦୁଲି, ରମାକାନ୍ତ ଖଣ୍ଡୁଆଳ, ଆଇସ୍ମିତା ସାହୁ ଓ ପଞ୍ଚାୟତ ପକ୍ଷରୁ ବିଷ୍ଣୁଚରଣ ସାହୁ, ଚନ୍ଦ୍ରଶେଖର ଚୌଧୁରୀ, ସଂଗ୍ରାମ ବେହେରା, ପ୍ରକାଶ ମଙ୍ଗରାଜ, ପ୍ରଭାତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମ୍ପାନୀର ଏଭଳି ଜନହିତକର କାର୍ଯ୍ୟ ପାଇଁ ପଞ୍ଚାୟତ ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସରପଞ୍ଚ ପ୍ରମାଣ ପତ୍ର ସହିତ ସମ୍ବର୍ଦ୍ଧିତ କରିଥିଲେ।

### ଦୁର୍ଘଟଣାରେ ଆହତ ଯୁବକ ମୃତ

## ମୃତଦେହ ରଖି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

କୁଜଙ୍ଗ,୧୯।୮ (ସମିସ):

ଗତକାଲି କଟକ-ପାରାଦୀପ ରାଜ୍ୟ ରାଜପଥରେ କୁଜଙ୍ଗ ବଳରାମପୁର ଗ୍ରାମର



କେନାଲପଡ଼ାର ଯୁବକ ଗୁଗୁଲା ଦାସଙ୍କୁ ଏକ ଟ୍ରକ ଧକ୍କା ଦେବା ଫଳରେ ସେ ଗୁରୁତର ହେବା ସହ ତାଙ୍କର ଦୁଇ ଗୋଡ଼ କ୍ଷତିଗ୍ରସ୍ତ ହୋଇଥିଲା। ଏଥିସହିତ ତାଙ୍କ ଛାତିରେ ମଧ୍ୟ ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ କୁଜଙ୍ଗ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଅବସ୍ଥାରେ କୌଣସି ସୁଧାର ନ ଆସିବାକୁ ତାଙ୍କୁ ଭୁବନେଶ୍ୱରର ଏକ ବେସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତଦେହ ବ୍ୟବଚ୍ଛେଦ ହୋଇ ଘରକୁ ଫେରିବା ପରେ ସମ୍ପୃକ୍ତ ଗ୍ରାମବାସୀ ଓ ସ୍ଥାନୀୟ ଅଞ୍ଚଳର ଲୋକେ କଟକ-ପାରାଦୀପ ରାଜ୍ୟ ରାଜପଥର ବଳରାମପୁର ପେଟ୍ରୋଲ ପମ୍ପ ଆଗ ରାସ୍ତାରେ ମୃତଦେହ ରଖି ରାସ୍ତାରୋକ କରିଥିବା ଜଣାପଡିଛି। ସେହିପରି ଆଉଏକ ଅଭାବନୀୟ ଘଟଣା ମଧ୍ୟ ଘଟିଛି। ମୃତ ଯୁବକ ଗୁଗୁଲାଙ୍କର ବାପା ଗତ ଦେଢବର୍ଷ ତଳେ ଏକ ସଡ଼କ ଦୁର୍ଘଟଣାରେ ପରପାରିକୁ ଚାଲିଯାଇଥିଲେ। ଘରେ ତିନି ଭଉଣୀ ଓ ମାଆ ଥିଲେ। ଏବେ ତାଙ୍କ ମାଆ ପୁତ୍ରର ମୃତ୍ୟୁ ଖବର ଶୁଣି ଏହାକୁ ସହ୍ୟ କରି ନ ପାରି ବିଷଖାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡିଛି। ତାଙ୍କୁ କୁଜଙ୍ଗ ମେଡିକାଲରେ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଥିବା ଜଣାଯାଇଛି। ଏହି ଘଟଣାରେ ଉତ୍ତ୍ୟକ୍ତ ଲୋକମାନେ ରାସ୍ତାରୋକ କରିଛନ୍ତି। ପ୍ରାୟ ଅପରାହ୍ନ ୫ଟାଠାରୁ ରାସ୍ତାରୋକ ଆରମ୍ଭ ହୋଇଛି। ଫଳରେ କଟକ-ପାରାଦୀପ ରାଜ୍ୟ ରାଜପଥରେ ହଜାର ହଜାର ଗାଡ଼ି ଛିଡା ହୋଇ ରହିଥିବା ଜଣାପଡିଛି। ପୁଲିସ ଘଟଣାସ୍ଥଳରେ ସ୍ଥିତିକୁ ଅନୁଧ୍ୟାନ କରିବା ଛଡ଼ା ଆଉ କିଛି କରିପାରି ନ ଥିବା ଜଣାପଡ଼ିଛି।

### ଓଡ଼ିଆ ଯୁବକଙ୍କ କୃତିତ୍ୱ



କୃଷ୍ଣଗର୍ତ୍ତ ଓ ମହାକର୍ଷଣୀୟ ତରଙ୍ଗ ସମ୍ବନ୍ଧରେ ଆମେରିକାର ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ଉଚ୍ଚକୋଟୀର ଗବେଷଣା କରି ଓଡ଼ିଶାର ତନ୍ମୟ ମିଶ୍ର ପି.ଏଚ.ଡି ଲାଭ କରିଛନ୍ତି। ଭୁବନେଶ୍ୱର 'ନାଇଜର'ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ ପରେ ସେ ଫ୍ଲୋରିଡାରେ ଗତ ଛ' ବର୍ଷ ଧରି ଗବେଷଣା ଜାରି ରଖିଥିଲେ। ତାଙ୍କ ସନ୍ଦର୍ଭରେ ଉପସ୍ଥାପିତ ମହାକର୍ଷଣୀୟ ତରଙ୍ଗ ଚିହ୍ନଟ ଓ ଅନୁସନ୍ଧାନ ନିମିତ୍ତ ଏମ୍ଏଲ୍.(M.L.) ପ୍ରୟୋଗର ଉନ୍ନୀତ ଅନୁକଳନା (ଆଲଗୋରିଦମ) ଏକ ନୂତନ ଦିଗ ଉନ୍ମୋଚିତ କରିଛି। ତାଙ୍କ ସନ୍ଦର୍ଭଟି ପ୍ରଫେସର ସର୍ଗେ କ୍ଲିମାନକୋଙ୍କ ଦିଗଦର୍ଶନ ସହ ପ୍ରସ୍ତୁତ ହୋଇଛି। ଆନ୍ତର୍ଜାତୀୟ ଗବେଷଣା ସଂସ୍ଥା ଲାଇଗୋ(LIGO)ର ସଦସ୍ୟ ଭାବେ ତନ୍ମୟଙ୍କ ଅବଦାନ ଉଲ୍ଲେଖନୀୟ। ତନ୍ମୟ ମିଶ୍ର ପୁରୀ ନିବାସୀ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ତଥା କବି ଡ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ରଙ୍କ ଦ୍ୱିତୀୟ ପୁତ୍ର। ତନ୍ମୟଙ୍କ ଜେଜେବାପା ବୀରପ୍ରତାପପୁରର ଶ୍ରୀ ଦିବାକର ମିଶ୍ର ଓ ଅଜା ବଲାଙ୍ଗୀରର ପ୍ରଫେସର ମଧୁସୂଦନ ପତିଉଭୟ ସାରସ୍ୱତ ସାଧକ।

■ ଇଞ୍ଜିଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଘଟଣା

## ଶିକ୍ଷକ ନିଯୁକ୍ତି ପରେ ସ୍ୱାଭାବିକ ହେଲା ଛାତ୍ରଛାତ୍ରୀଙ୍କ ପାଠପଢ଼ା



ଖମାର, ୧୯।୮ (ସମିସ): ପାଲଲହଡା ବ୍ଲକ ଇଞ୍ଜିଡ଼ି ପଞ୍ଚାୟତ ତଥା ଇଞ୍ଜିଡ଼ି କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକ ଏବଂ ଛାତ୍ରଛାତ୍ରୀ ବିଦ୍ୟାଳୟର ମୁଖ୍ୟ ଫାଟକ ବନ୍ଦ କରି ଧାରଣାରେ ବସିଥିଲେ। ଖବର ପାଇ ଦାୟିତ୍ୱରେ ଥିବା ପାଲଲହଡା ଶିକ୍ଷାଧିକାରୀ ଶୈଳେନ୍ଦ୍ର ସିଂ ତୁରନ୍ତ ବିଦ୍ୟାଳୟରେ ପହଞ୍ଚି ସମସ୍ୟା ବୁଝିବା ସହ ଜଣେ ଶିକ୍ଷୟିତ୍ରୀଙ୍କୁ ଡେପୁଟେସନ ଆଣି ନିଯୁକ୍ତି ଦେବାପରେ ପାଠପଢ଼ା ସ୍ୱାଭାବିକ ହୋଇଥିଲା। ଉକ୍ତ ସରକାରୀ ବିଦ୍ୟାଳୟରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀରେ ମୋଟ ୯୩ ଜଣ ଛାତ୍ରଛାତ୍ରୀ ପାଠ ପଢ଼ନ୍ତି; କିନ୍ତୁ ତିନିଜଣ ଶିକ୍ଷକ ରହିବା ପରିବର୍ତ୍ତେ ଦୀର୍ଘ ଦିନହେଲା ଦୁଇଜଣ ଶିକ୍ଷକରେ ଚାଲିଛି ପାଠପଢ଼ା। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ନାହିଁ ନ ଥିବା ଅସୁବିଧା ହେଉଥିବା ଯୋଗୁଁ ଅଭିଭାବକ ମହଲରେ ଅସନ୍ତୁଷ୍ଟ ଲାଗିରହିଥିଲା। ଫଳରେ ତୁରନ୍ତ ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରଛାତ୍ରୀଙ୍କ ଅଭିଭାବକ ଅଭିଭାବିକାଙ୍କ ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀ ମୁଖ୍ୟ ଫାଟକ ବନ୍ଦକରି ଧାରଣାରେ ବସିଥିଲେ। ପାଲଲହଡା ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଶୈଳେନ୍ଦ୍ର ସିଂ ଉକ୍ତ ବିଦ୍ୟାଳୟରେ ପହଞ୍ଚି ବା ସହିତ ପାଲଲହଡା ବ୍ଲକ ଆଲୋରୀ ପଞ୍ଚାୟତ ପରମାନନ୍ଦପୁର ପ୍ରାଥମିକ ବିଦ୍ୟାଳରେ କାର୍ଯ୍ୟରତ ଥିବା ଶିକ୍ଷୟିତ୍ରୀ କିରଣ କିସାନଙ୍କୁ ଡେପୁଟେସନରେ ଆଣି ଇଞ୍ଜିଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥଇଥାନ କରିଥିବା ଏବିଇଓ ଶ୍ରୀ ସିଂ କହିଛନ୍ତି। ଏବଂ ଅଳ୍ପ କିଛିଦିନ ଭିତରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ମଧ୍ୟ କହିଛନ୍ତି।

ରାସ୍ତା ପ୍ରଶସ୍ତୀକରଣ ପାଇଁ ଖୋଲାଗଲା ନଳକୂଅ

# ଗାତ ପୋତିବାକୁ ଭୁଲିଗଲା ବିଭାଗ

ଅନୁଗୋଳ, ୧୯।୮ (ସମିସ)

ଅନୁଗୋଳ ସହର ମୁଖ୍ୟାଳୟଠାରୁ ଖଲାରୀ ଦେଇ ମହିଧରପୁର ପର୍ଯ୍ୟନ୍ତ ରାସ୍ତାକୁ ପୂର୍ତ୍ତ ବିଭାଗ ପ୍ରଶସ୍ତୀକରଣ କରୁଛି। ରାସ୍ତା ନିର୍ମାଣ ସମୟରେ ସଡ଼କ ଉପରେ ରହିଥିବା ବିଦ୍ୟୁତ୍ ଖୁଣ୍ଟ, ନଳକୂପ, ସରକାରୀ ଫଳକ ବାଧକ ସାଜିଥିଲା। ଏପରିକି ଅନେକ ସ୍ଥାନରେ ରାସ୍ତା ଖଣ୍ଡେ ହୋଇଥିବା ବେଳେ ଏହି ବାଧକ ପାଇଁ ନିର୍ମାଣ

● ତୁରନ୍ତ ପଦକ୍ଷେପ ପାଇଁ ଦାବି

ଅଧାପନ୍ତରିଆ ହୋଇ ପଡ଼ିରହିଥିଲା। ପୂର୍ତ୍ତ ବିଭାଗର କହିବା ମୁତାବକ ବିଦ୍ୟୁତ୍ ବିଭାଗଠାରୁ ଆରମ୍ଭ କରି ଯେଉଁ ଯେଉଁ ବିଭାଗର ନିର୍ମାଣ ରାସ୍ତା ଉପରେ ରହିଛି। ସେମାନଙ୍କୁ ଏହି ସବୁ ନିର୍ମାଣଗୁଡିକ ଉଠାଇବା ପାଇଁ ଚିଠି କରାଯାଇଛି। ଚିଠି ପରେ ରାସ୍ତା ଉପରେ ଥିବା କେତେକ ନଳକୂଅକୁ



ଖୋଲିଦିଆଯାଇଛି। ଲୁହା ନଳ ସହ ପାଇପ ଏବଂ ହ୍ୟାଣ୍ଡେଲ ଆଦି ସମସ୍ତ ଉପକରଣ କାଢ଼ିଦିଆଯାଇଛି। କିନ୍ତୁ ଏହା ପରେ ଉକ୍ତ ସ୍ଥାନରେ ଥିବା ନଳକୂଅର ଗର୍ତ୍ତ ଖୋଲାମେଲା ଭାବେ ପଡ଼ିରହିଛି ବୋଲି ଅଭିଯୋଗ ହେଉଛି। ସପ୍ତାହେରୁ ଅଧିକ ଦିନଧରି ଏହାକୁ ଖୋଲା ଯାଇଥିବା ବେଳେ କିପରି ଆଜି ପର୍ଯ୍ୟନ୍ତ ଏହି ଗର୍ତ୍ତକୁ ବନ୍ଦ କରାଗଲା ନାହିଁ ତାହା ଚକିତ କରୁଛି। ସହରକୁ ଲାଗି ରହିଥିବା ଖମାର ଗାଁର ରାସ୍ତା ପାର୍ଶ୍ୱରେ ଏହି ନଳକୂଅ ପୂର୍ବରୁ ରହିଥିବା ବେଳେ ଏଥିରୁ ଲୋକେ ପାଣି ବ୍ୟବହାର କରୁଥିଲେ। ରାସ୍ତା ପ୍ରଶସ୍ତିକରଣ ଯୋଗୁଁ ନଳକୂଅକୁ ବନ୍ଦ କରାଯାଇଥିଲା। ପରେ ଏଠାରେ ଲାଗିଥିବା ଯନ୍ତ୍ରାଂଶଗୁଡିକ ମଧ୍ୟ ଖୋଲି ନିଆଯାଇଛି। କିନ୍ତୁ ଯନ୍ତ୍ରାଂଶ ଖୋଲି ନେବା ପରେ ନଳକୂଅ ଖୋଲାଇବା ବେଳେ ଯେଉଁ ଗର୍ତ୍ତ ସୃଷ୍ଟି ହୋଇଥିଲା ତାହାକୁ ପୋତାଯାଇ ନାହିଁ ବୋଲି ଅଭିଯୋଗ ହେଉଛି। ଦୈନନ୍ଦିନ ଅନେକ ଶିଶୁ ଏହି ରାସ୍ତା ଦେଇ ଅଙ୍ଗନବାଡ଼ି ଠାରୁ ବିଦ୍ୟାଳୟ ଯାଉଛନ୍ତି। ରାସ୍ତାକୁ ଲାଗି ରହିଥିବା ବେଳେ କେଉଁ ସମୟରେ ଏଥିରେ କାହାର ଗୋଡ଼ ପଶି ଦୁର୍ଘଟଣା ଘଟିବ ତାହା କହିହେବ ନାହିଁ। ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

## ନୂଆପଡ଼ା ରାମେଶ୍ୱର ମନ୍ଦିର ହୁଣ୍ଡିରୁ ଚୋରି

ତାଳଚେର, ୧୯।୮ (ସମିସ): ତାଳଚେର ବ୍ଲକ ସନ୍ଥପଡ଼ା ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ା ସ୍ଥିତ ରାମେଶ୍ୱର ମନ୍ଦିରର ହୁଣ୍ଡି ଚୋରି ହୋଇଥିବା ନେଇ ମନ୍ଦିର କମିଟି ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ମନ୍ଦିର କମିଟିର ସଭାପତି ବିଜୟ କୁମାର ପ୍ରଧାନ ଓ ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ ଲିଖିତ ଭାବେ ଜଣାଇଛନ୍ତି ଯେ, ପୂର୍ବରୁ ବହୁବାର ମନ୍ଦିରରେ ଥିବା ଘଣ୍ଟି (ପିତଳ) ଓ ହୁଣ୍ଡିରୁ ଟଙ୍କା ଚୋରି ହୋଇଥିଲା। କିନ୍ତୁ ଗତକାଲି ରାତ୍ରିରେ ମନ୍ଦିରର ତିନୋଟି ହୁଣ୍ଡିକୁ କେତେକ ଦୁର୍ବୃତ୍ତ ଭାଙ୍ଗିଦେଇ ଭକ୍ତମାନେ ଯାହା ଦାନ କରିଥିଲେ ସେସବୁକୁ ଲୁଟି ନେଇ ଯାଇଛନ୍ତି। ଏହାକୁ ହୃଦୟଙ୍ଗମ କରି ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିଛନ୍ତି।

## ଭାଙ୍ଗିଗଲା ଗଛ, ଅଳ୍ପକେ ବର୍ତ୍ତିଲେ ୨

ବଇଣ୍ଡା, ୧୯।୮ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଇଣ୍ଡା-ବାଦୀବାହାଲ ପୂର୍ତ୍ତ ବିଭାଗ ରାସ୍ତାର ବଇଣ୍ଡା ହାଇସ୍କୁଲ ନିକଟରେ ଥିବା ଏକ ଆମ୍ବ ଗଛ ଭାଙ୍ଗିଯିବାରୁ ବାଟଦେଇ ଯାଉଥିବା ଦୁଇଜଣ ବାଇକ୍ ଆରୋହୀ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି। ଏହି ଗଛ ବହୁ ବର୍ଷର ହୋଇଥିବା ବେଳେ ପବନରେ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ଗଛ ମାଡି ବସିବା ଯୋଗୁଁ ଉଭୟ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଥିବା ବେଳେ ୧୧ କେଭି ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଛି। ଯାହାଫଳରେ ବାଦୀବାହାଲ ଅଞ୍ଚଳକୁ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସକାଳେ ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ଗଛକୁ ରାସ୍ତାରୁ ହଟାଇବା ପରେ ଗାଡ଼ି ଯାତାୟାତ ହୋଇଛି।

## ସମାଜସେବୀଙ୍କ ପରଲୋକ

କିଶୋରନଗର, ୧୯।୮ (ସମିସ): କିଶୋରନଗର ବ୍ଲକ ଘୋଷର ଗାଁର ସମାଜସେବୀ ଗୋପୀନାଥ ପ୍ରଧାନ(୮୪)ଙ୍କ ନିଜ ବାସଭବନରେ ପରଲୋକ ଘଟିଛି। ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ସେ ଜଣେ ସ୍ୱତନ୍ତ୍ର ତଥା ଅନନ୍ୟ ବ୍ୟକ୍ତି ଥିଲେ। ଘୋଷର ଗ୍ରାମର ସାଂସ୍କୃତିକ, ପର୍ବପର୍ବାଣୀ ତଥା ପରିଚାଳନାରେ ସକ୍ରୀୟ ଭାବେ ଯୋଗଦେଇଥାନ୍ତି। ଏମିତି କି ବୟସର ଅପରାହ୍ଣରେ ଗାଁ ପିଲାଙ୍କ ପ୍ରିୟ, ଆଦରଣୀୟ ଗୋପୀ ଅଜା ଭାବେ ମିଶିଥିଲେ। ତାଙ୍କ ମୃତ୍ୟୁ ପରେ ସମ୍ପୂର୍ଣ୍ଣ ଗାଁରେ ଶୋକର ଛାୟା ଖେଳିଯାଇଛି।

## ପେଟ ପାଇଁ ନାଟ!

ତାଳଚେର, ୧୯।୮ (ସମିସ): ତାଳଚେର ହାଟତୋଟା ସ୍ଥିତ ରାସ୍ତାକଡ଼ରେ ଜଣେ ନାବାଳକ ପାଠପଢ଼ା ଛାଡ଼ି ପେଟପାଟଣା ପାଇଁ ଛତୁ ବିକି ସଂଘର୍ଷ କରୁଥିବା ଘଟଣା ସତେ ଯେପରି ସମାଜ ପ୍ରତି ବିଦ୍ରୁପ କଲାଭଳି ମନେ ହୁଏ। ଆଜିର ଯୁବପିଢ଼ି କାଲିର ଭବିଷ୍ୟତ। ଏଥିପାଇଁ ମଧ୍ୟ ମାଆବାପା ପିଲାଟି ମଣିଷ ହେବାପାଇଁ କେତେଯେ ସ୍ୱପ୍ନ ଦେଖିନଥାନ୍ତି। ମାତ୍ର ଅଭାବୀ ପରିବାର ସାଜିଥାଏ ତାଙ୍କୁ ବାଧକ। ସରକାର ଶିକ୍ଷା ଉପରେ ପ୍ରାଧାନ୍ୟ ଦେଉଥିବା ବେଳେ ଏହା କାଗଜକଲମରେ ନା କେବଳ ଭାଷଣ ମାଧ୍ୟମରେ ସିମୀତ ଏହି ଘଟଣାରୁ ସ୍ପଷ୍ଟ ବାରି ହେଉଛି। ଉକ୍ତ ନାବାଳକ ଦୈନନ୍ଦିନ ଏହି ଫୁଟପାଥରେ ବସି ଛତୁ ବିକୁଥିବା ନିଶ୍ଚିତଭାବେ ଦୁଃଖ ଓ ପରିତାପର ବିଷୟ। ଏଠାରେ ଶିଶୁ ସ୍ୱଧାରଗୃହ, ମାଳମାଳ ଅଙ୍ଗନବାଡ଼ି ଓ ବିଦ୍ୟାଳୟ ରହିଥିଲେ ମଧ୍ୟ ନାବାଳକଟି ରାସ୍ତା କଡ଼ରେ ଛତୁ ବିକିବା କେତେ ଯୁକ୍ତିଯୁକ୍ତ ଏହାକୁ ନେଇ କଳ୍ପନା ଜଳ୍ପନା ବୃଦ୍ଧି ପାଇଛି। ତେଣୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ରେଳସେବାର ଉନ୍ନତି ଦାବି

## ପୂର୍ବତଟ ଜେନେରାଲ୍ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ଅନୁଗୋଳ, ୧୯।୮ (ସମିସ): ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାରୁ ରେଳ ବିଭାଗ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ କରୁଛନ୍ତି। ମାତ୍ର ଜିଲ୍ଲାରେ ରେଳସେବାର ଉନ୍ନତି ପାଇଁ ବିଭାଗ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନିଆଯାଉନାହିଁ ବୋଲି 'ଅନୁଗୋଳ ଜିଲ୍ଲା ଜନ ଜୀବନ ସୁରକ୍ଷା କମିଟି' ଅଭିଯୋଗ କରିଛି। ଜିଲ୍ଲାର ରେଳଯାତ୍ରୀମାନେ ମୁଖ୍ୟତଃ ନିର୍ଭର କରୁଥିବା ଅନୁଗୋଳ-ପୁରୀ ମେମୁ ଏବଂ ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍ ଚଳାଚଳରେ ଅହେତୁକ ବିଳମ୍ବ କରୁଥିବା ହେତୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ କମ୍ପାନୀମାନଙ୍କ ମାଲ ପରିବହନ ଗାଡ଼ି ଚଳାଚଳ ପାଇଁ ରେଳ ବିଭାଗ ପକ୍ଷରୁ ଯାତ୍ରୀବାହୀ ଟ୍ରେନ୍‌ଗୁଡ଼ିକୁ ଅଯଥାରେ ଷ୍ଟେସନଗୁଡ଼ିକରେ ପକାଇ ରଖାଯାଉଛି ବୋଲି କମିଟି ଅଭିଯୋଗ କରିଛି। ରେଳଯାତ୍ରୀମାନଙ୍କ ସୁବିଧା ପାଇଁ ଅନୁଗୋଳ-ପୁରୀ ମେମୁ ଟ୍ରେନ୍ ଏବଂ ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍ ସମେତ ସମସ୍ତ ଟ୍ରେନ୍ ସମୟ ନିର୍ଘଣ୍ଟ ଅନୁଯାୟୀ ଚଳାଚଳ କରାଇବା, ଅନୁଗୋଳ ଷ୍ଟେସନର ଉନ୍ନତିକରଣ କାର୍ଯ୍ୟ ଅବିଳମ୍ବେ ଶେଷ କରିବା, ଷ୍ଟେସନରେ ନିର୍ମିତ ଲିଫ୍ଟ କାର୍ଯ୍ୟକ୍ଷମ ଏବଂ ଚଳନ୍ତି ସିଡି ନିର୍ମାଣ କରିବା, ଅନୁଗୋଳ-ପୁରୀ ମେମୁ ଟ୍ରେନର ଶୌଚାଳୟରେ ପର୍ଯ୍ୟାପ୍ତ ପାଣି ବ୍ୟବସ୍ଥା କରିବା, ପ୍ରତ୍ୟେକ ଷ୍ଟେସନରେ ବିଶୁଦ୍ଧ ପିଇବା ପାଣିର ବ୍ୟବସ୍ଥା କରିବା, କରୋନା ପୂର୍ବଭଳି ସମସ୍ତ ବରିଷ୍ଠ ନାଗରିକମାନଙ୍କ ପାଇଁ ଟ୍ରେନ୍ ଟିକେଟ୍ରେ ରିହାତି ପ୍ରଦାନ କରିବା, କୁମଣ୍ଡ, କୁରୁଡୋଲ ଓ ବଳରାମ ପ୍ରସାଦ ରେଲୱେ କ୍ରସିଂରେ ଓଭର ବ୍ରିଜ୍ ନିର୍ମାଣ କରିବା, ରେଢ଼ାଖୋଲରୁ କଟକଦେଇ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ନୂତନ ମେମୁ ଟ୍ରେନ୍ ଚଳାଚଳ କରାଇବା, ଅନୁଗୁଳ ଷ୍ଟେସନ ରୋଡ୍ ଏବଂ ଷ୍ଟେସନରୁ କୁମଣ୍ଡ ରୋଡ୍ ସୁରକ୍ଷା ପାଇଁ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ପ୍ରଭୃତି ୯ ଦଫା ଦାବିରେ ପୂର୍ବାହ୍ନରେ 'ଅନୁଗୋଳ ଜିଲ୍ଲା ଜନ ଜୀବନ ସୁରକ୍ଷା କମିଟି' ପକ୍ଷରୁ ପୂର୍ବତଟ ରେଳପଥର ଜେନେରାଲ୍ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ଷ୍ଟେସନମାଷ୍ଟରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରେଳ ବିଭାଗ ପକ୍ଷରୁ ଜିଲ୍ଲାର ନ୍ୟାର୍ଯ୍ୟ ଦାବିଗୁଡିକ ସମ୍ପର୍କରେ ବାସ୍ତବ ପଦକ୍ଷେପ ଗ୍ରହଣ କରାନଗଲେ ଅନୁଗୋଳ ଷ୍ଟେସନରେ ଆନ୍ଦୋଳନ କରାଯିବ ବୋଲି ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିବା କମିଟିର ଅନ୍ୟତମ ଆବାହକ ଅଭିମନ୍ୟୁ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ନିରୋଦ ଚନ୍ଦ୍ର ପାଳ, ଜୟସେନ ମେହେର, ପଠାଣୀ ବାରିହା, ତୀର୍ଥବାସୀ ଭୋଇ, ମାନସ ପାଳ, ଦାମୋଦର ଦାସ, ତ୍ରିଲୋଚନ ଜେନା, ଅଶୋକ କୁମାର ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସୁରେଶ୍ୱରୀ ଜଳସେଚନ ଯୋଜନା କାର୍ଯ୍ୟକାରୀ ନେଇ ବୈଠକ



କିଶୋରନଗର, ୧୯।୮ (ସମିସ): ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାର କୃଷି ବହୁଳ କିଶୋରନଗର ଅଞ୍ଚଳ ପାଇଁ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ବାରମ୍ବାର ଦାବି କରିଆସୁଛନ୍ତି। ବାରମ୍ବାର ଦାବି, ଆନ୍ଦୋଳନ ସତ୍ତ୍ୱେ ସୁରେଶ୍ୱରୀ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଉନଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଜୀବନ ଜୀବିକା କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ଜଏରାଟ ଠାରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସମ୍ପାଦକ ପିତାମ୍ବର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଂଗଠନିକ ସମ୍ପାଦକ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ରବୀନ୍ଦ୍ର ସାହୁ, ଯୋଗେଶ୍ୱର ପ୍ରଧାନ, ଲକ୍ଷଣ ବେହେରା, ଯୋଗୀନ୍ଦ୍ର ବିଶ୍ୱାଳ, ତରୁଣ ବେହେରା, ରାମଚନ୍ଦ୍ର ଦେହୁରୀ, ନିରାକାର ମୁଣ୍ଡା, ସୁରୁଚି ପ୍ରଧାନ ପ୍ରମୁଖ ଯୋଗଦେଇ ସୁରେଶ୍ୱରୀ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବାରେ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଓ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ମନୋଭାବକୁ ତୀବ୍ର ନିନ୍ଦା କରିଥିଲେ। ବର୍ତ୍ତମାନ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷଜମିରେ ମାଟି ଫାଟି ଆଁ କଲାଣି।ଯାହାକି ଅଞ୍ଚଳରେ ମରୁଡ଼ି ପରିସ୍ଥିତି ଦେଖିବାକୁ ମିଳିଛି। ଆସନ୍ତା୨୮ ତାରିଖରେ କରମଲକଟାରେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ବୈଠକ ଅନୁଷ୍ଠିତ ହେବ।

## ଶୁଣିଲାନି ପ୍ରଶାସନ; ରାସ୍ତା ମରାମତି କଲେ ଗ୍ରାମବାସୀ



କିଶୋରନଗର, ୧୯।୮ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତ ହତାଶିମିଳି ଗ୍ରାମକୁ ନାହିଁ ଗମନାଗମନର ସୁବିଧା। ଏଠି ରାସ୍ତାଟିଏ ପାଇଁ ହତାଶିମିଳି ଗ୍ରାମବାସୀଙ୍କ ପାଇଁ ସାତ ସପନ। କାଦୁଅ ରାସ୍ତାରେ ଗ୍ରାମବାସୀ, ସ୍କୁଲ ଓ କଲେଜ ପିଲା ଯାତାୟାତ କରୁଥିବା ବେଳେ ଜରୁରୀ ସମୟରେ ଗାଁକୁ ଦମକଳ କିମ୍ବା ଆମ୍ବୁଲାନ୍ସ ଯାଇପାରୁନାହିଁ। ଏସମ୍ପର୍କରେ ସ୍ଥାନୀୟ ସରପଞ୍ଚ, ବିଧାୟକ, ବିଡିଓ, ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଫଳ ଶୂନ। ଆଜି ହତାଶିମିଳି ଗ୍ରାମବାସୀ ଏକାଠି ହୋଇ ଗାଁ ରାସ୍ତାରେ ମାଟି ତାଡ଼ି ମୋରମ ପକାଇ ରାସ୍ତା ମରାମତି କରିଛନ୍ତି। ଏଥିପ୍ରତି ସରକାର ନ ଶୁଣିଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା

ତାଳଚେର, ୧୯।୮ (ସମିସ): ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁସ୍ଥତା, ନିରାମୟ ଜୀବନ ଓ ଆଶୁ ଆରୋଗ୍ୟ କାମନା ନିମନ୍ତେ ସମୂହ ପୂଜାର୍ଚ୍ଚନା କରାଯାଇଛି। ବିଧାୟକ ବ୍ରଜକିଶୋର ପ୍ରଧାନ ଓ ତାଳଚେର ପୌରପରିଷଦ ନଗରପାଳ ପବିତ୍ର ଭୁତିଆଙ୍କ ନିର୍ଦ୍ଦେଶ କ୍ରମେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ମନ୍ଦିର, ତାଳଚେର



ଟାଉନସ୍ଥିତ ଜଗନ୍ନାଥ ମନ୍ଦିରରେ ସମୂହ ଦୀପଦାନ ସହିତ ପୂଜାର୍ଚ୍ଚନା କରାଯାଇଛି। ତାଳଚେର ବ୍ଲକ ଓ ପୌରପାଳିକା ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି କାଉନସିଲର ବୃନ୍ଦ, ନଗର ବିଜେଡି ସଭାପତି, ଛାତ୍ର ବିଜେଡି କାର୍ଯ୍ୟକର୍ତ୍ତା ଏବଂ ବିଭିନ୍ନ ୱାର୍ଡସ୍ତରୀୟ କର୍ମକର୍ତ୍ତା ଯୋଗଦେଇଥିଲେ।

## ଜଗନ୍ନାଥ ପ୍ଲେ' ସ୍କୁଲରେ ଜନ୍ମାଷ୍ଟମୀ

ତାଳଚେର, ୧୯।୮ (ସମିସ): ତାଳଚେର ଟାଉନ ନୂଆବଜାରସ୍ଥିତ ଜଗନ୍ନାଥ ପ୍ଲେ ସ୍କୁଲ ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲର କୁନି କୁନି ଛାତ୍ରଛାତ୍ରୀଙ୍କୁ ନେଇ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଶିକ୍ଷୟିତ୍ରୀ ସୁମତି ଦାସ କୁନି କୁନି ପିଲାମାନଙ୍କୁ ରାଧାକୃଷ୍ଣଙ୍କ ବାଲ୍ୟଲୀଳା କିପରି ଥିଲା ସେସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଛାତ୍ରଛାତ୍ରୀ କୃଷ୍ଣ, ଯଶୋଦା, ଇତ୍ୟାଦି ଆକର୍ଷଣୀୟ ବେଶରେ



ସଜ୍ଜିତ ହୋଇଥିଲେ। କୃଷ୍ଣ ବେଶରେ ପ୍ରଥମ ଦିବ୍ୟାଂଶୁ ସ୍ୱାଇଁ, ଦ୍ୱିତୀୟ ଆୟାଂଶ ବେହେରା, ତୃତୀୟ ଅମ୍ରିତା ଦାସ ଏବଂ ସାଇ ମୃତ୍ୟୁଞ୍ଜୟ ସାହୁ ଓ ରାଧା ବେଶରେ ପ୍ରଥମ ଶ୍ରିଲେକା ମିଶ୍ର, ଦ୍ୱିତୀୟ ହିମାଂଶୀ ଅଗ୍ରୱାଲ, ତୃତୀୟ ଶୈଳଜା ଶୁଭଙ୍ଗନା କୃତିତ୍ୱ ହାସଲ କରିଥିଲେ। ମୁଖ୍ୟଅତିଥି ଭାବେ ଆର୍ତ୍ତତ୍ରାଣ ଦାସ ଯୋଗଦେଇ କୃତୀ ପ୍ରତିଯୋଗିତଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲର ଅଧ୍ୟକ୍ଷ ଆନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



## ପୌଷ୍ଟିକଆହାର ଅଭାବ ମୁକ୍ତ ପଞ୍ଚାୟତ ସମ୍ପର୍କିତ ତାଲିମ

କିଶୋରନଗର, ୧୯।୮ (ସମିସ): ପୌଷ୍ଟିକଆହାର ଅଭାବମୁକ୍ତ ପଞ୍ଚାୟତ ଉପରେ ଏକଦିବସୀୟ କର୍ମଶାଳା କିଶୋରନଗର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୩ଟି ପଞ୍ଚାୟତର ୬୮ଜଣ ଅଂଶଗ୍ରହଣକାରୀ ଯଥା ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏନଏମ, ଆଶା, ଅଙ୍ଗନବାଡ଼ି, ଏମବିକେ, ସିଆରପି ପ୍ରମୁଖ ତାଲିମ ଗ୍ରହଣ କରିଥିଲେ। ଏଥିରେ ବିଡିଓ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଗୋବିନ୍ଦ ଶଙ୍ଖାରୀ ଓ ଅଞ୍ଜଳି ସାହୁ ପ୍ରମୁଖ ତାଲିମ ଦାତା ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଏବିଡିଓ ଦିଲ୍ଲୀପ ପ୍ରଧାନ, ଜିପିଡିଓ ସତ୍ୟପ୍ରିୟ ସାହୁ, ସିପି ଧନେଶ୍ୱର ପ୍ରଧାନ ଓ ବିଏଲସି ବିନୋଦ ସାମଲ ତାଲିମ ପ୍ରଦାନ କରିଥିଲେ।

# 'ପା' ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ

ଅନୁଗୋଳ, ୧୯।୮ (ସମିସ)




ଅନୁଗୋଳ ଫଟୋଗ୍ରାଫର ଆସୋସିଏସନ 'ପା' ପକ୍ଷରୁ ସ୍ଥାନୀୟ ବନରାଜିକ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ପା'ର ୧୩ ତମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା। ଆୟୋଜିତ ସ୍ୱତନ୍ତ୍ର ସଭାରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସହ ବିଶେଷ ଅତିଥି ଭାବେ କେରଳର ସିସିଏଫର ଡ. ପଦ୍ମା ମହାନ୍ତି ଓ ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ସାମିଲ ହୋଇଥିଲେ। ସେହିପରି ବନରାଜିକ ମହାବିଦ୍ୟାଳୟର ଡିସିଏଫ୍ ଅମୂଲ୍ୟ ପରିଡ଼ା ଅତିଥି ଭାବେ ଯୋଗଦେଇ ଫଟୋଗ୍ରାଫି ଦିବସର ତାତ୍ପର୍ଯ୍ୟ ଓ ଫଟୋର ଭୂମିକା ସମ୍ପର୍କରେ ନିଜ ନିଜ ମତ ଦେଇଥିଲେ। ଜିଲ୍ଲାର ବିକାଶରେ ଫଟୋଗ୍ରାଫରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ମତ ରଖିଥିଲେ। ସଂଘ ସଭାପତି ଦିଲ୍ଲୀପ ଧୀର ସାମନ୍ତ ସଭାପତିତ୍ୱରେ ଆୟୋଜିତ ସଭାରେ ସଂଘର କାର୍ଯ୍ୟକାରୀ ସଭାପତି ଅନନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘ ସମ୍ପାଦକ ସତ୍ୟବ୍ରତ ସାମଲ ଓ କୋଷାଧ୍ୟକ୍ଷ ଛବିଳ କୁମାର ସାହୁ ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ। ଏହି ଅବସରେରେ ବରିଷ୍ଠ ଫଟୋଗ୍ରାଫର ଅଜୟ କୁମାର ପାତ୍ର ଓ ବସନ୍ତ କୁମାର ନାୟକ ଏବଂ ସ୍ୱେଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ଓଡ଼ିଶାରେ ବିପ୍ଳବ ଆଣିଥିବା ପ୍ରଦୀପ୍ତ କୁମାର ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ପ୍ରଥମ କରି ଦୁଇ ଦିନିଆ ବନ୍ୟପ୍ରାଣୀ ସମ୍ବନ୍ଧୀୟ ଫଟୋ ପ୍ରଦର୍ଶନୀ ଓ କ୍ୟାମେରା ପ୍ରଦର୍ଶନୀର ମଧ୍ୟ ଆୟୋଜିତ ହୋଇଛି। ବନରାଜିକ ମହାବିଦ୍ୟାଳୟର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ବେହେରାଙ୍କ ସହାୟତାରେ ସମସ୍ତ କାର୍ଯ୍ୟେ ସମ୍ପାଦିତ ହୋଇଥିଲା। ଏଥିରେ ବନରାଜିକ ମହାବିଦ୍ୟାଳୟର ସମସ୍ତ ପ୍ରଶିକ୍ଷାର୍ଥୀ ସାମିଲ ଥିଲେ। ଓଡ଼ିଶାର ବରିଷ୍ଠ ଫଟୋଗ୍ରାଫର ଆଶିଷ ଧୀର ଓ ଅମର ଜ୍ୟୋତି ସିଂଦେଓ ଏବଂ ସବ୍ୟସାଚୀ ପାଣିଗ୍ରାହୀ ମଧ୍ୟ ସାମିଲ ହୋଇଥିଲେ।


## କଣିହାଁ ବ୍ଲକ୍ ଉଠା ଜଳସେଚନ ବିଭାଗର ସମୀକ୍ଷା ବୈଠକ



ତାଳଚେର ସହର/କଣିହାଁ, ୧୯।୮ (ସମିସ): କଣିହାଁ ବ୍ଲକର ଉଠା ଜଳସେଚନ ପ୍ରକଳ୍ପର ସମୀକ୍ଷା ବୈଠକ ତାଳଚେର ଉପଜିଲ୍ଲାପାଳ ସମୀର ଜେନାଙ୍କ ଅଧ୍ୟକ୍ଷତାରେ ସମଲ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ପାଲଲହଡା

● ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ବିଧାୟକଙ୍କ ନିର୍ଦ୍ଦେଶ

ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ବ୍ଲକସ୍ତରୀୟ ଉଠା ଜଳସେଚନ ବିଭାଗର ସମୀକ୍ଷା କରିଥିଲେ। ବର୍ଷା ଅଭାବରୁ ପ୍ରଭାବିତ ଚାଷ ଜମିକୁ ଜଳ ଯୋଗାଇଦେବା ପାଇଁ କଣିହାଁ ବ୍ଲକର ୧୩୨ ଉଠା ଜଳସେଚନ ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା। ସେହିପରି ନୂତନ ଭାବରେ ହେବାକୁ ଥିବା ସେଚ ପ୍ରକଳ୍ପର କାର୍ଯ୍ୟକାରିତ ନେଇ ଆଲୋଚନା ହୋଇଥିଲା। ଆବଶ୍ୟକ ସ୍ଥଳେ ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଖୁଦ୍ର ଜଳସେଚନ ବିଭାଗର କେନାଲକୁ ଯୁଦ୍ଧକାଳୀନ ଭିତିରେ ମରାମତି କରି ଜମିକୁ ପାଣି ଦେବାକୁ ପ୍ରସ୍ତୁତ ରହିବାକୁ କହିଥିଲେ। ନୀଳାପଶି, ବିରୁ, କଟରପଡ଼ା, ସମଲ, ଟିପୋ, କୁଲେଇ, ଗହମ ବେଠିଆଭୂଇଁ, କର୍ଣ୍ଣପାଳ ଓ ସିପୁର ଆଦି ଗ୍ରାମର ଅଭିଯୋଗ ଶୁଣି ସମାଧାନ ପାଇଁ ଉପଜିଲ୍ଲାପାଳ ଓ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ବୈଠକ କରିବା ସହିତ ବିଦ୍ୟୁତ୍ ଦେୟ ଜନୀତ ସମସ୍ୟାର ସମାଧାନ ପାଇଁ ଟିପିସିଓଡ଼ିଲର ନିର୍ବାହୀ ଅଧିକାରୀଙ୍କୁ ଫୋନ ଯୋଗେ ଆଲୋଚନା କରିଥିଲେ। ବୈଠକରେ ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବରାଜ ସେଠୀ, ସମଲ ବ୍ୟାରେଜ ଅଧିକ୍ଷଣ ଯନ୍ତ୍ରୀ ବିକାଶ କୁମାର ସୁବୁଦ୍ଧି, ସହକାରୀ ଯନ୍ତ୍ରୀ ମନୋଜ ବେହେରା, ଖୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ରାକେଶ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିରୁ ସରପଞ୍ଚ ଧରଣୀ ଧର ବେହେରା, ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା, ତ୍ରିପୁରାରି ପ୍ରଧାନ, ପ୍ରହ୍ଲାଦ ସାମଲ, ବିଛନ୍ଦ ସାହୁ ଓ ସୁମନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବିଳାସ ନୁହେଁ, ଭଲ ପାଇବା ହିଁ ମାନବ ସଭ୍ୟତାର ସୁସ୍ଥ ଭବିଷ୍ୟତ ପାଇଁ ଜରୁରୀ।
-ଦଲାଇ ଲାମା

ସକାଳ
THE SAKALA

# ପରୀକ୍ଷା ପ୍ରହସନ

ପରୀକ୍ଷାରେ ବହି, ଖାତା ଦେଖି ଲେଖିବା(ଓବିଇ) ଭଳି ଏକ ଅଭିନବ ପରିକଳ୍ପନାକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ପରିଚାଳନା ମଣ୍ଡଳୀ ସବୁଜ ସଙ୍କେତ ଦେଇଛି। ୨୦୨୩ ନଭେମ୍ବର-ଡିସେମ୍ବର ମାସରେ ଆରମ୍ଭ ହୋଇଥିବା ପାଇଲଟ୍ ପ୍ରକଳ୍ପର ସଫଳତା ଆଧାରରେ ୨୦୨୬-୨୭ ଶିକ୍ଷା ବର୍ଷରୁ ନବମ ଶ୍ରେଣୀରେ ଏହା କାର୍ଯ୍ୟକାରୀ ହେବ ବୋଲି ଆପାତତଃ ଚୂଡ଼ାନ୍ତ ହୋଇଛି। ପାଇଲଟ୍ ପ୍ରକଳ୍ପରେ ନବମ ଓ ଦଶମ ଶ୍ରେଣୀରେ ଇଂରାଜୀ, ଗଣିତ ଓ ବିଜ୍ଞାନ ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଇଂରାଜୀ, ଗଣିତ ଓ ଜୈବବିଜ୍ଞାନ ବିଷୟରେ ଓବିଇ ପଦ୍ଧତି ଅନୁସୃତ ହୋଇଥିଲା, ଯାହାକୁ ଶିକ୍ଷକମାନେ ବିପୁଳ ସମର୍ଥନ କରିଥିବା ସିବିଏସ୍‌ଇ ଦାବି କରିଛି। ମସ୍ତିଷ୍କ ଓ ସ୍ମୃତି ଶକ୍ତି ଉପରେ ଅଧିକ ଚାପ ସୃଷ୍ଟି ନ କରି ଛାତ୍ରଛାତ୍ରୀଙ୍କ ଅନୁସନ୍ଧାନ, ବ୍ୟାଖ୍ୟାନ ଓ ଉପସ୍ଥାପନ ଦକ୍ଷତା ବିକାଶରେ ଏହି ପଦ୍ଧତି ଫଳପ୍ରଦ ହୋଇଥିବା କୁହାଯାଉଛି।

ଅଷ୍ଟମ ଶ୍ରେଣୀରେ ପାସ୍‌ଫେଲ୍ ବ୍ୟବସ୍ଥାକୁ ପୁନଃପ୍ରଚଳନ କରିବା ପାଇଁ ଗତ ଜାନୁଆରୀ ମାସରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜବାହାର ନବୋଦୟ ବିଦ୍ୟାଳୟକୁ ନିର୍ଦ୍ଦେଶାବଳୀ ଜାରି କରିବା ପରେ ଓଡ଼ିଶା ସମେତ କେତେକ ରାଜ୍ୟ ସରକାର ଚଳିତ ଶିକ୍ଷାବର୍ଷଠାରୁ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଏହାପଛର ମୂଳ ଓ ମହତ୍ ଉଦ୍ଦେଶ୍ୟ ହେଉଛି ପାସ୍ ଫେଲ୍ ବ୍ୟବସ୍ଥା ଉଠିଯିବା ଦ୍ୱାରା ଛାତ୍ରଛାତ୍ରୀମାନେ ପାଠପଢ଼ାରେ ଅମନଯୋଗୀ ହେଉଛନ୍ତି। ପଞ୍ଚମ ଶ୍ରେଣୀରେ ପଢୁଥିବା ପିଲା ଦ୍ୱିତୀୟ ଶ୍ରେଣୀର ପାଠ ପଢ଼ିପାରୁନାହାନ୍ତି। ପରୀକ୍ଷା ବ୍ୟବସ୍ଥା ରହିଲେ ଫେଲ୍ ହେବାର ଭୟ ମଧ୍ୟ ରହିବ। ତେଣୁ ପିଲାମାନେ ପାଠ ପ୍ରତି ଗୁରୁତ୍ୱ ଦେବେ। ଏହା ଏକ ଉତ୍ତମ ଓ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଏହି ଆଧାରରେ ଓବିଇକୁ ବିଚାର କଲେ ଯଦି ପିଲାମାନଙ୍କୁ ବହି ଦେଖି ଉତ୍ତର ଲେଖିବାର ବା ନିର୍ଭୟରେ କପି କରିବାର ସୁଯୋଗ ମିଳିଯିବ ତେବେ ପରୀକ୍ଷା ପ୍ରତି ଭୟ ରହିବ ନାହିଁ କି ଉପରୋକ୍ତ ମହତ୍ ଉଦ୍ଦେଶ୍ୟ ସାଧିତ ହେବ ନାହିଁ। କପି କରିବା ଆମ ବ୍ୟବସ୍ଥାରେ ଏକ ଦୁର୍ନୀତି ବା ଅପରାଧ(ମାଲ୍‌ପ୍ରାକ୍ଟିସ୍) ରୂପେ ଧରାଯାଉଛି। ତେଣୁ ଏବେ ସିବିଏସ୍‌ଇର ଓବିଇ ପଦ୍ଧତି ଏହି ମାଲ୍‌ପ୍ରାକ୍ଟିସ୍‌କୁ ବୈଧ କରିବା ଭଳି ହେବ ନାହିଁ କି?

ଆମ ଶିକ୍ଷା ବ୍ୟବସ୍ଥାରେ ଉପରଶ୍ରେଣୀକୁ ଉନ୍ନୀତ ହେବା ପାଇଁ ପରୀକ୍ଷା ନମ୍ବର ଏକ ମାପଦଣ୍ଡ ଏବଂ ପରୀକ୍ଷା ଫଳ ଏକ ପ୍ରବେଶପତ୍ର ଭାବେ ବିବେଚନା ହୋଇଆସୁଛି। କିନ୍ତୁ ଛାତ୍ରଛାତ୍ରୀ କ'ଣ ପଢ଼ିଲେ, କିପରି ପଢ଼ିଲେ ଓ କ'ଣ ଶିଖିଲେ ତାହାର ବାସ୍ତବ ପ୍ରତିଫଳନ ଓ ପ୍ରମାଣ ହେଉଛି ପରୀକ୍ଷା। ଯଦି ପରୀକ୍ଷା କେବଳ କପି ଆଧାରିତ ହୁଏ ତେବେ ସେମାନଙ୍କ ଭବିଷ୍ୟତ ପ୍ରଭାବିତ ହେବ। ନିଯୁକ୍ତି, ବୃତ୍ତି, ଅନ୍ୟ ପେସାଦାର ଶିକ୍ଷା, ପ୍ରବେଶିକା ପରୀକ୍ଷା ବେଳେ ସେମାନେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ଦେଶର ବିଶାଳ ଛାତ୍ରସମାଜ ମଧ୍ୟରୁ ଶିକ୍ଷାକୁ ଜ୍ଞାନ ଆହରଣର ମାଧ୍ୟମ ଭାବେ ପରବର୍ତ୍ତୀ ଜୀବନରେ ଉପଯୋଗ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଳ୍ପ ହେଲେ ମଧ୍ୟ ଦେଶକୁ ଜ୍ଞାନର ପେଣ୍ଠସ୍ଥଳୀ ରୂପେ ମାନ୍ୟତା ଦେବାରେ ସେମାନଙ୍କ ଅବଦାନ ଓ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ବିଶାଳ ଛାତ୍ରସମାଜରେ ଏଭଳି ମଧ୍ୟ ଏକ ବର୍ଗ ରହିଛନ୍ତି, ଯେଉଁମାନେ କେବଳ ଡିଗ୍ରୀ ହାସଲ କରିବାକୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥା'ନ୍ତି। ପ୍ରଚଳିତ ରୂଢ଼ି ଅନୁଯାୟୀ ପ୍ରଥମ ବର୍ଗକୁ 'ଧୁଆମୂଳା' ଓ ଦ୍ୱିତୀୟ ବର୍ଗକୁ 'ଅଧୁଆମୂଳା' ଭାବରେ ଅଭିହିତ କରାଯାଏ। ଏହି 'ଧୁଆମୂଳା' ଓ 'ଅଧୁଆମୂଳା'ମାନେ ପରୀକ୍ଷା ନମ୍ବର ଆଧାରରେ ବାରି ହୋଇପଡ଼ନ୍ତି। ଯଦି ସିବିଏସ୍‌ଇର ଓବିଇର ସଫଳତା ଆଧାରରେ ପ୍ରତି ଶିକ୍ଷାନୁଷ୍ଠାନରେ ଏଭଳି ଖୋଲା କପି ବ୍ୟବସ୍ଥା କାର୍ଯ୍ୟକାରୀ ହୁଏ ତେବେ 'ଧୁଆମୂଳା' ଓ 'ଅଧୁଆମୂଳା' ମଧ୍ୟରେ ଥିବା ତଫାତ୍ କମି ଆସିବ। ନା ଛାତ୍ରଛାତ୍ରୀ ଶିକ୍ଷାଗ୍ରହଣର ଚାପରେ ରହିବେ ନା ଶିକ୍ଷକ/ଶିକ୍ଷୟିତ୍ରୀ ଶିକ୍ଷାଦାନର ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦେବେ। ଏଥିରେ 'ଧୁଆମୂଳା'ମାନେ ଅଧିକ କ୍ଷତିଗ୍ରସ୍ତ ହେବେ ଏବଂ 'ଅଧୁଆମୂଳା'ମାନେ ଭାଗ୍ୟବାନ୍ ସାବ୍ୟସ୍ତ ହେବେ।

ପରବର୍ତ୍ତୀ ସମୟରେ ହୁଏତ ପୁଣି ପ୍ରଶ୍ନ ଉଠିବ ଯଦି ନବମରେ ଓବିଇ ଲାଗୁ ହେଲା ତାହା ଦଶମ, ଦ୍ୱାଦଶରେ ଲାଗୁ ହେବ ନାହିଁ କାହିଁକି? ପୁଣି ଯଦି ଉପର ଶ୍ରେଣୀରେ ଓବିଇ ଲାଗୁ ହୋଇପାରୁଛି ତେବେ ଅଷ୍ଟମ ଶ୍ରେଣୀରେ କାହିଁକି ନୁହେଁ? ଏଭଳି ଓବିଇର ସଂକ୍ରମଣ ଶିକ୍ଷାର ବିଭିନ୍ନ ସ୍ତରକୁ ମାଡ଼ି ଚାଲିବ। ଏହାଦ୍ୱାରା ମଧ୍ୟ ଶ୍ରେଣୀକକ୍ଷ ଶିକ୍ଷାଦାନ ଗୁରୁତ୍ୱ ହରାଇବ ଏବଂ ଟେଷ୍ଟପେପର ବା କିବୁକ୍, ଗାଇଡ୍‌ବୁକ୍ ଆଦିର ବିଶାଳ ବଜାର ସୃଷ୍ଟି ହେବ। କାରଣ କେବଳ ଜ୍ଞାନ ବିତରଣ ପାଇଁ ସମର୍ପିତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସଂଖ୍ୟା କେତେ ତାହା ବୁଝାଇ କହିବା ଆବଶ୍ୟକ ନାହିଁ। ହୁଏତ ସେମାନେ ଶ୍ରେଣୀରେ ନାମକୁ ମାତ୍ର ଉପସ୍ଥାନ ପକାଇ ଲୁଚାଛପାରେ ଗାଇଡ୍‌ବୁକ୍ ଲେଖିବାରେ ଅଧିକ ମନୋନିବେଶ କରିପାରନ୍ତି।

ଓବିଇ ବ୍ୟବସ୍ଥା ୧୯୫୩ରେ ହଂକଂ ପ୍ରଥମେ ଲାଗୁ କରିଥିଲା। ୧୯୫୧ରୁ ୧୯୭୮ ଭିତରେ ଆମେରିକା ଓ ଇଂଲଣ୍ଡରେ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପରୀକ୍ଷାମୂଳକ ଭାବେ ଏହି ପଦ୍ଧତି ଅନୁସୃତ ହୋଇ ପ୍ରତ୍ୟାହୃତ ହୋଇଥିଲା। ୨୦୧୯ରେ କୋଭିଡ୍ ମହାମାରୀ ସମୟରେ ଭାରତରେ ଇଞ୍ଜିନିୟରିଂ ପରୀକ୍ଷା ପାଇଁ ଓବିଇ ପଦ୍ଧତି ଏଆଇସିଟିଇ ଦ୍ୱାରା କେବଳ ସେହିବର୍ଷ ପାଇଁ ଅନୁମୋଦିତ ହୋଇଥିଲା। ସେହିପରି ୨୦୧୪ ମସିହାରେ ସିବିଏସ୍‌ଇ ପକ୍ଷରୁ 'ଓପନ୍ ଟେକ୍ସଟ ବେସ୍‌ଡ ଆସେସ୍‌ମେଣ୍ଟ(ଓଟିବିଏ)' ଆରମ୍ଭ କରାଯାଇଥିଲା, ଯେଉଁଥିରେ ପରୀକ୍ଷା ପୂର୍ବରୁ କେତେକ ନିର୍ଦ୍ଦିଷ୍ଟ ବିଷୟର ସମ୍ଭାବ୍ୟ ପ୍ରଶ୍ନୋତ୍ତର ସମ୍ବଳିତ ପୁସ୍ତିକା ନବମ, ଦଶମ ଓ ଏକାଦଶ ଶ୍ରେଣୀର ପିଲାମାନଙ୍କୁ ଦିଆଯାଉଥିଲା। ଏହାଦ୍ୱାରା ପିଲାମାନଙ୍କର ବିଶ୍ଳେଷାତ୍ମକ ଦକ୍ଷତା ପ୍ରଭାବିତ ହେଉଥିବା କହି ୨୦୧୭-୧୮ରେ ପ୍ରତ୍ୟାହାର କରି ନିଆଯାଇଥିଲା। ତେଣୁ ଓବିଇ ପଦ୍ଧତି କେତେ ସଫଳ ହେବ ତାହା ସମୟ କହିବ। କିନ୍ତୁ ବାରମ୍ବାର ଏଭଳି ବ୍ୟବସ୍ଥା ପରିବର୍ତ୍ତନ ଦ୍ୱାରା ଶୈକ୍ଷିକ ସନ୍ତୁଳନ ବିଗିଡ଼ିଯିବ ଏବଂ ପରୀକ୍ଷା କେବଳ ଏକ ପ୍ରହସନରେ ପରିଣତ ହେବ ବୋଲି ଆମର ମତ।

# ଉପକୂଳର ସୁରକ୍ଷା କବଚ

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ଲୁଣା ଜଙ୍ଗଲ ବା ମାନଗ୍ରୋଭ ନିଜର ଘନ, ଶକ୍ତ ଓ ନମନୀୟ ଛିଦ୍ରାଳ ଭଳି ମୂଳ ବଳରେ ଝଡ଼ ଓ ବନ୍ୟା ବିରୁଦ୍ଧରେ ପ୍ରାକୃତିକ ସୁରକ୍ଷା କବଚ ଭଳି କାର୍ଯ୍ୟ କରେ। ସେଗୁଡ଼ିକ ମାଟିକୁ ଦୃଢ଼ ଭାବରେ ବାନ୍ଧି ରଖନ୍ତି, ଯାହା ଉପକୂଳ କ୍ଷୟକୁ ରୋକିବାରେ ସାହାଯ୍ୟ କରେ। ଖାଦ୍ୟ, ଇନ୍ଧନ, ଔଷଧୀୟ ଲାଭ ଓ ମନୋରଞ୍ଜନ ପ୍ରଦାନ କରିବା ସହିତ ଲୁଣା ଜଙ୍ଗଲ ଉଦ୍ଭିଦ ସାମୁଦ୍ରିକ ଓ ଉପକୂଳୀୟ ପ୍ରାଣୀ ଓ ଉଦ୍ଭିଦ ପାଇଁ ଆଦର୍ଶ ଆବାସସ୍ଥାନ, ଘୂର୍ଣ୍ଣିବଳୟ ବିପର୍ଯ୍ୟୟରୁ ସୁରକ୍ଷା ଏବଂ କାର୍ବନ ସିକ୍ୱେଷ୍ଟରେସନ୍ ବା ଅଙ୍ଗାର ଅବଶୋଷଣଠାରୁ ଆରମ୍ଭ କରି ଅନେକ ପରିବେଶଗତ ସେବା ପ୍ରଦାନ କରେ। ଇଣ୍ଡିଆନ୍ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (୨୦୨୧) ଅନୁଯାୟୀ, ଭାରତରେ ଲୁଣା ଜଙ୍ଗଲ ପ୍ରତିବର୍ଷ ପ୍ରାୟ ୪.୯ ନିୟୁତ ଟନ୍ କାର୍ବନ ବା ଅଙ୍ଗାର ସଂରକ୍ଷଣ କରେ, ଯାହା ଜଳବାୟୁ ପରିବର୍ତ୍ତନ ପ୍ରଶମନ ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଏ।

ଓଡ଼ିଶାରେ ପ୍ରାୟ ୪୮୦ କିଲୋମିଟର ଦୀର୍ଘ ସମୁଦ୍ର ଉପକୂଳ ଅଛି, ଯାହା ଛଅଟି ଜିଲ୍ଲା ଯଥା ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରକୁ ସ୍ପର୍ଶ କରୁଛି। ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ଏକ-ତୃତୀୟାଂଶ ଏହି ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ସାତଭାୟା ଓ ପେଣ୍ଠ, ଜଗତସିଂପୁର ଜିଲ୍ଲାର ସିଆଳି ଓ ନୋଳିଆ ସାହି, ପୁରୀ ଜିଲ୍ଲାର ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ଓ ଅରକଖୁଦା, ଗଞ୍ଜାମ ଜିଲ୍ଲାର ପୋଡାମପେଟା ଓ ରାମାୟାପାଟଣା ଇତ୍ୟାଦି ଅଞ୍ଚଳ ହେଉଛି ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ସମୁଦ୍ର ପତ୍ତନ ବୃଦ୍ଧି, ଜୁଆର ଓ ବାରମ୍ବାର ଘୂର୍ଣ୍ଣିଝଡ଼ ଯୋଗୁଁ ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକ ଧୋଇ ହୋଇଯାଏ।

ସାମ୍ପ୍ରତିକ ବର୍ଷଗୁଡ଼ିକରେ ଓଡ଼ିଶାରେ ଘୂର୍ଣ୍ଣିଝଡ଼ର ବାରମ୍ବାରତା ବୃଦ୍ଧି ପାଇଛି। ଓଡ଼ିଶା ଉପକୂଳ ପୁନଃ ପୁନଃ ସୁପର-ସାଇକ୍ଲୋନ୍ ବା ମହାବାତ୍ୟା (୧୯୯୯), ଫାଇଲିନ ବା ସୁପର ଟାଇଫୁନ୍(୨୦୧୩), ହୁଡ଼ହୁଡ୍ (୨୦୧୪), ତିତଲି(୨୦୧୮), ଫନି (୨୦୧୯), ବୁଲବୁଲ (୨୦୧୯), ଆମ୍ଫାନ୍ (୨୦୨୦), ୟାସ୍ (୨୦୨୧), ଜୱାଦ୍(୨୦୨୧), ଗୁଲାବ(୨୦୨୧), ଅସନୀ(୨୦୨୨) ଏବଂ ଦାନା (୨୦୨୪) ଭଳି ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଛି। ଏହି ବିପର୍ଯ୍ୟୟଗୁଡ଼ିକ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ପ୍ରକାରର ବାଣିଜ୍ୟିକ, ଭିତ୍ତିଭୂମି ଓ ବ୍ୟକ୍ତିଗତ ସମ୍ପତ୍ତିକୁ କ୍ଷତିଗ୍ରସ୍ତ ଓ ନଷ୍ଟ କରିଛି।

ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସ୍ୱୟଂଶାସିତ ପ୍ରତିଷ୍ଠାନ, ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା(ଏନ୍‌ଆଇଡିଏମ୍) ଦ୍ୱାରା ଜୁଲାଇ ୨୦୨୫ରେ ପ୍ରକାଶିତ 'ଘୂର୍ଣ୍ଣିଝଡ଼ ଦୁର୍ବଳତା ପ୍ରତି ସାମାଜିକ-ପରିସଂସ୍ଥାୟ ସହନଶୀଳତା: ଉପକୂଳ ଓଡ଼ିଶାର ଏକ ଅନୁଧ୍ୟାନ' ଶୀର୍ଷକ ଏକ ସାମ୍ପ୍ରତିକ ଅଧ୍ୟୟନ, ଓଡ଼ିଶାର ୪୮୦ କିଲୋମିଟର ଲମ୍ବା ଉପକୂଳରେ ଘୂର୍ଣ୍ଣିଝଡ଼ ବିପର୍ଯ୍ୟସ୍ତ ମୁକାବିଲାରେ ସାମାଜିକ-ପରିସଂସ୍ଥାୟ ସ୍ଥିରତାକୁ ବୃଦ୍ଧି କରିବା ପାଇଁ ରଣନୈତିକ ହସ୍ତକ୍ଷେପର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରେ। ପୂର୍ବ ଭାରତ ଉପକୂଳ ବିଶ୍ୱର ସବୁଠାରୁ ଘୂର୍ଣ୍ଣିଝଡ଼-ପ୍ରବଣ ଅଞ୍ଚଳ ମଧ୍ୟରୁ ଗୋଟିଏ ହୋଇଥିଲେ ମଧ୍ୟ ଅନ୍ୟ ପୂର୍ବ ରାଜ୍ୟ ତୁଳନାରେ ଓଡ଼ିଶା ଦୁଇଗୁଣ ଦୁର୍ବଳ ବୋଲି ରିପୋର୍ଟରେ କୁହାଯାଇଛି। ୧୮୯୧ ରୁ ୨୦୧୮ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଅତିକ୍ରମ କରିଥିବା ଘୂର୍ଣ୍ଣିଝଡ଼ ସଂଖ୍ୟା ୧୧୦ ଥିଲା, ଯାହା ସମସ୍ତ ପୂର୍ବ ଉପକୂଳ ରାଜ୍ୟ ମଧ୍ୟରେ ସର୍ବାଧିକ। ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ରାଜ୍ୟର କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକର ପେଣ୍ଠ ଗ୍ରାମରେ ଭୂ-ସିନ୍ଥେଟିକ୍ ଟ୍ୟୁବ୍ କାନ୍ଥ ଏବଂ ସମସ୍ତ ଛଅଟି ଉପକୂଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୁଣାବନ୍ଧ ନିର୍ମାଣ କରାଯାଇଛି। ଏଥିରୁ ପ୍ରାପ୍ତ ଅଭିଜ୍ଞତାରୁ ବହୁତ କିଛି ଶିଖିବାର ଅଛି। ଓଡ଼ିଶାର ଉପକୂଳକୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ରାଜ୍ୟ ଜଳସମ୍ପଦ ବିଭାଗ ୩୮୦ କିଲୋମିଟର ଲମ୍ବା ଲୁଣାବନ୍ଧ ନିର୍ମାଣ ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛି। ତଥାପି ଏପରି କୌଣସି ଇଞ୍ଜିନିୟରିଂ ଡିଭାଇସ୍ ବା ଯାନ୍ତ୍ରିକ ଅଭିକଳ୍ପ କେବେବି ସ୍ଥାୟୀ ସମାଧାନ ନୁହେଁ ବୋଲି ଅନୁଭବ କରାଯାଉଛି।

ରିପୋର୍ଟରେ ଘୂର୍ଣ୍ଣିବାତ୍ୟାକୁ ହ୍ରାସ କରିବା ଏବଂ ଜୀବିକା ବୃଦ୍ଧି କରିବା ପାଇଁ ଏକ ପ୍ରାକୃତିକ ସମାଧାନ ଭାବରେ ଉପକୂଳରୁ ପ୍ରାୟ ୩ କିଲୋମିଟର ଅଞ୍ଚଳ ଭିତରେ, ସ୍ଥଳ ଓ ଜଳ ମଧ୍ୟରେ ସଂଯୋଗକୁ ପୁନରୁଦ୍ଧାର କରିବାକୁ ସୁପାରିସ କରାଯାଇଛି। ଏଥିରେ ଲୁଣା ଜଙ୍ଗଲି ଉଦ୍ଭିଦ ବା ମାନଗ୍ରୋଭ, ବାଲିଆ ଭୂମିରେ ଝାଉଁ ସହିତ ଅନ୍ୟାନ୍ୟ ଜାତୀୟ ଉଦ୍ଭିଦ ଜଙ୍ଗଲର ପୁନରୁଦ୍ଧାର ଅନ୍ତର୍ଭୁକ୍ତ। ଲୁଣା ଜଙ୍ଗଲ ହେଉଛି ଲବଣ-ସହନଶୀଳ ବା ନମନୀୟ ଗୁଣ ବିଶିଷ୍ଟ ଉଦ୍ଭିଦ ଦ୍ୱାରା ବର୍ଣ୍ଣିତ ଉପକୂଳୀୟ ଇକୋସିଷ୍ଟମ୍ ବା ପରିସଂସ୍ଥା। ଭାରତରେ ଲୁଣା ଜଙ୍ଗଲ ମୁଖ୍ୟତଃ ପୂର୍ବ ଓ ପଶ୍ଚିମ ଉପକୂଳରେ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଦେଖାଯାଏ। ପ୍ରାୟ ୬୦% ଲୁଣା ଜଙ୍ଗଲ ବଙ୍ଗୋପସାଗରର ପୂର୍ବ ଉପକୂଳରେ, ୨୭% ଆରବ ସାଗର ସୀମାନ୍ତ ପଶ୍ଚିମ ଉପକୂଳରେ ଏବଂ ୧୩% ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଅବସ୍ଥିତ। ଗଙ୍ଗା, ବ୍ରହ୍ମପୁତ୍ର, ମହାନଦୀ, ଗୋଦାବରୀ, କୃଷ୍ଣା ଓ କାବେରୀ ନଦୀର ବିବିଧ ଭୂଭାଗ, ଢାଲ ଓ ଡେଲ୍ଟା ବା ତ୍ରିକୋଣ ଭୂମି ଅଞ୍ଚଳ ପୁଷ୍ଟିକର ଭରପୂର ପଟୁ ମାଟି ସହିତ ଲୁଣା ଜଙ୍ଗଲ ପରିସଂସ୍ଥାକୁ ସମର୍ଥନ କରେ। ଆମ ଦେଶରେ ସୁନ୍ଦରବନ (ବଙ୍ଗଳା), ଭିତରକନିକା (ଓଡ଼ିଶା), ପିଚାଭରମ୍ (ତାମିଲନାଡୁ) ଏବଂ କୃଷ୍ଣା-ଗୋଦାବରୀ (ଆନ୍ଧ୍ର ପ୍ରଦେଶ) ଡେଲ୍ଟା ଅଞ୍ଚଳ ସମେତ ବିଶ୍ୱର କିଛି ବୃହତ ଲୁଣା ଜଙ୍ଗଲ ରହିଛି। ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ ୨୦୨୩ ଅନୁଯାୟୀ, ଓଡ଼ିଶାରେ ୨୫୧ ବର୍ଗ କିଲୋମିଟର ଲୁଣା ଜଙ୍ଗଲ ରହିଛି।

୧୯୯୯ ମହାବାତ୍ୟା ଏବଂ ପରବର୍ତ୍ତୀ ଘୂର୍ଣ୍ଣିଝଡ଼ ସମୟରେ ହୋଇଥିବା କ୍ଷୟକ୍ଷତିକୁ ସୀମିତ କରିବାରେ ଭିତରକନିକା ଅଞ୍ଚଳର ସମୃଦ୍ଧ ଲୁଣା ବନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ଏବଂ ସର୍ବଶେଷ ବାତ୍ୟା ଥିଲା 'ଡାନା', ଯାହା ୨୦୨୪ ଅକ୍ଟୋବରରେ ଓଡ଼ିଶା ଉପକୂଳରେ ଆଘାତ କରିଥିଲା। ଏହାକୁ ଧ୍ୟାନରେ ରଖି ଓଡ଼ିଶା ସରକାର ଉପକୂଳବର୍ତ୍ତୀ ଅଞ୍ଚଳରେ ଅଧିକ ଲୁଣା ଜଙ୍ଗଲ ଏବଂ ଝାଉଁ ବନ ସୃଷ୍ଟିର ଆବଶ୍ୟକ ଅନୁଭବ କଲେ। ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ ୨୦୨୩ ଅନୁଯାୟୀ, ଓଡ଼ିଶାରେ କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର ଓ ପୁରୀ ଜିଲ୍ଲାରେ ମୋଟ ୨୫୯.୦୬ ବର୍ଗ କିଲୋମିଟର ଲୁଣା ଜଙ୍ଗଲ ଥିବା ଦାବି କରାଯାଇଛି। ଓଡ଼ିଶା ସରକାର ୨୦୨୫-୨୬ ସୁଦ୍ଧା ଆଉ ୬୩୨ ହେକ୍ଟର ଜମିରେ ଲୁଣା ଜଙ୍ଗଲ ଉଦ୍ଭିଦ ରୋପଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଚାରୋଟି ବନ୍ୟପ୍ରାଣୀ ଡିଭିଜନ ରାଜନଗର, ଭଦ୍ରକ, ବାଲେଶ୍ୱର ଓ ପୁରୀରେ ବିଭିନ୍ନ ଯୋଜନା ଅଧୀନରେ ଏହି ରୋପଣ କରାଯିବ। ଲୁଣା ଜଙ୍ଗଲର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଓଡ଼ିଶା ଚଳିତ ବର୍ଷ ପ୍ରାରମ୍ଭରେ କେନ୍ଦ୍ରକୁ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ମଧ୍ୟ ପ୍ରଦାନ କରିଥିଲା, ଯାହା ରାଜ୍ୟରେ ୨୦୨୪-୨୫ ରୁ ୨୦୨୮-୨୯ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ପ୍ରାୟ ୩.୪୯ କୋଟି ଟଙ୍କା ବ୍ୟୟରେ 'ମିଷ୍ଟି' (ମ୍ୟାଙ୍ଗ୍ରୋଭ୍ ଇନିଟିଏଟିଭ୍ ଫର ଶୋରଲାଇନ୍ ହାବିଟାଟ୍‌ସ୍ ଆଣ୍ଡ ଟାଞ୍ଜିବଲ୍ ଇନକମ୍‌ସ) ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରକୁ ପ୍ରଦାନ କରିଥିଲା। ଉପରୋକ୍ତ ଚାରିଟି ଜିଲ୍ଲାରେ 'ମିଷ୍ଟି' ଯୋଜନା ଅଧୀନରେ ଓଡ଼ିଶାକୁ ୭୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଯୋଜନାରେ ଓଡ଼ିଶାରେ ମୋଟ ୮୯ ହେକ୍ଟର କ୍ଷେତ୍ର ଅନ୍ତର୍ଭୁକ୍ତ।

ଲୁଣା ଜଙ୍ଗଲ ପରିସଂସ୍ଥା ଜୈବ ବିବିଧତାରେ ସମୃଦ୍ଧ ଏବଂ ଅନେକ ଉଦ୍ଭିଦ ଓ ପ୍ରାଣୀ ଜାତିକୁ ଆଶ୍ରୟ ଦିଏ। ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ଅବସ୍ଥିତ ଭିତରକନିକା ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନରେ ଓଡ଼ିଶାର ସର୍ବବୃହତ ଲୁଣା ଜଙ୍ଗଲ ରହିଛି। ଏହି ଅଭୟାରଣ୍ୟ ବଉଳା କୁମ୍ଭୀର, ପାଣି ଗୋଧି ଓ ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛ ପାଇଁ ଜଣାଶୁଣା ପ୍ରାକୃତିକ ଆବାସ ଉପକୂଳ ଅଞ୍ଚଳ। ସ୍ଥାନୀୟ ନାମ ଅନୁସାରେ ପ୍ରମୁଖ ଲୁଣା ଜଙ୍ଗଲ ଉଦ୍ଭିଦ ଜାତିଗୁଡ଼ିକ ହେଉଛି ଧଳାବଣୀ, ବଡ଼ବଣୀ, ରାଇ/ରୋହି, ଗୁଆନ୍ ଗଛ, ହାରକଞ୍ଚ, କେରୁଆନ୍, ସୁନ୍ଦରୀ, ହେନ୍ତାଳ, କିଆ ଇତ୍ୟାଦି। ପ୍ଲାଙ୍କଟୋନିକ୍ ଓ ବେନ୍ଥିକ ପ୍ରାଣୀ ସମୁଦାୟ ଅର୍ଥାତ ସମୁଦ୍ର ଜଳ ମଧ୍ୟରେ ରହିଥିବା ଜୀବ ଏବଂ ପୃଷ୍ଠରେ ଭାସମାନ କ୍ଷୁଦ୍ର ଜୀବ ମଧ୍ୟ ଲୁଣା ଜଙ୍ଗଲ ପରିସଂସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।

ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତୀୟ ସଂସ୍ଥା(ଆଇୟୁସିଏନ୍) ଦ୍ୱାରା ଏକ ବିଶ୍ୱସ୍ତରୀୟ ମୂଲ୍ୟାଙ୍କନରୁ ଜଣାପଡ଼ିଛି ଯେ ବିଶ୍ୱର ଅଧା ଲୁଣା ଜଙ୍ଗଲ ପରିସଂସ୍ଥା ଧ୍ୱଂସ ପାଇବାର ଆଶଙ୍କା ରହିଛି। ଭାରତରେ ଲୁଣା ଜଙ୍ଗଲ ବିଭିନ୍ନ ବିପଦର ସମ୍ମୁଖୀନ ହେଉଛି, ଯେଉଁଥିରେ ଜଙ୍ଗଲ କ୍ଷୟ, ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଅନ୍ତର୍ଭୁକ୍ତ। ସହରାଞ୍ଚଳ ବିକାଶ, ଚିଙ୍ଗୁଡ଼ି ଚାଷ ଓ ପର୍ଯ୍ୟଟନ ଅନେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବାସସ୍ଥାନ କ୍ଷତି ଓ ଅବକ୍ଷୟର କାରଣ ହୋଇଛି। ଇଣ୍ଡିଆନ୍ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (୨୦୨୧) ମଧ୍ୟ ଉଲ୍ଲେଖ କରିଛି ଯେ ପ୍ରଦୂଷଣ ଓ ଲବଣାକ୍ତତା ପରିବର୍ତ୍ତନ ଲୁଣା ଜଙ୍ଗଲ ପରିସଂସ୍ଥା ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରେ। ଉପକୂଳ ପରିସଂସ୍ଥାର ପୁନରୁଦ୍ଧାର ପାଇଁ ଲୁଣା ଜଙ୍ଗଲର ଗୁରୁତ୍ୱକୁ ଅନୁଭବ କରି ଏକ ସ୍ଥାୟୀ ସମାଧାନ ପାଇଁ ଆଗକୁ ବହୁତ କିଛି କରିବାକୁ ପଡ଼ିବ। ଲୁଣା ଜଙ୍ଗଲ ହେଉଛି ବିପର୍ଯ୍ୟସ୍ତ ଉପକୂଳ ପାଇଁ ଏକ ପ୍ରାକୃତିକ ସବୁଜ ସୁରକ୍ଷା କବଚ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

# ଉଚ୍ଚଶିକ୍ଷାର ବାତାବରଣ

**ଡ. ମନୋଜ କୁମାର ମହାନ୍ତି**

ମାନବ ସମାଜ ପାଇଁ ଶିକ୍ଷା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଯୁଗେଯୁଗେ ରହି ଆସିଛି। ଇତିମଧ୍ୟରେ ଶିକ୍ଷାନୁଷ୍ଠାନର ସଂଖ୍ୟା, ଆକାର ଓ ପ୍ରକାର ବଦଳିଛି। ଏସବୁ ସତ୍ତ୍ୱେ ଅନେକ ସମୟରେ ଚର୍ଚ୍ଚାର ବିଷୟ ସାଜେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନକୁ ନେଇ। ମାଳମାଳ ଶିକ୍ଷାନୁଷ୍ଠାନ ସହିତ ସ୍ନାତକ ଡିଗ୍ରୀଧାରୀଙ୍କ ସଂଖ୍ୟା ଦିନକୁଦିନ ବଢ଼ି ଚାଲିଛି। କିନ୍ତୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେତିକି ମାତ୍ରାରେ ବ୍ୟକ୍ତିତ୍ୱର ବିକାଶ ହୋଇପାରୁନାହିଁ।

ଶିକ୍ଷାର ଗୁଣାତ୍ମକମାନ ଧୀରେଧୀରେ କୁଆଡ଼େ ଯାଉଛି ଭାବିଲେ କଷ୍ଟଲାଗେ। ଉଚ୍ଚଶିକ୍ଷା ବିଭାଗ ଏହି ବିପର୍ଯ୍ୟୟକୁ ହୃଦୟଙ୍ଗମ କରୁନାହିଁ ବୋଲି ସମ୍ଭବତଃ ଉଚିତ୍ ପଦକ୍ଷେପ ନେଇପାରୁନାହିଁ। ଉଚ୍ଚଶିକ୍ଷା ଏବେ କେବଳ ଅର୍ଥ ଉପାର୍ଜନରେ ବ୍ୟସ୍ତ। ଆବେଦନ, ପ୍ରବେଶଗ୍ରହଣ, ପରୀକ୍ଷା ପାଇଁ ଫର୍ମପୂରଣ, ତା'ପରେ ପରୀକ୍ଷା, ମୂଲ୍ୟାୟନ ଓ ଶେଷରେ ପରୀକ୍ଷା ଫଳାଫଳ। ଏହା ହିଁ ଆଜିର ଶିକ୍ଷାବ୍ୟବସ୍ଥା। ଗଣମାଧ୍ୟମରେ ଅନେକ ତର୍କବିତର୍କ ସତ୍ତ୍ୱେ ସେତେଟା ଉନ୍ନତି ପରିଲକ୍ଷିତ ହେଉନାହିଁ। ଅଧିକାଂଶ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନ, ଶିକ୍ଷା ଓ ଶିକ୍ଷକଙ୍କ ପ୍ରତି ସେମିତି ଆନୁଗତ୍ୟ ଦେଖିବାକୁ ମିଳୁନାହିଁ। ଯେକୌଣସି ଉପାୟରେ ଅଧିକ ମାର୍କ ସହ ପ୍ରମାଣପତ୍ର ହାତେଇବା ଲକ୍ଷ୍ୟରେ ସେମାନେ ବ୍ୟସ୍ତ। ଅଧ୍ୟାପନାରେ ଅଧ୍ୟାପକ/ଅଧ୍ୟାପିକାଙ୍କର ଧ୍ୟାନ କମିବାରେ ଲାଗୁଛି। ତା'ର ମୁଖ୍ୟକାରଣ ଶୈକ୍ଷିକ ବାତାବରଣର ଅଭାବ। ଅଧିକାଂଶ ପିଲା ଓ ଅଭିଭାବକମାନଙ୍କ ମନରେ ଏକପ୍ରକାର ଧାରଣା ଜନ୍ମିସାରିଛି ଯେ ମହାବିଦ୍ୟାଳୟକୁ ଯିବାର କିଛି ଆବଶ୍ୟକତା ନାହିଁ। ଘରୋଇ ଟିଉସନ୍ ଓ କୋଚିଂ ଦ୍ୱାରା ସବୁକିଛି ସମ୍ଭବ। ସେହିପରି ପିଲାମାନଙ୍କର କ୍ଲାସରେ ଉପସ୍ଥାପନ ପଚାଶ ପ୍ରତିଶତରୁ କମ୍ ଦେଖିବାକୁ ମିଳୁଛି। ଏହା ପଛରେ ସବୁଠୁ ବଡ଼କାରଣ ପରୀକ୍ଷା ଓ ମୂଲ୍ୟାୟନ ପ୍ରକ୍ରିୟାରେ ଅଧ୍ୟାପକ/ଅଧ୍ୟାପିକାମାନଙ୍କର ଦାୟିତ୍ୱହୀନତା। ଯାହାଦ୍ୱାରା ଉଚ୍ଚଶିକ୍ଷା ନିମ୍ନଗାମୀ ହେବାରେ ଲାଗିଛି।

ଯେଉଁଦିନ ଅଧ୍ୟାପକ ସମାଜ ଅଧ୍ୟାପନା ଓ ପରୀକ୍ଷା ମୂଲ୍ୟାୟନ ପ୍ରତି କଠୋର ହେବେ ସେଦିନ ହିଁ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ହେବ। ଉଚ୍ଚଶିକ୍ଷାରେ କ୍ରମାଗତଭାବେ ପ୍ରବେଶଗ୍ରହଣ ଚାଲୁ ରହିଲେ ଶିକ୍ଷାଗ୍ରହଣ ଓ ଶିକ୍ଷାଦାନ ମଧ୍ୟ ପ୍ରଭାବିତ ହେବ। ଶିକ୍ଷାବିଭାଗର ପ୍ରଶାସନ ତରଫରୁ ଏକ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରବେଶଗ୍ରହଣ ଶେଷ କରାଇବାକୁ ପ୍ରୟାସ କଲେ ଛାତ୍ରଛାତ୍ରୀମାନେ କ୍ଲାସ କରିବାରୁ ବଞ୍ଚିତ ହେବେନାହିଁ। ଶିକ୍ଷାର ଗୁଣାତ୍ମକମାନ ହ୍ରାସର ପ୍ରମୁଖ କାରଣ ପରୀକ୍ଷାପତ୍ର ମୂଲ୍ୟାୟନ ପ୍ରକ୍ରିୟା, ଯାହା ଅଧ୍ୟାପନା ଓ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ଅନାଗ୍ରହ ଉପରେ ଗଭୀର ପ୍ରଭାବ ପକାଉଛି। ଆଗଭଳି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରୀକ୍ଷାକୁ ନେଇ ଭୟ ନାହିଁ। ସେମାନେ ଭଲଭାବେ ଜାଣିସାରିଲେଣି ଅକୃତକାର୍ଯ୍ୟ ହେବାର କୌଣସି ଆଶଙ୍କା ନାହିଁ। କ୍ଲାସ ହେଉ କି ନ ହେଉ ପାଠ୍ୟକ୍ରମ ସରୁ କି ନ ସରୁ କିନ୍ତୁ ପରୀକ୍ଷା ହେବ। ପରୀକ୍ଷାରେ ଲେଖୁକି ନଲେଖୁ କିନ୍ତୁ ପାସ କରାଇବା ଦାୟିତ୍ୱ ଅଧ୍ୟାପକମାନଙ୍କର। ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅଧ୍ୟାପକମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଉଛି ମହାବିଦ୍ୟାଳୟରେ ପ୍ରବେଶ କରିଥିବା ଛାତ୍ରଛାତ୍ରୀ କିପରି ଉତ୍ତୀର୍ଣ୍ଣ ହେବେ ସେଥିପ୍ରତି ଧ୍ୟାନ ଜରୁରୀ। କାରଣ ପିଲାଙ୍କ ପାସ ଉପରେ ପ୍ରତ୍ୟେକ ମହାବିଦ୍ୟାଳୟର ଭବିଷ୍ୟତ ନିର୍ଭର କରେ।

ପରୀକ୍ଷା ପ୍ରଶ୍ନପତ୍ର ମୂଲ୍ୟାୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ। ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ରର ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ପତ୍ରକୁ ସାରିବାକୁ ପଡ଼ିଥାଏ। ଉଚ୍ଚଶିକ୍ଷାର ନିୟମ ଅନୁଯାୟୀ ପ୍ରତିଦିନ ପ୍ରଶ୍ନପତ୍ର ୨୫ ଖଣ୍ଡ ନିର୍ଦ୍ଧାରିତ ହୋଇଥାଏ। କିନ୍ତୁ ଅଧ୍ୟାପକ/ଅଧ୍ୟାପିକାମାନେ ନିୟମିତ ଭାବେ ପ୍ରତିଦିନ ଖାତା ଦେଖନ୍ତି କି? ଯଦି ଏହା ସତ୍ୟ ତେବେ ଦିନକୁ ୧୦୦ ରୁ ୧୨୦ଖଣ୍ଡ, କିଏ ୭୦ରୁ ୮୦ଖଣ୍ଡ ପୁଣି କେହି ୫୦ ରୁ ୬୦ଖଣ୍ଡ ଖାତା ମୂଲ୍ୟାୟନ କରିବାର ଆତ୍ମବଡ଼ିମା କାହିଁକି? ଏମିତି ବି କେହିକେହି ୨/୩ ଘଣ୍ଟାରେ ୭୦/୮୦ ଖାତା ମୂଲ୍ୟାୟନ କରିପାରନ୍ତି - ଭାବିଲେ ବିସ୍ମୟ ଲାଗେ। ପରୀକ୍ଷାଖାତା ପଢ଼ିବାକୁ କାହା ପାଖରେ ସମୟ ନାହିଁ କି ଆନ୍ତରିକତା ମଧ୍ୟ ନାହିଁ। ମୂଲ୍ୟାୟନ କେବଳ ଖାତାର ପୃଷ୍ଠାସଂଖ୍ୟାକୁ ଆଧାରରେ କରାଯାଏ। ଯେ ଯେତେ ଅଧିକ ଲେଖିଛି ସେ ସେତେ ଅଧିକ ଅଙ୍କ ପାଇବ - ଏହା ସ୍ପଷ୍ଟଭାବରେ ଦେଖିବାକୁ ମିଳେ। ସେଇ ଗୋଟିଏ ଉତ୍ତର ଭିନ୍ନଭିନ୍ନ ଭାବେ ଏଠିସେଠି ପୁନରାବୃତ୍ତି ସତ୍ତ୍ୱେ ଅଙ୍କ ମିଳିବା ଥୟ। କେହିକେହି ନିଜ ବିଷୟ ପରୀକ୍ଷା ଖାତାରେ ଅନ୍ୟ ବିଷୟକୁ ଲେଖି ଅଙ୍କ ନେବାରେ ସଫଳ ହେଉଛନ୍ତି। ପିଲାମାନେ ବୁଝିସାରିଲେଣି ପାଠ ନପଢ଼ି କ୍ଲାସ ନକରି ଯଦି ପାସ ତେବେ କ୍ଲାସ କରିବାରେ କିଛି ଆବଶ୍ୟକତା ନାହିଁ। ଅଧ୍ୟାପକ/ଅଧ୍ୟାପିକାମାନେ ଭି ମାନସିକସ୍ତରରେ ଆଶ୍ୱସ୍ତ ହେଲେଣି ଯଦି ପିଲାମାନେ କ୍ଲାସ ନ ଆସି କୃତକାର୍ଯ୍ୟ ହେଇପାରୁଛନ୍ତି ତେବେ କ୍ଲାସ କରିବାର କିଛି ଆବଶ୍ୟକତା ନାହିଁ।

ଏଠି ସମସ୍ତେ ଚିତ୍କାର କରନ୍ତି; ରକ୍ଷା କର ରକ୍ଷା କର। ହେଲେ କିଏ କାହାକୁ ରକ୍ଷା କରୁଛି! ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଛି କି ହ୍ରାସ ପାଇଛି ତାହା ଶିକ୍ଷାବିଭାଗର ପ୍ରଶାସନ ଦୃଷ୍ଟି ଦେବେ। କିନ୍ତୁ ଉଚ୍ଚଶିକ୍ଷା ବିଭାଗ ଧୃତରାଷ୍ଟ୍ର ହୋଇ ସବୁ ଶୁଣୁଛନ୍ତି। ବିଶୃଙ୍ଖଳିତ ଛାତ୍ରଛାତ୍ରୀଙ୍କୁ ନିୟନ୍ତ୍ରଣ ଏବଂ ସଠିକ୍ ମାର୍ଗକୁ ଆଣିବାକୁ ହେଲେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହ ଭବିଷ୍ୟତ ପାଇଁ ପରୀକ୍ଷା ଓ ମୂଲ୍ୟାୟନକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଗ୍ରହଣ କରିବା ଆବଶ୍ୟକ। ଏଥିସହିତ ପ୍ରଶାସନିକ ସ୍ତରରେ ଉପଯୁକ୍ତ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନିଶ୍ଚିତ ଭାବରେ ଉଚ୍ଚଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆସିବ।

(ଅଧ୍ୟାପକ, ବିଏନମଏ ମହାବିଦ୍ୟାଳୟ)
ଭଦ୍ରକ, ମୋ ୮୮୯୫୩୪୧୦୩୩

# ଲକ୍ଷ୍ମୀଭଦ୍ର ମଠ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ମହାପ୍ରଭୁ ଜଗନ୍ନାଥଙ୍କ ମହିମା ସାରା ଭାରତରେ ବ୍ୟାପିଗଲା। ଦେଶର କୋଣ ଅନୁକୋଣରୁ ଭକ୍ତମାନଙ୍କ ଶ୍ରୀକ୍ଷେତ୍ରକୁ ନିରନ୍ତର ଆଗମନ ବଢ଼ିବାରେ ଲାଗିଲା। ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ- ସମସ୍ତେ ମହାପ୍ରଭୁଙ୍କୁ ଇଷ୍ଟ ରୂପେ ଆରାଧନା କରିବାକୁ ଲାଗିଲେ। ମହାପ୍ରଭୁ ପୂର୍ଣ୍ଣବ୍ରହ୍ମ, ବିଷ୍ଣୁ ଓ ତାଙ୍କର ବିଭିନ୍ନ ଅବତାର, ଗଣେଶ ଓ ଦକ୍ଷିଣ କାଳୀ ରୂପେ ଉପସ୍ଥାପିତ ହେଲେ। ତାନ୍ତ୍ରିକମାନେ ତାଙ୍କୁ ଶିବଭୈରବ ରୂପେ ଗ୍ରହଣ କଲେ।

ଲକ୍ଷ୍ମୀଭଦ୍ର ସ୍ୱାମୀ ନାମକ ଜଣେ ସିଦ୍ଧ ଦଶନାମୀ ସନ୍ନ୍ୟାସୀ ଶୁଣିବାକୁ ପାଇଲେ ଯେ ସର୍ବଦେବମୟ ପୂର୍ଣ୍ଣବ୍ରହ୍ମ ଶ୍ରୀଜଗନ୍ନାଥ ଦାରୁ ସ୍ୱରୂପରେ ନୀଳାଚଳରେ ଆରାଧିତ ହେଉଛନ୍ତି। ତାଙ୍କ ପାଇଁ ସବୁଠାରୁ ଆଶ୍ଚର୍ଯ୍ୟର କଥା ଥିଲା ଯେ ମହାପ୍ରଭୁ ଦାରୁରେ ନିର୍ମିତ ହୋଇଥିଲେ ମଧ୍ୟ ତାଙ୍କ ଶ୍ରୀଅଙ୍ଗର ଅଭ୍ୟନ୍ତରରେ ବ୍ରହ୍ମ ବିଦ୍ୟମାନ କରୁଛନ୍ତି। ସେ ବ୍ରହ୍ମ ପଦାର୍ଥ ପରସ୍ତ ପରସ୍ତ କରି ପାଟ କନାରେ ଗୁଡ଼ା ହୋଇ ରହିଥିବାରୁ ତାଙ୍କୁ କେହି ଦର୍ଶନ ବା ସ୍ପର୍ଶ କରି ପାରନ୍ତି ନାହିଁ। ସେହି ବ୍ରହ୍ମ ପଦାର୍ଥକୁ ଦର୍ଶନ ଓ ସ୍ପର୍ଶ କରିବା ପାଇଁ ତାଙ୍କ ମନରେ ଆଗ୍ରହ ସୃଷ୍ଟି ହେଲା। ତେଣୁ ସେ ତାଙ୍କର ଚାରିଜଣ ଶିଷ୍ୟଙ୍କ ସହ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ସେମାନେ କେବେ ବସୁ ନ ଥିଲେ ବା ଶୋଉ ନ ଥିଲେ। ଅହରହ ଠିଆ ହୋଇ ରହୁ ଥିବାରୁ ସେମାନଙ୍କୁ 'ଠାଡାମ୍ବରୀ ସନ୍ନ୍ୟାସୀ' ବୋଲି କୁହା ଯାଉଥିଲା।

ଶ୍ରୀକ୍ଷେତ୍ରରେ ପହଞ୍ଚି ମହାପ୍ରଭୁଙ୍କ ପୂଜା, ରୀତିନୀତି ଓ ପର୍ବପର୍ବାଣୀ ବିଷୟରେ ଖବର ସଂଗ୍ରହ କରିବାକୁ ଲାଗିଲେ। ସେ ଜାଣିବାକୁ ପାଇଲେ ଯେ ରଥଯାତ୍ରା ପୂର୍ବରୁ ପନ୍ଦର ଦିନ ପର୍ଯ୍ୟନ୍ତ ଠାକୁରମାନେ ନିଭୃତ ବାସ କରନ୍ତି। ସେ ସମୟରେ ସାଧାରଣ ଭକ୍ତଙ୍କ ଦର୍ଶନ ବାରଣ ଥାଏ। ସେହି ସମୟରେ ବ୍ରହ୍ମ ଦର୍ଶନ ପାଇଁ ଚେଷ୍ଟା କରିବେ ବୋଲି ସେ ଚିନ୍ତା କରୁଥିଲେ। କିନ୍ତୁ ଜାଣିବାକୁ ପାଇଲେ ଯେ ବ୍ରହ୍ମ ପଦାର୍ଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗର ବ୍ରହ୍ମ ରନ୍ଧ୍ରରେ ରଖାଯାଇ ସେ ଯାଗାକୁ ବ୍ରହ୍ମ କପାଟଦ୍ୱାରା ବନ୍ଦ କରା ଯାଇଛି। କେବଳ ନବ କଳେବର ସମୟରେ ବ୍ରହ୍ମ କପାଟ ଖୋଲା ଯାଇ ବ୍ରହ୍ମ ପଦାର୍ଥ ପୁରାତନ ବିଗ୍ରହରୁ ନୂତନ ବିଗ୍ରହକୁ ସ୍ଥାନାନ୍ତରିତ ହୁଅନ୍ତି। ସେ ସମୟରେ ମାତ୍ର କେତେ ମୁହୂର୍ତ୍ତ ପାଇଁ ବ୍ରହ୍ମ ପଦାର୍ଥ ବାହାରେ ରହନ୍ତି। ସେ ସମୟରେ ତାଙ୍କୁ ଦର୍ଶନ ଓ ସ୍ପର୍ଶ କରିବା ପାଇଁ ଉଦ୍ୟମ କଲେ, ସଫଳ ହେବାର ସମ୍ଭାବନା ଅଧିକ ବୋଲି ଲକ୍ଷ୍ମୀଭଦ୍ର ଭାବିଲେ। ବ୍ରହ୍ମ ଦର୍ଶନ ପାଇଁ ତାଙ୍କ ମନରେ ସୃଷ୍ଟି ହୋଇଥିବା ଆଗ୍ରହ ଓ କୌତୁହଳ ଏତେ ବେଶି ଥିଲା ଯେ ସେ ପରବର୍ତ୍ତୀ ନବ କଳେବର ପର୍ଯ୍ୟନ୍ତ ଅପେକ୍ଷା କରି ରହିଲେ।

ନବକଳେବରର ସମୟ ଆସି ପହଞ୍ଚିଲା। ବିଗ୍ରହ ନିର୍ମାଣ ଶେଷ ହେବା ପରେ ବ୍ରହ୍ମ ପରିବର୍ତ୍ତନର ଦିନ ଆସି ପହଞ୍ଚିଲା। ସେ ଦିନ ମଧ୍ୟରାତିରେ ପରିବର୍ତ୍ତନ ହେବା କଥା। ସାରା ସହରରେ ଅନ୍ଧକାର ରାଜତ୍ୱ କଲା। ବ୍ରହ୍ମ ପରିବର୍ତ୍ତନ ଦାୟିତ୍ୱରେ ଥିବା ଅଳ୍ପ କେତେକ ସେବକଙ୍କୁ ଛାଡ଼ି ଦେଲେ ମନ୍ଦିର ବେଢ଼ାରୁ ଅନ୍ୟ ସମସ୍ତଙ୍କୁ ବାହାର କରି ଦିଆଗଲା। ଲକ୍ଷ୍ମୀଭଦ୍ର ଥିଲେ ପରମ ତାନ୍ତ୍ରିକ। ସେ ତନ୍ତ୍ର ବଳରେ ନିଜର ଶରୀରକୁ ସୂକ୍ଷ୍ମାତିସୂକ୍ଷ୍ମ କରି ଅନବସର ଗୃହରେ ପ୍ରବେଶ କଲେ। ସେଠାରେ ଉପସ୍ଥିତ ସେବକମାନେ ତାଙ୍କ ଉପସ୍ଥିତି ବିଷୟରେ ବିନ୍ଦୁବିସର୍ଗ ଜାଣି ପାରିଲେ ନାହିଁ। ସାଧୁ ସୂକ୍ଷ୍ମ ଶରୀରରେ ରହି ସବୁ ଦେଖୁଥିଲେ। ନୂତନ ବିଗ୍ରହମାନେ ଦାରୁଶାଳାରୁ ପହଣ୍ଡିରେ ଆସି ପୁରାତନ ବିଗ୍ରହମାନଙ୍କ ସମ୍ମୁଖରେ ବିଜେ କଲେ। ପୁରାତନ ବିଗ୍ରହର ବ୍ରହ୍ମ କପାଟ ଖୋଲା ଗଲା। ତା'ପରେ ବ୍ରହ୍ମ ରନ୍ଧ୍ର ଭିତରୁ ଏକ ପ୍ରଚଣ୍ଡ ଜ୍ୟୋତି ନିର୍ଗତ ହେଲା। ସେ ଜ୍ୟୋତିର ପ୍ରଭାବ ଏତେ ପ୍ରଖର ଥିଲା ଯେ ଲକ୍ଷ୍ମୀଭଦ୍ର ନିଜର ଦୃଷ୍ଟିଶକ୍ତି ହରାଇ ବସିଲେ। କିନ୍ତୁ ତାଙ୍କର ଅନୁଭବ ହେଉ ଥିଲା ଯେ ସେବକମାନେ ତା'ଦ୍ୱାରା ପ୍ରଭାବିତ ହୋଇ ନ ଥିଲେ ଏବଂ ନିଜ ନିଜର କାର୍ଯ୍ୟ କରି ଚାଲି ଥିଲେ।

ସାଧୁ ମହାପ୍ରଭୁଙ୍କ ଶରଣ ପଶି କ୍ଷମା ପ୍ରାର୍ଥନା କଲେ। କ୍ଷମାସାଗର ମହାପ୍ରଭୁ ତାଙ୍କୁ କ୍ଷମା କରି ଦେବା ପରେ ସେ ସାମାନ୍ୟ ଆଖି ଖୋଲି ଦେଖିଲେ ଯେ ସେବାୟତମାନେ ସେଠାରେ ନ ଥିଲେ। ଆଠ ଜଣ ପରମା ସୁନ୍ଦରୀ କନ୍ୟା ମହାପ୍ରଭୁଙ୍କର ସେବା କରୁଥିଲେ। ସେମାନଙ୍କୁ ଦେଖି ସାଧୁଙ୍କର ଭାବାନ୍ତର ସୃଷ୍ଟି ହେଲା ଏବଂ ତାଙ୍କର ସମସ୍ତ ତନ୍ତ୍ର ଶକ୍ତି ହାର ମାନିଥିଲା ବୋଲି ତାଙ୍କର ହୃଦ୍‌ବୋଧ ହେଲା। ଏହାପରେ ବାକି ଜୀବନ କ୍ଷେତ୍ରବାସୀ ହୋଇ ମହାପ୍ରଭୁଙ୍କ ଆରାଧନାରେ ଜୀବନ ସମର୍ପଣ କରିବା ପାଇଁ ସଙ୍କଳ୍ପ କଲେ। ସେ ସେଠାରେ ଏକ ଆଶ୍ରମ ନିର୍ମାଣ କରି ଶିଷ୍ୟମାନଙ୍କ ସହ ବାସ କଲେ। ପରବର୍ତ୍ତୀ ସମୟରେ ସେ ଆଶ୍ରମ ଲକ୍ଷ୍ମୀଭଦ୍ର ମଠ ନାମରେ ବିଖ୍ୟାତ ହେଲା।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବି ସୁଦର୍ଶନ...

ବିରୋଧୀ ଦଳ ଏକାଠି ହୋଇ ଏହାର ମୁକାବିଲା କରନ୍ତି । ଏନ୍‌ଡିଏର ମୁକାବିଲା ଲାଗି ବିରୋଧୀ ମିଳିତ ହୋଇ ସର୍ବସମ୍ମତିକ୍ରମେ ରେଡ୍ଡୀଙ୍କୁ ପ୍ରାର୍ଥୀ କରିଛନ୍ତି ।

୧୯୪୬ରେ ଆନ୍ଧ୍ର ପ୍ରଦେଶରେ ଜନ୍ମ ଗ୍ରହଣ କରିଥିବା ସୁଦର୍ଶନ ରେଡ୍ଡୀ ୧୯୯୫ରେ ଆନ୍ଧ୍ର ପ୍ରଦେଶ ହାଇକୋର୍ଟର ସ୍ଥାୟୀ ବିଚାରପତି ନିଯୁକ୍ତ ହୋଇଥିଲେ । ୨୦୦୫ରେ ସେ ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ । ୨୦୦୭ରେ ତାଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା । ୨୦୧୧ରେ ସେ ଅବସର ଗ୍ରହଣ କରିଥିଲେ ।

ଉଭୟ ରାଧାକ୍ରିଷ୍ଣନ ଏବଂ ସୁଦର୍ଶନ ସମସ୍ତ ରାଜନୈତିକ ଦଳଙ୍କୁ ନିଜ ନିଜ ସପକ୍ଷରେ ଭୋଟ୍ ଦେବାଲାଗି ଅନୁରୋଧ କରିଛନ୍ତି । ଏହି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନ ଜିତିବା ପ୍ରାୟ ନିଶ୍ଚିତ ଥିବା ବେଳେ ଦୁଇ ପ୍ରାର୍ଥୀଙ୍କ ମନୋନୟନ ନେଇ ବଡ଼ ଧରଣର ରାଜନୀତି ଆରମ୍ଭ ହୋଇଯାଇଛି । ୬୮ ବର୍ଷୀୟ ରାଧାକ୍ରିଷ୍ଣନ ଏନ୍‌ଡିଏର ପ୍ରାର୍ଥୀ ଏବଂ ତାଙ୍କ ଘର ହେଉଛି ତାମିଲନାଡୁ । ତାମିଲନାଡୁରେ କ୍ଷମତାସୀନ ଡିଏମକେ (ଯିଏକି ବିରୋଧୀ ମେଣ୍ଟର ପ୍ରମୁଖ ଅଂଶୀଦାର ରହିଛି) ରାଧାକ୍ରିଷ୍ଣନଙ୍କୁ ବିରୋଧ କରିବ ନା ସମର୍ଥନ କରିବ ଅବା ମତଦାନରୁ ବିରତ ରହିବ ତାହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି । ରାଧାକ୍ରିଷ୍ଣନଙ୍କୁ ବିରୋଧ କଲେ ରାଜ୍ୟରେ ଭୁଲ ବାର୍ତ୍ତା ଯିବ ଏବଂ ସମର୍ଥନ କଲେ ଇଣ୍ଡିଆ ବ୍ଲକରେ ଫାଟ ସୃଷ୍ଟି ହେବ । ଏହାକୁ ନେଇ ଡିଏମକେ ଦ୍ୱନ୍ଦ୍ୱରେ ରହିଛି । ସେହିଭଳି ୭୯ ବର୍ଷୀୟ ସୁଦର୍ଶନଙ୍କୁ ନେଇ ଆନ୍ଧ୍ରରେ କ୍ଷମତାସୀନ ଟିଡିପି ମଧ୍ୟ ଦ୍ୱନ୍ଦ୍ୱରେ । କାରଣ ଟିଡିପି ଏନ୍‌ଡିଏର ଅଂଶୀଦାର ଥିବା ବେଳେ ସେହି ରାଜ୍ୟର ପ୍ରାର୍ଥୀଙ୍କୁ ବିରୋଧ କରିବା ଏତେ ସହଜ ହେବନାହିଁ । ପୁଣି ସୁଦର୍ଶନ ଦୀର୍ଘ ବର୍ଷ ଧରି ଟିଡିପି ସହିତ ସଂପୃକ୍ତ ଅଛନ୍ତି । ସେ ଟିଡିପିର ସମସ୍ତ ଆଇନଗତ ମାମଲା ପରିଚାଳନା କରୁଥିଲେ । କେବଳ ଏତିକି ନୁହେଁ, ଟିଡିପିର ସୁପ୍ରିମୋ ଚନ୍ଦ୍ରବାବୁ ନାଇଡୁଙ୍କର ସେ ହେଉଛନ୍ତି ଖାସ୍ ଲୋକ । ତେଣୁ ତାଙ୍କୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଛି ଟିଡିପି । ଏନ୍‌ଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନଙ୍କୁ ଆନ୍ଧ୍ରର ଅନ୍ୟତମ ଦଳ ଜଗନ ରେଡ୍ଡୀଙ୍କ ୱାଇଏସ୍‌ଆର କଂଗ୍ରେସ ଏବଂ ଚନ୍ଦ୍ରଶେଖର ରାଓଙ୍କ ବିଆରଏସ୍ ସମର୍ଥନ ଘୋଷଣା କରିଥିଲେ ମଧ୍ୟ ସୁଦର୍ଶନଙ୍କ ପ୍ରାର୍ଥିତ୍ୱ ଘୋଷଣା କରେ ସେମାନେ ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି । ତେବେ ସେମାନେ ମଧ୍ୟ ମତ ପରିବର୍ତ୍ତନ କରିପାରନ୍ତି ବୋଲି କୁହାଯାଉଛି ।

### ରେଳଯାତ୍ରୀ ଦେବେ...

କମ୍ ଓଜନ ସତ୍ତ୍ୱେ ଏହାର ଆକାର ଅଧିକ ହୋଇଥାଏ, ତେବେ ଏଥିପାଇଁ ଯାତ୍ରୀଙ୍କୁ ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିବ । ଉତ୍ତର ଏବଂ ଉତ୍ତର କେନ୍ଦ୍ରୀୟ ରେଳବାଇ ଅଧୀନସ୍ଥ ଲକ୍ଷ୍ନୌ ଓ ପ୍ରୟାଗରାଜ ଡିଭିଜନର ପ୍ରମୁଖ ଷ୍ଟେସନଗୁଡ଼ିକରୁ ଏହି ନୂଆ ନିୟମ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି । ପ୍ରଥମ ପର୍ଯ୍ୟାୟରେ ଲକ୍ଷ୍ନୌ, ଚାରବାଗ, ବନାରସ, ପ୍ରୟାଗରାଜ ଜଙ୍କସନ, କାନପୁର ସେଣ୍ଟ୍ରାଲ, ମିର୍ଜାପୁର, ଆଲିଗଡ, ଗୋବିନ୍ଦପୁରୀ ଏବଂ ଇଟାୱା ଭଳି ଷ୍ଟେସନରେ ଏହା କାର୍ଯ୍ୟକାରୀ କରାଯିବ । ଏହି ସ୍ଥାନଗୁଡ଼ିକରେ ଇଲେକ୍‌ଟ୍ରୋନିକ୍ ଲଗେଜ୍ ମେସିନ୍ ଲଗାଯିବ । ପ୍ଲାଟଫର୍ମରେ ପ୍ରବେଶ କରିବା ପୂର୍ବରୁ ବ୍ୟାଗର ଓଜନ ଏବଂ ଆକାର ଯାଞ୍ଚ କରାଯିବ । ଏ ସମ୍ପର୍କରେ ପ୍ରୟାଗରାଜ ଡିଭିଜନ ସିନିୟର ଡିଭିଜନାଲ୍ କମର୍ସିଆଲ୍ ମ୍ୟାନେଜର (ଡିସିଏମ) ହିମାଂଶୁ ଶୁକ୍ଲା କହିଛନ୍ତି ଯେ ଯାତ୍ରୀମାନଙ୍କ ଲଗେଜ୍ ଓଜନ କରାଯିବା ପରେ ସେମାନଙ୍କୁ ପ୍ଲାଟଫର୍ମକୁ ଯିବାକୁ ଅନୁମତି ଦିଆଯିବ । ଏହି ବ୍ୟବସ୍ଥା ୨୦୨୬ ଡ଼ିସେମ୍ବର ମାସରୁ ଲାଗୁ ହେବ ଏବଂ ରେଳ ଷ୍ଟେସନରେ ବିମାନବନ୍ଦର ପରି ବୋଡର୍ଡିଂ ପାସ୍ ବ୍ୟବସ୍ଥା ରହିବ । ଅଣ ଟ୍ରେନ୍ ଯାତ୍ରୀମାନେ ପ୍ଲାଟଫର୍ମ ଟିକେଟ ପରି ପରିଦର୍ଶକ ପାସ୍ ନେଇ ରେଳ ଷ୍ଟେସନରେ ପ୍ରବେଶ କରିବେ ।

ବର୍ତ୍ତମାନ ପ୍ରଥମଶ୍ରେଣୀ ଶୀତତାପ ନିୟନ୍ତ୍ରିତ ଯାତ୍ରୀମାନେ ୭୦ କିଲୋ ପର୍ଯ୍ୟନ୍ତ ସାମଗ୍ରୀ ବିନା ଶୁଳ୍କରେ ନେଇ ପାରିବାର ବ୍ୟବସ୍ଥା ରହିଛି । ସେହିପରି ଏସି ଦ୍ୱିତୀୟ ଶ୍ରେଣୀ ଯାତ୍ରୀମାନେ ୫୦ କିଲୋ, ଏସି ତୃତୀୟ ଶ୍ରେଣୀ ଓ ସ୍ଲିପର ଯାତ୍ରୀଙ୍କ ପାଇଁ ଏହି ସୀମା ୪୦ କିଲୋ ରହିଛି । ସାଧାରଣ ଯାତ୍ରୀ ସାଥୀରେ ସର୍ବାଧିକ ୩୫ କିଲୋ ସାମଗ୍ରୀ ନେଇ ପାରିବେ । ଏହାଠାରୁ ଅଧିକ ଓଜନର ସାମଗ୍ରୀ ସାଥୀରେ ନେଲେ ସମ୍ପୃକ୍ତ ଯାତ୍ରୀଙ୍କୁ ଧାର୍ଯ୍ୟ ଲଗେଜ୍ ଓଜନ ବ୍ୟତିରେକ ଅବଶିଷ୍ଟ ଓଜନ ନିମନ୍ତେ ଦେୟ ଦେବାକୁ ପଡ଼ିବ ।

### ରାମେଶ୍ୱର-ଟାଙ୍ଗୀ...

ଏହା ସଂଯୋଗ କରିବ । ଏହି ଉନ୍ନତ ସଡ଼କ କରିଡର ୧୦ଟି ଆର୍ଥିକ କେନ୍ଦ୍ର, ୪ଟି ସାମାଜିକ କେନ୍ଦ୍ର, ୫ଟି ଲଜିଷ୍ଟିକ୍ସ କେନ୍ଦ୍ରକୁ ଯୋଡ଼ିବା ସହିତ ଗୋଟିଏ ପ୍ରମୁଖ ରେଳ ଷ୍ଟେସନ, ବିମାନ ବନ୍ଦର ଓ ବହୁମୁଖୀ ଲଜିଷ୍ଟିକ୍ସ ପାର୍କ (ଏମଏମଏଲପି) ଏବଂ ୨ଟି ପ୍ରମୁଖ ବନ୍ଦରକୁ ସଡ଼କ ସଂଯୋଗ ଯୋଗାଇ ଦେବ । ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ସାମଗ୍ରୀ ଓ ଯାତ୍ରୀଙ୍କର ଦ୍ରୁତ ପରିବହନ ନିମନ୍ତେ ସୁବିଧା ମିଳିବ ।

କୋଲକାତାରୁ ଜାତୀୟ ରାଜପଥ-୧୬ ଦେଇ ଆସୁଥିବା ଯାତ୍ରୀ ଟାଙ୍ଗୀ ଟୋଲ ଗେଟରୁ ଡାହାଣକୁ ଯାଇ ସିଧା ଢେଙ୍କାନାଳ, ଆଠଗଡ଼, ବାଙ୍କୀ, ଖୋର୍ଦ୍ଧା-ବେଗୁନିଆ ଦେଇ ସିଧା ରାମେଶ୍ୱରରେ ପହଞ୍ଚିବେ । ଏହି ବାଇପାସ୍ ସିଧା କୋଲକାତାରୁ ଚେନ୍ନାଇକୁ ସଂଯୋଗ କରିବ । ଜମି ଅଧିଗ୍ରହଣ ବାବଦରେ ୧ହଜାର ୨୯ କୋଟି ଟଙ୍କାର କ୍ଷତିପୂରଣ ଦେବେ କେନ୍ଦ୍ର ସରକାର । ଏହି ସଡ଼କ ପ୍ରକଳ୍ପ ନିର୍ମାଣ ହେଲେ ଭାରୀଯାନଗୁଡ଼ିକ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହର ମଧ୍ୟରେ ପ୍ରବେଶ ନ କରି ବିକଳ୍ପ ରାସ୍ତା ଭାବେ ଏଥିରେ ଯାତାୟାତ କରିବେ । ଫଳରେ ଓଡ଼ିଶା ସମେତ ଅନ୍ୟ ପୂର୍ବବର୍ତ୍ତୀ ରାଜ୍ୟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଲାଭ ମିଳିବ । ଏହାଦ୍ୱାରା ମାଲ୍ ପରିବହନ କ୍ଷମତା ବୃଦ୍ଧି ପାଇବା ସହ ପରିବହନ ଖର୍ଚ୍ଚ ହ୍ରାସ ପାଇବ । ସ୍ଥାନୀୟ ଅଞ୍ଚଳରେ ସାମାଜିକ-ଆର୍ଥିକ ପ୍ରଗତି ଲାଗି ମାର୍ଗ ପ୍ରଶସ୍ତ ହେବ । ଏହା ଓଡ଼ିଶାର ପ୍ରମୁଖ ଆର୍ଥିକ, ସାମାଜିକ ଏବଂ ଲଜିଷ୍ଟିକ୍ସ କେନ୍ଦ୍ରଗୁଡ଼ିକୁ ବାଧାମୁକ୍ତ ସଡ଼କ ସଂଯୋଗ ପ୍ରଦାନ କରିବ ।

ବାଇପାସ୍ ରାସ୍ତା ସମ୍ପୂର୍ଣ୍ଣ ସ୍ଥାନୀୟ ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏଥିସହିତ ଏହା ପ୍ରମୁଖ ଧାର୍ମିକ ଓ ଆର୍ଥିକ କେନ୍ଦ୍ର ମଧ୍ୟରେ ଯୋଗାଯୋଗକୁ ସୁଦୃଢ଼ କରିବ ଏବଂ ବାଣିଜ୍ୟ ଓ ଶିଳ୍ପ ବିକାଶ ଲାଗି ନୂତନ ମାର୍ଗ ପ୍ରଶସ୍ତ କରିବ । ଏହି ପ୍ରକଳ୍ପ ଦ୍ୱାରା ପାଖାପାଖି ୭୪.୪୩ ଲକ୍ଷ ମାନବ ସମ୍ବଳ ପ୍ରତ୍ୟକ୍ଷ ଏବଂ ପ୍ରାୟ ୯୩.୦୪ ଲକ୍ଷ ଲୋକଙ୍କ ପାଇଁ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ରାଜଧାନୀର ଭିତରର ଟ୍ରାଫିକ୍ ଭିଡ଼ ହ୍ରାସ କରିବା ପାଇଁ ୧୫ ବର୍ଷ ତଳୁ ଏହି ରିଙ୍ଗ୍ ରୋଡ୍‌ର ପରିକଳ୍ପନା ହୋଇଥିଲା । ତତ୍‌କାଳୀନ ରାଜ୍ୟ ସରକାର ଏଥିପାଇଁ ବାରମ୍ବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଥିଲେ । ମାତ୍ର ସେତେବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଭିନ୍ନ ଟାଳଟୁଳ ନୀତି ଅବଲମ୍ବନ କରିବା ଯୋଗୁଁ ଏହା ବିଶେଷ ଆଗେଇ ପାରି ନ ଥିଲା । ପରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ବି କାମ ହୋଇପାରିନଥିଲା ।

ଏହି ରାସ୍ତା ନିର୍ମାଣ ପାଇଁ ଅନୁମୋଦନ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନିତିନ୍ ଗଡ଼କରୀଙ୍କୁ ଏକ୍ସ ଜରିଆରେ ଧନ୍ୟବାଦ ଜଣାଇଛନ୍ତି ।

### ସିଇସିଙ୍କୁ ଭେଟିଲା...

ସିଇସି । ଦଳୀୟ ପ୍ରାର୍ଥୀ ବା ସେମାନଙ୍କ ପ୍ରତିନିଧିମାନଙ୍କୁ ଫର୍ମ-୧୭ ସି ଯୋଗାଇଦେବା ଆବଶ୍ୟକ ଥିଲା ବୋଲି କମିଶନ ମତପ୍ରକାଶ କରିଛନ୍ତି ।

୨୦୨୪ ମସିହାରେ ଅନୁଷ୍ଠିତ ଏକକାଳୀନ ବିଧାନସଭା ଓ ଲୋକସଭା ନିର୍ବାଚନରେ ଭୋଟରେ ଗଭୀର ଭାବେ ଭୋଟ ଅସଙ୍ଗତି ଦେଖାଯାଇଥିବା ବିଜେଡି ସିଇସିଙ୍କୁ ଅବଗତ କରିଛି । ରାଜ୍ୟର ସମସ୍ତ ସଂସଦ କ୍ଷେତ୍ରରେ, ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ରହିବା, ସଂସଦୀୟ କ୍ଷେତ୍ରର ଭୋଟ ସଂଖ୍ୟା ଓ ଏହା ଅନ୍ତର୍ଗତ ବିଧାନସଭା କ୍ଷେତ୍ରର ସମୁଦା ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ପାର୍ଥକ୍ୟ, ନିର୍ବାଚନ ଶେଷ ପରେ ଅର୍ଥାତ୍ ସନ୍ଧ୍ୟା ୫ଟା ପରେ ହଠାତ୍ ଭୋଟ ପ୍ରତିଶତ ବୃଦ୍ଧିକୁ ନେଇ ବିଜେଡି ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛି । ବିଜେଡି ପୂର୍ବରୁ ନିର୍ବାଚନ କମିଶନଙ୍କ ସହ ଆଲୋଚନା ବେଳେ ଉଦବେଗ ପ୍ରକାଶ କରିବା ସହ ଗତ ଡିସେମ୍ବରରେ ଏକ ସ୍ମାରକ ପତ୍ର ମଧ୍ୟ ପ୍ରଦାନ କରିଥିଲା । ପ୍ରତିନିଧି ଦଳର ଯୁକ୍ତି ଅନୁଯାୟୀ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ବିଜେଡି ପକ୍ଷରୁ ଏହି ପ୍ରଶ୍ନଗୁଡ଼ିକ ଉଠାଯାଉଛି । ଯାଜପୁର ସଂସଦୀୟ କ୍ଷେତ୍ର ସମେତ ଅନେକ ନିର୍ବାଚନମଣ୍ଡଳୀରେ ଗତ ନିର୍ବାଚନରେ ଦେଖାଦେଇଥିବା ଅସଙ୍ଗତି ସମ୍ପର୍କରେ ନିର୍ଦ୍ଦିଷ୍ଟ ଉଲ୍ଲେଖ କରାଯାଇଛି । ସେହିପରି ଗତ ନିର୍ବାଚନରେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ସୁନିଶ୍ଚିତ କରିବାର ଦାୟିତ୍ୱ କେବଳ ବୁଥ୍ ଏଜେଣ୍ଟ, କାଉଣ୍ଟିଂ ଏଜେଣ୍ଟ ଏବଂ ପୋଲିଂ ଏଜେଣ୍ଟଙ୍କ ଉପରେ ଅସାମାନ୍ୟ ଭାବରେ ନ୍ୟସ୍ତ କରାଯାଇଥିଲା । ଯାହାକୁ ନେଇ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ନିକଟରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଏହି ଅବସରରେ ଓଡ଼ିଶାରେ ଭୋଟର ତାଲିକା ସଂଶୋଧନ(ଏସଆଇଆର)କୁ ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି ବିଜେଡି । ଓଡ଼ିଶାରେ ଏସ୍‌ଆଇଆର୍ ସମୟରେ ନିର୍ବାଚନ ଆୟୋଗ କୌଣସି ଆଇନଗତ ଭୋଟର; ବିଶେଷକରି ପ୍ରବାସୀ ଏବଂ ଅସ୍ଥାୟୀ କର୍ମଚାରୀ ଯେପରି ଭୋଟର ତାଲିକାରୁ ବାଦ ନ ପଡ଼ନ୍ତି ସେ ସମ୍ପର୍କରେ ଧ୍ୟାନ ଦେବାକୁ ଅନୁରୋଧ କରିଛନ୍ତି । ପ୍ରତିନିଧି ମଣ୍ଡଳୀରେ ସାମିଲ ହୋଇଥିବା ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଧାରା ୨୦ଏ(୧-ସି)ର ବ୍ୟବସ୍ଥା ଅନୁଯାୟୀ ପ୍ରବାସୀ ଭାରତୀୟମାନେ ସେମାନଙ୍କର ମୂଳ ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାରେ ସେମାନଙ୍କର ନାମ ପଞ୍ଜିକରଣ କରିବାର ଅଧିକାର ପାଇଥିବାରୁ, ଓଡ଼ିଶା ବାହାରେ କାମ କରୁଥିବା ପ୍ରବାସୀ ଏବଂ ଅସ୍ଥାୟୀ ଶ୍ରମିକମାନଙ୍କ ପ୍ରତି କଠୋର ଦୃଷ୍ଟିକୋଣ ଗ୍ରହଣ କରାଯିବା ଉଚିତ୍ ନୁହେଁ । ଏପରି କରିବା ଦ୍ୱାରା ଯଦି ସେମାନେ ଯଦି ଭୋଟଦାନ ଅଧିକାରରୁ ବଞ୍ଚିତ ହୁଅନ୍ତି ତେବେ ସେମାନଙ୍କ ମୂଳ ଗ୍ରାମରେ ସାମାଜିକ-ସାଂସ୍କୃତିକ କ୍ଷେତ୍ରରେ ବିଶୃଙ୍ଖଳା ସୃଷ୍ଟି ହୋଇପାରେ । ଅନ୍ୟପକ୍ଷରେ ଯଦି କମିଶନ ବିହାର ଭଳି ସମାନ ଆଭିମୁଖ୍ୟ ଅନୁସରଣ କରିବେ ଯେଉଁଠାରେ ଶୀଘ୍ର ପ୍ରକ୍ରିୟା ଏବଂ ପର୍ଯ୍ୟାପ୍ତ ସମୟ ଅଭାବ ଯୋଗୁଁ ପ୍ରକୃତ ଭୋଟରମାନେ ଭୋଟଦାନରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ ଆସୁଛି, ତେବେ ବିଜେଡି ଏହାର ତୀବ୍ର ବିରୋଧ କରିବ ବୋଲି ଦଳର ବରିଷ୍ଠ ନେତା ଡ. ଅମର ପଟ୍ଟନାୟକ କହିଛନ୍ତି । ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ବୃଦ୍ଧି କରିବା ପାଇଁ ସଠିକ୍ ଉଦ୍ଦେଶ୍ୟ ନେଇ ଏସଆଇଆରକୁ କାର୍ଯ୍ୟକାରୀ କରାଯିବା ଉଚିତ୍ । ଭୋଟର ତାଲିକାରୁ ଅଯୋଗ୍ୟ ଭୋଟରଙ୍କୁ ବାଦ ଦେବା ବାହାନାରେ କୌଣସି ଯୋଗ୍ୟ ଭୋଟରଙ୍କୁ ଭୋଟଦାନରୁ ବଞ୍ଚିତ କରାଯିବା ଉଚିତ୍ ନୁହେଁ । ପ୍ରକୃତ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ କମିଶନ ପଦକ୍ଷେପ ନନେଲେ ଦଳ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିପାରେ ବୋଲି ବିଜେଡି କହିଛି । ଏହି ପ୍ରତିନିଧି ଦଳରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ରାଜ୍ୟସଭା ସାଂସଦ ସୁଲତା ଦେଓ, ଡ. ପ୍ରିୟବ୍ରତ ମାଝୀ, ଭୃଗୁ ବକ୍ସିପାତ୍ର ପ୍ରମୁଖ ସାମିଲ ଥିଲେ ।

# ମହାପ୍ରସାଦ ନାଁରେ ଭକ୍ତଙ୍କୁ ଠକୁଛି ସଫିଂ ସର୍ଭିସ୍

**ଖଜା କେଜି ୧୨୦୦ ଟଙ୍କା, ସାଇବର ଥାନାରେ ଅଭିଯୋଗ**

ପୁରୀ,୧୯।୮ (ସମିସ): ମହପ୍ରସାଦ ନାଁରେ ଭକ୍ତଙ୍କୁ ଲୁଟୁଛନ୍ତି ବିଭିନ୍ନ କମ୍ପାନୀ । ଅନ୍‌ଲାଇନରେ ବିଜ୍ଞାପନ ଦେଇ ଶ୍ରଦ୍ଧାଳୁଙ୍କୁ ଶୋଷଣ କରୁଛନ୍ତି । ମହାପ୍ରଭୁଙ୍କ ପ୍ରତି ଗଭୀର ଭକ୍ତି ବିଶ୍ୱାସ ରଖିଥିବା ଭକ୍ତ ଠକେଇର ଶିକାର ହେଉଛନ୍ତି । କିଛି ବର୍ଷ ହେବ ବିଭିନ୍ନ କମ୍ପାନୀ ଅନ୍‌ଲାଇନରେ ମହାପ୍ରଭୁଙ୍କୁ ଅପମାନିତ କରୁଥିବା ବେଳେ ମହାପ୍ରସାଦର ମାହାତ୍ମ୍ୟ ସହିତ ଖେଳୁଛନ୍ତି । ହେଲେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ନିରବଦ୍ରଷ୍ଟା ସାଜିବା ଫଳରେ ଏଭଳି ଠକେଇ ଏବଂ ଶୋଷଣ ବଢ଼ିବାରେ ଲାଗିଛି । ଏବେ ମହାପ୍ରସାଦ ନାଁରେ ଖଜା ଏବଂ ନିର୍ମାଲ୍ୟ ବିକି ଭକ୍ତଙ୍କୁ ଠକୁଛି ବ୍ରଜ ମେଳା ସଫି ସର୍ଭିସ । ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଏନେଇ ଅଭିଯୋଗ କରିଛି । ଖଜା କେଜି ପିଛା ୧,୨୦୦ ଟଙ୍କାରେ ବିକ୍ରି ଲାଗି ଏହି ଅନ୍‌ଲାଇନ ସଫି ସର୍ଭିସ ବିଜ୍ଞାପନ ଦେଇଛି, ଯାହାକୁ ନେଇ ମଙ୍ଗଳବାର ସାଇବର ଥାନାରେ ଫେରାଦ ହୋଇଛି ଆପ୍ ।

ଅଭିଯୋଗ ଅନୁଯାୟୀ, ଜଗନ୍ନାଥ ମହାପ୍ରସାଦ କହି ଖଜା ବିକୁଛି ବ୍ରଜମେଳା ନାମକ ସପିଙ୍ଗ ସର୍ଭିସ୍ । ବ୍ରଜ ମେଳାର ଫେସବୁକ୍ ଆକାଉଣ୍ଟରେ ରହିଛି ଖଜା ଏବଂ ନିର୍ମାଲ୍ୟର ବିଜ୍ଞାପନ । ଅର୍ଡର କରିବା ପାଇଁ ଦିଆଯାଇଛି ଯୋଗାଯୋଗ ନମ୍ବର୍ ଓ ହ୍ୱାଟ୍ସଆପ ନମ୍ବର୍ । ଶୁଦ୍ଧ ଘିଅରେ ଖଜା ପ୍ରସ୍ତୁତ ହେଉଛି ବୋଲି ବିଜ୍ଞାପନ ଦିଆଯାଇଛି, ଯାହାକୁ ଲୋକେ ଘରେ ବସି ପ୍ରାପ୍ତ କରିବେ ବୋଲି ସେଥିରେ ଦର୍ଶାଯାଇଛି । ତେବେ ମହାପ୍ରଭୁଙ୍କ ମହାପ୍ରସାଦ କିମ୍ବା ଶୁଖିଲା ଭୋଗ ପ୍ରସାଦ କେବଳ ନିର୍ଦ୍ଦିଷ୍ଟ ସୁଆର ସେବକଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ବେଳେ ଏହା କେବଳ ଶ୍ରୀମନ୍ଦିରରେ ମିଳିଥାଏ । ଏହାକୁ ଅନ୍‌ଲାଇନରେ ଏଭଳି ବିଭ୍ରାନ୍ତି କରି ଭକ୍ତଙ୍କୁ ଠକାଯାଉଛି ବୋଲି ଆପ୍ ଅଭିଯୋଗ ଆଣିଛି । ପୂର୍ବରୁ ଭକ୍ତଙ୍କୁ ମହାପ୍ରଭୁଙ୍କ ନାଁରେ ବିଭିନ୍ନ ବାଟରେ ଠକେଇ କରାଯାଉଥିବା ଅଭିଯୋଗ ହୋଇଛି । ଏକ କମ୍ପାନୀ ଅନ୍‌ଲାଇନରେ ମହାପ୍ରଭୁଙ୍କ ପତିତପାବନ ବାନା ବିକ୍ରି କରୁଛି । କିନ୍ତୁ ବାନାର ମୂଲ୍ୟ ଯାହା ରଖିଛି ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ । ଏଥିରେ କମ୍ପାନୀ ପକ୍ଷରୁ ବିଭିନ୍ନ ସାଇଜର ପତାକା ପାଇଁ ଭିନ୍ନ ଭିନ୍ନ ମୂଲ୍ୟ ରହିଛି । ଗୋଟିଏ ୭୦୧ଟଙ୍କା, ଗୋଟିଏ ୧,୫୪୯ ଟଙ୍କା, ଗୋଟିଏ ୧,୪୯୮ ଟଙ୍କା ରଖାଯାଇଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା କେନ୍ଦ୍ରରେ ସବୁଠୁ ବଡ଼ ବାନା (ନୀଳଚକ୍ରର ଅଗ୍ରଭାଗରେ ଲାଗୁଥିବା ୧୪ ହାତିଆ) ୩୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ କମ୍ପାନୀ ପ୍ରାୟ ୫ରୁ ୬ ଗୁଣା ଅଧିକରେ ବିକ୍ରି କରୁଛି ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିର ପତିତପାବନ ବାନା କହି ଯେଉଁ ପତାକା ବା ଧ୍ୱଜା ବିକ୍ରି କରାଯାଉଛି ବାସ୍ତବରେ ତା'ର ଶୁଦ୍ଧତା କିଏ ପରଖୁଛି । ଏହା ଶ୍ରୀମନ୍ଦିର ବାନା ନା ବାହାରର ତାହାର ସଠିକତା କ'ଣ? ବିଗତ ଦିନରେ ଏମିତି ଅନେକ ଜିନିଷ ମହାପ୍ରଭୁଙ୍କ ନାଁ ଯୋଡି ବିକ୍ରି କରାଯିବାର ନଜିର ରହିଛି । ସେହିପରି ମହାପ୍ରସାଦ, ଶୁଖିଲି ଭୋଗ ମଧ୍ୟ ଅଧିକ ଦାମ୍‌ରେ ବିକ୍ରି କରାଯାଉଛି ।

ଏବେ ବ୍ରଜ ମେଳା ଖଜା ୧ କିଗ୍ରାକୁ ୧,୨୦୦ ଟଙ୍କା ବୋଲି ତା' ସାଇଟ୍‌ରେ ବିଜ୍ଞାପନ ଦେଇଛି । ପୁରୀରେ ଯଦି ବି ଘିଅରେ ପ୍ରସ୍ତୁତ ହେଉଥିବ ତେବେ ସେହି ଖଜା କେଜି ପିଛା ୪୦୦ରୁ ୫୦୦ ଟଙ୍କା ରହୁଛି । ନଚେତ୍ ସାଧାରଣତଃ ୨୦୦ରୁ ୨୨୦ ଟଙ୍କାରେ ଭଲ ଖଜା ବିକ୍ରି ହେଉଛି । କିନ୍ତୁ ବ୍ରଜ ମେଳା କେଜି ପିଛା ୧,୨୦୦ ଟଙ୍କା ନେଇ ଭକ୍ତଙ୍କୁ ଠକୁଛି । ଧର୍ମ ନାମରେ ଯଦି ଭକ୍ତଙ୍କୁ ଏଭଳି ଠକେଇ ଚାଲିବ ତେବେ ଆଗାମୀ ଦିନରେ ଖଜା ବ୍ୟବସାୟୀଙ୍କୁ ଧରି ଆପ୍ ଆନ୍ଦୋଳନକୁ ଓହ୍ଲାଇବ । ସବୁଠୁ ବଡ଼ କଥା ହେଉଛି ଏହି ଶଫିଂ ସର୍ଭିସ ହରେକୃଷ୍ଣ ସହ ଟ୍ୟାଗ କରିଛି । ତେଣୁ ଏଥିରେ ଇସ୍କନର ସମ୍ପୃକ୍ତି ଥାଇପାରେ ବୋଲି ଆପ୍ ଜିଲ୍ଲା ସଭାପତି ସଂଜୀବ ମହାନ୍ତି କହିଛନ୍ତି । ଯଦି ଇସ୍କନର ଏଥିରେ ସମ୍ପୃକ୍ତି ଥିବା ପ୍ରମାଣ ମିଳେ ତେବେ ପୁରୀରେ ଇସ୍କନକୁ ପ୍ରବଳ ବିରୋଧ କରାଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

## ବଲଙ୍ଗା ପୀଡ଼ିତାଙ୍କ ଭିଡିଓ ଭାଇରାଲ ପ୍ରସଙ୍ଗ

# ନ୍ୟାୟ ନ ମିଳିବା ଯାଏ ଲଢ଼େଇ ଜାରି ରହିବ: କଂଗ୍ରେସ


ଭୁବନେଶ୍ୱର,୧୯।୮ (ସମିସ): ବଲଙ୍ଗା ତିନିଜଣ ଦୁର୍ବୃତ୍ତ ଜଣେ ଛାତ୍ରୀଙ୍କୁ ଟେକିନେଇ ଜାଳିଦେଲେ । ଛାତ୍ରୀଜଣଙ୍କ ନିଜ ମୃତ୍ୟୁକାଳୀନ ଜମାନବନ୍ଦୀରେ ଏହି କଥା କହିଛନ୍ତି । ଏହି ଘଟଣାକୁ ମାସେ ହୋଇଗଲା ପଛେ, ପୁଲିସ ଅପରାଧୀଙ୍କୁ ଗିରଫ କରିପାରି ନାହିଁ । କଂଗ୍ରେସ ନାରୀନ୍ୟାୟ କ୍ଷେତ୍ରରେ କୌଣସି ସାଲିସ କରିବ ନାହିଁ, ବଲଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ସଂଗ୍ରାମ ଜାରି ରଖିବ ବୋଲି କଂଗ୍ରେସ କହିଛି । ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ବୟାନ ଭିଡିଓ ସତ କି ନୁହେଁ ବୋଲି ପ୍ରଶ୍ନ ଉଠିଛି । ଯଦି ଏହା ସତ, ସେଇ ଭିଡିଓରେ ଦୁର୍ବୃତ୍ତଙ୍କୁ ଗିରଫ କରିବା

**ଭାଇରାଲ ନୋଟ୍‌ପ୍ୟାଡକୁ ନେଇ ପ୍ରଶ୍ନ ଉଠାଇଲା ଦଳ**

ଦିଗରେ ପୁଲିସ କି ପଦକ୍ଷେପ ନେଇଛି ବୋଲି ସେ ପ୍ରଶ୍ନ କରିଛନ୍ତି ।

ଏହି ଘଟଣାକୁ ନେଇ ମୁଖପାତ୍ର ନିଶିକାନ୍ତ ମିଶ୍ର ଆଇନଗତ ଦିଗ ତର୍ଜମା କରି କହିଛନ୍ତି, ଭାରତୀୟ ସାକ୍ଷ୍ୟ ବିଧି ଆଇନ ଉପଧାରା ୨୬(କ) ଅନୁଯାୟୀ ମୃତ୍ୟୁକାଳୀନ ଜମାନବନ୍ଦୀ ବା ବୟାନକୁ ପ୍ରାୟତଃ ସତ୍ୟ ଭାବରେ ଗ୍ରହଣ କରାଯାଇ ଥାଏ । ଭାଇରାଲ ହୋଇଥିବା ଭିଡିଓରେ ପୀଡ଼ିତା ତିନିଜଣ ଦୁର୍ବୃତ୍ତଙ୍କୁ ଇସାରା ଉଲ୍ଲେଖ କରିଥିବା ସ୍ପଷ୍ଟ ଜଣାପଡୁଛି । ପୁଲିସ ଏହି ସ୍ପର୍ଶକାତର ଘଟଣା ଉପରେ ଏକାଧିକ ଥର ବୟାନ ଦେଲାଣି ଏବଂ ସେଇ ବୟାନ ମଧ୍ୟରେ କୌଣସି ତାଳମେଳ ରହୁନି । ପୁଲିସ ହାତରେ ବଡ଼ ତଥ୍ୟ ଲାଗିଛି ବୋଲି ପୁରୀ ଆରକ୍ଷୀ ଅଧୀକ୍ଷକ କହିଥିବାବେଳେ ପୁଲିସ ମୁଖ୍ୟାଳୟ ଏହି ଛାତ୍ରୀପୋଡ଼ି ଘଟଣାରେ କାହାରି ସମ୍ପୃକ୍ତି ନ ଥିବା ସାମାଜିକ ଗଣମାଧ୍ୟମରେ ବିଜ୍ଞାପିତ କରୁଛି । ଏଫଆଇଆର, ସାକ୍ଷୀଙ୍କ ମିଡିଆ ବାଇଟ, ପୁରୀ ଏସପିଙ୍କ ବୟାନ ମଧ୍ୟରେ ବିସଙ୍ଗତି ଏବଂ ପୀଡ଼ିତାଙ୍କ ଭାଇରାଲ ବୟାନ ପୁଲିସର କାର୍ଯ୍ୟକଳାପକୁ ସନ୍ଦେହ ଘେରକୁ ଟାଣିନେଉଛି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

ଛାତ୍ରୀ ପୋଡ଼ି ଘଟଣାରେ ଦୁର୍ବୃତ୍ତମାନେ ନିଆଁ ଲଗାଇଲା ପରେ ଛାତ୍ରୀଜଣକ ସାହାଯ୍ୟ ପାଇଁ ପ୍ରଥମେ ପହଞ୍ଚିଥିବା ତେରହଳ ଗ୍ରାମର ଦୁଃଖିଶ୍ୟାମ ସେନାପତି କୁଆଡ଼େ ଗଲେ ବୋଲି ପ୍ରଶ୍ନ




କରିଛନ୍ତି ଦଳର ଅନ୍ୟତମ ମୁଖପାତ୍ର ଜୟଶ୍ରୀ ପାତ୍ର । ଉପ ମୁଖ୍ୟମନ୍ତ୍ରୀ ତାଙ୍କ ଦୁଇ ଆନୁଗତଙ୍କୁ କାହିଁକି ଦିଲ୍ଲୀ ପଠାଇଥିଲେ ବୋଲି ପ୍ରଶ୍ନ କରିବା ସହ କାହିଁକି ଏହି ଦୁଇ ଜଣ ପୀଡ଼ିତାଙ୍କ ପରିବାରକୁ ଆଢୁଆଳରେ ରଖୁଥିଲେ ବୋଲି ପ୍ରଶ୍ନ କରିଛନ୍ତି । ସେହିପରି ଭାଇରାଲ ଭିଡିଓରେ ବୟାନ ଗ୍ରହଣ କରୁଥିବା ମହିଳା ଜଣକ ଯେଉଁ ପ୍ୟାଡ୍‌ରେ ଲେଖୁଛନ୍ତି, ସେଇ ପ୍ୟାଡ୍‌ରେ "୨୦/୭/୨୦୨୫' ସହ "ଆଇଆଇସି ବଲଙ୍ଗା' ବୋଲି ମଧ୍ୟ ଲେଖାହୋଇଛି । ଯଦି ପୁଲିସ ବୟାନ ରେକଡର୍ଡିଂ କରୁଥିଲା, ପୁଲିସଠାରୁ କେମିତି ଭିଡିଓ ଲିକ ହୋଇ ଭାଇରାଲ ହେଲା? ଯଦି ପୁଲିସ ବୟାନ ରେକର୍ଡ କରିନାହିଁ, ଏତେ କଡ଼ା ସୁରକ୍ଷା ଥାଇ ସୁଦ୍ଧା କିଏ ବୟାନ ଭିଡିଓ ରେକର୍ଡିଂ କରିଛି ବୋଲି ସେ ପ୍ରଶ୍ନ କରିଛନ୍ତି ।

# ଭାଇରାଲକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

**ଫେସ୍‌ବୁକ ଓ ଗୁଗଲକୁ ଚିଠି ଲେଖିଲା ପୁରୀ ପୁଲିସ**

ପୁରୀ, ୧୯।୮ (ସମିସ): ବଲଙ୍ଗା ପୀଡ଼ିତାଙ୍କର ବୟାନ ରେକର୍ଡ ସମୟର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି । ଏହାକୁ ନେଇ ରାଜ୍ୟବ୍ୟାପୀ ବେଶ୍ ଚର୍ଚ୍ଚା, ଆଲୋଚନା ଚାଲିଥିବା ବେଳେ ଏ ସମ୍ପର୍କରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ପିନାକ୍ ମିଶ୍ର । ସେ କହିଛନ୍ତି, ଯିଏ ବଲଙ୍ଗା ପୀଡ଼ିତାଙ୍କ ବୟାନ ସମୟର ଭିଡିଓ ଭାଇରାଲ କରିଛନ୍ତି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜୁଭେନାଇଲ୍ କୋର୍ଟ ଆଧାରରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ସେଥିପାଇଁ ଫେସ୍‌ବୁକ୍ ଓ ଗୁଗଲ୍‌କୁ ଚିଠି ଲେଖାଯାଇଛି । ସୋସିଆଲ ମିଡିଆର ସୋର୍ସ ଆସିବା ପରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ରହିଛି ଯେ କୌଣସି ନାବାଳିକା ବା ନାବାଳକର ଫଟୋ ଭାଇରାଲ୍ ହୋଇପାରିବ ନାହିଁ । ତେଣୁ ଏଭଳି ସମ୍ବେଦନଶୀଳ ଘଟଣାରେ ସାଇବର କ୍ରାଇମ୍ ବିଭାଗକୁ ଦାୟିତ୍ୱ ଦିଆଯାଇଛି ବୋଲି ଏସ୍‌ପି କହିଛନ୍ତି ।

ସୋସିଆଲ ମିଡିଆରେ ଭାଇରାଲ ଭିଡିଓଟି ଭୁବନେଶ୍ୱର ଏମ୍ସରେ ପୀଡ଼ିତାଙ୍କ ଚିକିତ୍ସା ସମୟର ବୋଲି ଜଣାପଡ଼ିଛି । ଏହି ଘଟଣାରେ ପୀଡ଼ିତାଙ୍କର ୪ଥର ବୟାନ ରେକର୍ଡ କରାଯାଇଥିଲା । ଦିଲ୍ଲୀ ଏମ୍ସରେ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସମସ୍ତ ଆଇନଗତ ନିୟମକୁ ଅନୁସରଣ କରାଯାଇ ବୟାନ ରେକର୍ଡ ହୋଇଥିଲା । ତଦନ୍ତ ଏବେ ଶେଷ ହୋଇଛି ଓ ସମସ୍ତ ତଥ୍ୟ ପ୍ରମାଣ ଖୁବ୍‌ଶୀଘ୍ର କୋର୍ଟରେ ପ୍ରଦାନ କରାଯିବ । ପୀଡ଼ିତା ନାବାଳିକାଙ୍କ ଭିଡିଓ କିଏ ଏବଂ କାହିଁକି ଭାଇରାଲ କଲେ ତା'ର ଅନୁସନ୍ଧାନ ଆରମ୍ଭ ହୋଇଛି । ସାଇବର ଟିମ୍ ଏବଂ କ୍ରାଇମ୍‌ବ୍ରାଞ୍ଚର ସହଯୋଗରେ ଭାଇରାଲ ଭିଡିଓର ତଦନ୍ତ ହେବ ବୋଲି ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି ।

**■ ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ଘଟଣା**

# ମୃତ୍ୟୁର କାରଣ ଅଗ୍ନିକାଣ୍ଡଜନିତ: ପୁଲିସ

ପଟ୍ଟାମୁଣ୍ଡାଇ, ୧୯।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗାଁର କଲେଜ ଛାତ୍ରୀ ପି.ଡି ସଂଗୀତା ଆତ୍ମାହୁତି ଘଟଣାରେ ଆଜି ନୂଆ ତଥ୍ୟ ପୁଲିସ୍‌ର ହସ୍ତଗତ ହୋଇଛି । ଘଟଣାର ୧୪ଦିନ ପରେ, ସଂଗୀତାଙ୍କ ମୃତ୍ୟୁର କାରଣ ଅଗ୍ନିକାଣ୍ଡ ଜନିତ ଏବଂ ସେ ଆତ୍ମାହୁତି କରିଛନ୍ତି ବୋଲି ପୁଲିସ୍ କହିଛି । ଏଫଏମ୍‌ଟି ଓ ଭିସେରା ରିପୋର୍ଟ ଆଧାରରେ ପୁଲିସ ଏହି ତଥ୍ୟ ଦେଇଛି । ନିଆଁ ଲାଗିବା ଯୋଗୁଁ ସଂଗୀତାଙ୍କ ଶରୀରର ୯୫ ପ୍ରତିଶତ ପୋଡ଼ିଯାଇଥିବା ଓ ତାଙ୍କ ଶ୍ୱାସନଳୀରେ

**■ ଏବେ ବି ବହୁ ପ୍ରଶ୍ନ ଅସମାହିତ**
**■ କିଏ ଗ୍ରିଲରେ ବାନ୍ଧିଥିଲା?**

କାର୍ବନ କଣିକା ରହିଥିବା ଶବ ବ୍ୟବଚ୍ଛେଦରୁ ଜଣାପଡ଼ିଛି । ତେଣୁ ଛାତ୍ରୀଙ୍କ ମୃତ୍ୟୁର କାରଣ ଅନ୍ୟ କିଛି ହୋଇପାରେନା ବୋଲି ପୁଲିସ୍ ସ୍ପଷ୍ଟ କରିଛି ।

କିନ୍ତୁ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଛାତ୍ରୀ ଶିଡିର ଲ୍ୟାଣ୍ଡିଙ୍ଗ ଉପରେ ବସିଥିବା ବେଳେ ଶିଡ଼ିଘରର ଲୁହା କାବଟ ସହ ସଂଗୀତାଙ୍କ ଅଣ୍ଟା ଏକ କେବୁଲ ତାର ଜରିଆରେ ବନ୍ଧା ହୋଇଥିଲା । ସଂଗୀତା ବସିବା ମୁଦ୍ରାରେ ଥିଲେ । ତେଣୁ, ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବଢ଼ିଥିଲା । ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଥିଲା ।

ତେଣୁ, ପୁଲିସ୍ ଏହାକୁ ଅଗ୍ନିକାଣ୍ଡଜନିତ କହି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ବସିଥିବା ବେଳେ ଏବେ ବି ବହୁ ପ୍ରଶ୍ନ ଅସମାହିତ ହୋଇ ରହିଛି । ଘର ଗ୍ରିଲରେ ତାଙ୍କୁ କିଏ ବାନ୍ଧିଲା ଏବଂ ତାଙ୍କୁ ପେଟ୍ରୋଲ ଓ ଦିଆସିଲି କିଏ ଆଣିଦେଲା, ତାହା ଉପରୁ ପରଦା ହଟିପାରିନାହିଁ ।

# ବିଜୟୱାଡ଼ାରୁ କପିଳେନ୍ଦ୍ରଦେବଙ୍କ ସମୟର ଶିଳାଲେଖ ସନ୍ଧାନ

ଭୁବନେଶ୍ୱର, ୧୯।୮ (ସମିସ): ଆନ୍ଧ୍ରପ୍ରଦେଶ ବିଜୟୱାଡା ସହରର ଜାକାମପୁଡ଼ି ଗ୍ରାମରୁ ୧୫ଶ ଶତାବ୍ଦୀରେ ଗଜପତି କପିଳେନ୍ଦ୍ରଦେବଙ୍କ ସମୟର ଏକ ଅତି ଗୁରୁତ୍ୱପୂର୍ଣ୍ଣ ଶିଳାଲେଖର ସନ୍ଧାନ ମିଳିଛି । ଏହି ଶିଳାଲେଖ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ଏକ ଧାନବିଲ ନିକଟରେ ପଡ଼ି ରହିଥିବା ବେଳେ ରିଡିସ୍କଭର ଲଷ୍ଟ ହେରିଟେଜ୍ ଗ୍ରୁପର ଐତିହ୍ୟ ଅନୁସନ୍ଧାନକାରୀ ଦଳର ସଦସ୍ୟମାନେ ଏହାକୁ ଖୋଜି ପାଇଛନ୍ତି । ଐତିହ୍ୟ ଗବେଷକ ଦୀପକ କୁମାର ନାୟକଙ୍କ ନେତୃତ୍ୱରେ ସଦସ୍ୟ ରବୀନ୍ଦ୍ର କୁମାର ରାଣା ଓ ବିକ୍ରମ କୁମାର ନାୟକ ଏହି ଅନୁସନ୍ଧାନରେ ସାମିଲ ହୋଇଥିଲେ ।

ଏ ସମ୍ପର୍କରେ ଐତିହ୍ୟ ଗବେଷକ ରବୀନ୍ଦ୍ର କୁମାର ରାଣା କହିଛନ୍ତି, ଶିଳାଲେଖଟି ଆମକୁ ଜାକାମପୁଡ଼ି ଗ୍ରାମର ଜନୈକ ବ୍ୟକ୍ତି ଗଣ୍ଡମ ଶିବାଜୀଙ୍କ ଅଧୀନ ଭୂମିରେ ଥିବା ଏକ ଧାନକ୍ଷେତ ନିକଟରେ ପଡ଼ି ରହିଥିବା ଅବସ୍ଥାରେ ମିଳିଥିଲା । ଏହା ନିକଟରେ ଏକ ପ୍ରାଚୀନ ଶ୍ରୀଗଣେଶଙ୍କ ମୂର୍ତ୍ତି ଓ ଏକ ବୀରାଶିଳା ମଧ୍ୟ ରହିଛି । ଅଭିଲେଖଟି ପଞ୍ଚଦଶ ଶତାବ୍ଦୀରେ ଗଜପତି କପିଳେନ୍ଦ୍ରଦେବଙ୍କ ପୁତ୍ର ତଥା ମହାନ ବୀର କୁମାର ହମ୍ବୀର ଦେବ ମହାପାତ୍ରଙ୍କ ପ୍ରଦତ୍ତ ଏକ ଦାନ ସମ୍ପର୍କୀୟ ସୂଚନା ଦେଉଛି । ପଥରଟିର ଗୋଟିଏ ପାର୍ଶ୍ୱରେ ସୂର୍ଯ୍ୟ, ଚନ୍ଦ୍ର ଓ ବୃଷଭଙ୍କ ଚିତ୍ର ଖୋଦିତ ହୋଇଛି । ସେ ସମୟରେ ଏହି ଅଞ୍ଚଳ ଓଡ଼ିଆ ସୂର୍ଯ୍ୟବଂଶୀ ଗଜପତିଙ୍କ ଉତ୍ତରରେ ଗଙ୍ଗା ନଦୀଠାରୁ ଦକ୍ଷିଣରେ କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ବିଶାଳ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ ଥିଲା । ଦକ୍ଷିଣାତ୍ୟରେ ଓଡ଼ିଆ ସାମ୍ରାଜ୍ୟର ବିସ୍ତୃତି ନିମନ୍ତେ କୁମାର ହମ୍ବୀର ଦେବଙ୍କ ଅତି ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ବୋଲି ଗବେଷକ ଶ୍ରୀ ରାଣା କହିଛନ୍ତି ।

ଦକ୍ଷିଣ ଭାରତରେ କଳିଙ୍ଗ ଐତିହ୍ୟର ସନ୍ଧାନ ତଥା ଗବେଷଣା କରି ଆସୁଥିବା ଐତିହ୍ୟ ଗବେଷକ ଦୀପକ କୁମାର ନାୟକ କହିଛନ୍ତି, ଜାକାମପୁଡ଼ିରେ ହମ୍ବୀର ଦେବଙ୍କ ଅଭିଲେଖ ସମ୍ପର୍କରେ ସୂଚନା ଆମକୁ ୧୯୧୩ ମସିହାରେ ପ୍ରକାଶିତ 'ଆନୁଆଲ ରିପୋର୍ଟ ଅନ ସାଉଥ ଇଣ୍ଡିଆନ ଏପିଗ୍ରାଫି' ପୁସ୍ତକରୁ ମିଳିଥିଲା । ତେଲୁଗୁ ଲିପିର ଏହି ଶିଳାଲେଖଟିରେ ସମୁଦାୟ ୧୭ ଧାଡ଼ିର ଅଭିଲେଖ ରହିଛି । ଏହି ଅଭିଲେଖଟିରୁ ମିଳୁଥିବା ତଥ୍ୟ ଅନୁସାରେ, ବୀରଶ୍ରୀ ଗଜପତି ଗୌଡେଶ୍ୱର ପ୍ରତାପ କପିଳେଶ୍ୱର ଦେବ (କପିଳେନ୍ଦ୍ର ଦେବ)ଙ୍କ ପୁତ୍ର ହମ୍ବୀରଦେବରାଜ ବେଜୱାଡା (ବିଜୟୱାଡା)ର ପାପବିନାଶନ ଦେବ ଏବଂ ରୁଦ୍ରଦେବଙ୍କ ଧୂପ, ଦୀପ ଓ ନୈବେଦ୍ୟ ସେବା ନିମିତ୍ତ ଜାକିରେଡିପାଲ୍ଲୀ (ଜାକାମପୁଡ଼ି) ଗ୍ରାମ ଦାନ ଦେଇଥିଲେ । ଏହା ବ୍ୟତୀତ ଜଙ୍ଗମ ଓ ବ୍ରାହ୍ମଣମାନଙ୍କ ଭୋଜନ ନିମିତ୍ତ ପୃଥକ ଭୋଜନ ଗୃହର ପରିଚାଳନା ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଏହି ଜାକିରେଡିପାଲ୍ଲୀ ଗ୍ରାମର ଉଲ୍ଲେଖ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟରେ ଅନ୍ୟ ଏକ ଶିଳାଲେଖରେ ମଧ୍ୟ ରହିଛି ବୋଲି ଶ୍ରୀ ନାୟକ ମତ ଦେଇଛନ୍ତି ।

ଏପରି ଐତିହାସିକ ସ୍ମାରକୀ ସୁରକ୍ଷା ଓଡ଼ିଶା ଇତିହାସ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି 'ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପ'ର ପ୍ରତିଷ୍ଠାତା ସଦସ୍ୟ ବିକାଶ ପ୍ରସାଦ ଦାସ କହିଛନ୍ତି । ଶିଳାଲେଖଟିକୁ କୌଣସି ସଂଗ୍ରହାଳୟକୁ ସ୍ଥାନାନ୍ତରିତ କରିବାକୁ ଅନୁରୋଧ କରି ସଂଗଠନ ପକ୍ଷରୁ ଉଭୟ ରାଜ୍ୟର ବିଭାଗୀୟ ଅଧିକାରୀଙ୍କୁ ଖୁବ ଶୀଘ୍ର ପତ୍ର ଲେଖାଯିବ ବୋଲି ଶ୍ରୀ ଦାସ କହିଛନ୍ତି ।

**ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର**

# ଜେଲ୍ ଗଲେ ବ୍ୟାଙ୍କ୍ ଅଧିକାରୀ

ସୋହେଲା, ୧୯।୮ (ସମିସ): ଜଣେ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରି ବରଗଡ଼ ଜିଲ୍ଲା ପଦ୍ମପୁର ଏସ୍‌ଡିସିସି ବ୍ୟାଙ୍କ ଅଧିକାରୀ ପ୍ରଭଞ୍ଜନ ମାଝୀ ଜେଲ୍ ଯାଇଛନ୍ତି । ପ୍ରଭଞ୍ଜନ କିଛି ଦିନ ତଳେ ପଦ୍ମପୁର ବ୍ରାଞ୍ଚ ବ୍ୟାଙ୍କ୍‌ରୁ ସୋହେଲା ଏସ୍‌ଡିସିସି ବ୍ୟାଙ୍କ୍‌କୁ ବଦଳି ହୋଇ ଆସିଥିଲେ । କିନ୍ତୁ ସେ ପଦ୍ମପୁର ବ୍ରାଞ୍ଚରେ ତାଙ୍କ କାର୍ଯ୍ୟକାଳ ସମୟରେ ସେ ସେଠାକାର ଜଣେ ମହିଳା କର୍ମଚାରୀଙ୍କୁ ମୋବାଇଲରେ ବିଭିନ୍ନ ଆପତ୍ତିଜନକ ମେସେଜ୍ ଦେବା ସହ ମାନସିକ ନିର୍ଯ୍ୟାତନା ଦେଉଥିଲେ । ଏନେଇ ପଦ୍ମପୁର ଥାନାରେ ମହିଳାଜଣଙ୍କ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୁଲିସ ପ୍ରଭଞ୍ଜନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ସାଙ୍କେତିକ ଦଖଲ**କୁ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ନିମପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।**

| ନିମପୁର ଶାଖା / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ (ସାଙ୍କେତିକ) ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ସଞ୍ଜୀବ ନାୟକ,** ପିତା: ଶର୍ଙ୍କର୍ଷଣ ନାୟକ, **୨) ରାଜୀବ ନାୟକ,** ପିତା: ଶର୍ଙ୍କର୍ଷଣ ନାୟକ, ଉଭୟଙ୍କ ଠିକଣା- ନଜରପୁର, ଜଗତପୁର, କଟକ, ପିନ୍-୭୫୪୦୨୧ | ଟ.୧୪,୭୯,୪୯୦.୭୯ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୪.୦୫.୨୦୨୫ / ୧୯.୦୮.୨୦୨୫ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର (କ) ଖାତା ନଂ.: ୭୭୨/୧୭୦୨, ପ୍ଲଟ୍ ନଂ.: ୨୬୮୩/୬୨୧୮, କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରି, ମୌଜା: |

ନିମପୁର, ଥାନା: ଟାଙ୍ଗି, ଥାନା ନଂ. ୭୧, ତହସିଲ: ଟାଙ୍ଗି ଚୌଦ୍ୱାର, ତହସିଲ ନଂ. ୧୬୭, ଜିଲ୍ଲା: କଟକ, ଏସ୍‌ଆରଓ: ଜଗତପୁର, ଡିଏସ୍‌ଆରଓ: କଟକ, ଏହାର ଚଉହଦି ପାର୍ଶ୍ୱରେ- ପୂର୍ବ: ଧରଣୀ ମହାନ୍ତି, ପଶ୍ଚିମ: କ୍ରେତା, ଉତ୍ତର: ରାସ୍ତା, ଦକ୍ଷିଣ: ବିଦ୍ୟାଳୟ, **(ଖ)** ଖାତା ନଂ.: ୭୭୨/୧୫୯୭, ପ୍ଲଟ୍ ନଂ.: ୨୬୮୩/୬୨୦୧, କ୍ଷେତ୍ର: ଏକର୦.୦୫୦ଡିସିମିଲି, କିସମ: ଘରବାରି, ମୌଜା: ନିମପୁର, ଥାନା: ଟାଙ୍ଗି, ଥାନା ନଂ. ୭୧, ତହସିଲ: ଟାଙ୍ଗି ଚୌଦ୍ୱାର, ତହସିଲ ନଂ. ୧୬୭, ଜିଲ୍ଲା: କଟକ, ଏସ୍‌ଆରଓ: ଜଗତପୁର, ଡିଏସ୍‌ଆରଓ: କଟକ, ଏହାର ଚଉହଦି ପାର୍ଶ୍ୱରେ- ପୂର୍ବ: ରମେଶ ମହାନ୍ତି, ପଶ୍ଚିମ: କେନାଲ, ଉତ୍ତର: କେନାଲ, ଦକ୍ଷିଣ: ଭୁବନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ତାରିଖ: ୧୯.୦୮.୨୦୨୫, ସ୍ଥାନ : ଭୁବନେଶ୍ୱର** — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଗଁଦିଆ ଏନ୍‌ଏସିର ମାନ୍ୟତା ଦାବି ଜୋର୍ ଧରିଲା

ଗଁଦିଆ,୧୯।୮ (ସମିସ)



ଅବିଭକ୍ତ ଗଁଦିଆ ପଞ୍ଚାୟତକୁ ନୂତନ ଏନ୍‌ଏସିର ମାନ୍ୟତା ପାଇଁ ଅଞ୍ଚଳରେ ଦାବି ଜୋର୍ ଧରିଛି। ଏନେଇ ଗ୍ରାମସ୍ଥିତ ନବନିର୍ମିତ କଲ୍ୟାଣମଣ୍ଡପରେ ୨ୟ ପ୍ରସ୍ତୁତି ବୈଠକ ସଭାପତି ବିପିନ ବିହାରୀ ସିଂହଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗଁଦିଆକୁ ନୂତନ ଏନଏସି ଭାବରେ ତୁରନ୍ତ ରାଜ୍ୟ ସରକାର ଘୋଷଣା କରିବେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ଅବିଭକ୍ତ ଗଁଦିଆ ପଞ୍ଚାୟତ ଯଥା ଗଁଦିଆ ଓ ପୋରହଖୋଜର ସମସ୍ତ ଗ୍ରାମର ବୁଦ୍ଧିଜୀବୀ ବରିଷ୍ଠ ନାଗରିକ, ଯୁବଗୋଷ୍ଠୀଙ୍କ ସହିତ ପାଖ ମଠତେନ୍ତୁଳିଆ ପଞ୍ଚାୟତର ଇଲେଇଜଙ୍ଗ ଗ୍ରାମ ଓ ବିଧାରପୁର ପଞ୍ଚାୟତର ସାପୁଆଝର ଗ୍ରାମର ଜନସାଧାରଣ ବୈଠକରେ ଯୋଗଦେଇଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଗଁଦିଆ ଏନ୍‌ଏସି କ୍ରିୟାନୁଷ୍ଠାନ କମିଟି ନାମରେ ପରିଚାଳନା କମିଟି ଗଠନ କରାଯାଇ ପରିଚାଳନା ନିମନ୍ତେ ନୂତନ କାର୍ଯ୍ୟକର୍ତ୍ତା ମନୋନୟନ କରାଯାଇଥିଲା। ସଭାପତି ଭାବରେ ମଙ୍ଗରାଜ ବାରିକ, ଉପସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ରାଘବ ଚନ୍ଦ୍ର ମହାରଣା, ସହସମ୍ପାଦକ ମଳୟ କୁମାର ଜେନା, କୋଷାଧ୍ୟକ୍ଷ ଭାବରେ ତାପସ କୁମାର ରାଉତଙ୍କୁ ମନୋନୀତ କରାଯାଇଥିଲା। ତାହାସହିତ ଉକ୍ତ କମିଟିରେ ୨୧ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା। ସର୍ବପରି ପ୍ରତ୍ୟେକ କାର୍ଯ୍ୟରେ ପରାମର୍ଶ ନିମନ୍ତେ ଉକ୍ତ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ନେଇ ଉପଦେଷ୍ଟା କମିଟି ଗଠନ କରାଯାଇଛି। ନୂତନ ଏନଏସି ପାଇଁ ପ୍ରଥମେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ କ୍ରିୟାନୁଷ୍ଠାନ କମିଟି ଭେଟିବା ସହିତ ଗଁଦିଆକୁ ନୂତନ ଏନଏସି ମାନ୍ୟତା ପାଇଁ ଦାବି ଉପସ୍ଥାପନା କରିବା ସହିତ ତାଙ୍କର ପୂର୍ଣ୍ଣ ସହଯୋଗ ଲୋଡ଼ିବ। ଏହାସହ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ନିମନ୍ତେ ଆଲୋଚନା ହୋଇଥିଲା। ଏନଏସି ପାଇଁ ରାଜ୍ୟ ସରକାରଙ୍କର ସମସ୍ତ ନିୟମାବଳୀ ପୂରଣ କରୁଥିବା ଥିବା ସହିତ ୧୯୬୯ ମସିହାରୁ ଗଁଦିଆକୁ ରାଜ୍ୟ ସରକାର ଅର୍ବାନ ଅଞ୍ଚଳ ଭାବରେ ଅନ୍ତର୍ଭୁକ୍ତ କରିଛନ୍ତି। ଏଇ ନିକଟରେ ରାଜ୍ୟ ସରକାର ୧୨ଟି ନୂତନ ଏନ୍‌ଏସି ଘୋଷଣା କରିଥିବା ସ୍ଥଳେ କେଉଁ କାରଣ ପାଇଁ ଗଁଦିଆକୁ ବଞ୍ଚିତ କରାଗଲା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

**ଦ୍ୱିତୀୟ ପ୍ରସ୍ତୁତି ବୈଠକ**

## ଶିଳ୍ପାଞ୍ଚଳ ଟ୍ରକ୍ ମାଲିକ ସଂଘର ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ



ଢେଙ୍କାନାଳ,୧୯।୮ (ସମିସ): ଶିଳ୍ପାଞ୍ଚଳ ଟ୍ରକ୍ ମାଲିକ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କୁ ଟ୍ରକ ମାଲିକମାନେ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାର ୮ଟି ବ୍ଲକରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଟ୍ରକ ମାଲିକଙ୍କର ୭୦୦ରୁ ଅଧିକ ଟ୍ରକ୍ ରହିଛି। ଟ୍ରକ୍ ବ୍ୟବସାୟରେ ଜିଲ୍ଲାର ୧୭୦୦ରୁ ଅଧିକ ପରିବାର ପ୍ରତିପୋଷଣ ହୋଇଥାନ୍ତି। ଜିଲ୍ଲାରୁ ପ୍ରତ୍ୟେକ ହଜାର ହଜାର ସଂଖ୍ୟାରେ ଟ୍ରକ୍ ଲୋଡିଂ ହୋଇ ବିଭିନ୍ନ ପ୍ରକାର ମାଲ ପରିବହନ କରିଥାନ୍ତି। କମ୍ପାନୀ କର୍ତ୍ତୃପକ୍ଷମାନଙ୍କୁ ଟ୍ରକ ନିୟୋଜିତ କରିବାକୁ ଅନୁରୋଧ କରିବା ପରେ କୌଣସି ସୁଫଳ ମିଳିପାରି ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ବିଷୟରେ ପୂର୍ବରୁ ବହୁବାର ତତ୍କାଳୀନ ଜିଲ୍ଲାପାଳଙ୍କୁ ସମସ୍ୟାର ସମାଧାନ ନିମନ୍ତେ ନିବେଦନ ମଧ୍ୟ କରିଛନ୍ତି। ଏହାସହିତ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ସାଂସଦ ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନଙ୍କୁ ସମସ୍ୟା ସମାଧାନ ପାଇଁ ଜଣାଇବା ପରେ ବୈଠକ କରି ସେମାନଙ୍କୁ ନ୍ୟାୟ ପ୍ରଦାନର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଜିଲ୍ଲାବାସୀ ଉଚିତ ନ୍ୟାୟ ପାଇପାରି ନାହାଁନ୍ତି ବୋଲି ସଂଘ ସୂଚନା ଦେଇଛି। ତେଣୁ ଜିଲ୍ଲାରେ ଥିବା କମ୍ପାନୀ ଏବଂ ଲୋକପ୍ରତିନିଧିମାନଙ୍କ ସହ ବିଚାର ବିମର୍ଶ କରି ଜିଲ୍ଲାର ଟ୍ରକ ମାଲିକମାନଙ୍କର ସମସ୍ୟା ସମାଧାନ ଦିଗରେ ଉଚିତ ପଦକ୍ଷେପ ନେବା ପାଇଁ ଦାବି ହୋଇଛି। ସଂଘ ସଭାପତି ରଶ୍ମିରଞ୍ଜନ ବାରିକ୍, ଉପ ସଭାପତି ବଳରାମ ଜେନା, ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ନାୟକ, କୋଷାଧ୍ୟକ୍ଷ ସରୋଜ କୁମାର ସାହୁ ପ୍ରମୁଖଙ୍କ ସହିତ ସଦସ୍ୟମାନେ ଉପସ୍ଥିତ ଥିଲେ। ଆଗକୁ ଏହାର ସମାଧାନ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସଂଘ ଦାବି କରିଛି।

## ରାସ୍ତା କାମରେ ଅନିୟମିତତା ଅଭିଯୋଗ

ଖଜୁରିଆକଟା,୧୯।୮ (ସମିସ): ହିନ୍ଦୋଳ ବ୍ଲକ୍ ଅଧୀନ ବାଉଁଶପୋଖରୀ ପଞ୍ଚାୟତର ନୂଆକୋଟରୁ ଆରମ୍ଭ ହୋଇ ବନ୍ତଲା ଥାନାର କଞ୍ଚା ପର୍ଯ୍ୟନ୍ତ ନିର୍ମାଣ ହେଉଛି ଆରଡି ରାସ୍ତା। କିନ୍ତୁ ଏହି ରାସ୍ତା ଅତି ନିମ୍ନମାନର କରାଯାଉଥିବା ଅଭିଯୋଗ ହେଉଛି। ପ୍ରଥମତଃ ରାସ୍ତାର ଦୁଇ ପାର୍ଶ୍ୱରେ ମାଟି ଓ ମୋରମ ପକାଇବା ପରିବର୍ତ୍ତେ ବାଲିଆମାଟି ପକାଯାଇଛି। ଫଳରେ ବର୍ଷା ହେବା ଦ୍ୱାରା ନାଳ ସୃଷ୍ଟି ହୋଇଛି। ଦ୍ୱିତୀୟତଃ ରାସ୍ତା ମଝିରେ କରାଯାଉଥିବା ପୋଲରେ ଫଟା ହୋମ୍ ପାଇପ୍ ବ୍ୟବହାର କରାଯାଇଛି। ତୃତୀୟତଃ ସଠିକ ପରିମାଣର ସିମେଣ୍ଟ ପରିବର୍ତ୍ତେ କ୍ରସର ଗୁଣ୍ଡ ମିଶା ଯାଉଛି। ପିଚୁସ୍ତର ସଠିକ ପରିମାଣର ନପକାଇ କମ୍ ପରିମାଣର ପକାଯିବାରୁ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପୂର୍ବରୁ ବହୁଳ ସ୍ଥାନରେ ଫାଟି ଆଁ ହୋଇଛି ଏବଂ ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଇଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ପୂର୍ବରୁ ସିମେଣ୍ଟ ସହ କ୍ରସର ଗୁଣ୍ଡ ମିଶୁଥିବାର ଅଭିଯୋଗ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନଥିଲା। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇପାରିନଥିଲା।



## ମହିମା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ ନିଯୁକ୍ତି ଦାବି

ଢେଙ୍କାନାଳ,୧୯।୮ (ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହିମା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ନିଯୁକ୍ତି ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଠାରେ ନିଯୁକ୍ତି ପାଇଥିବା ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଯୋଗଦେବା ସହିତ ଅନ୍ୟ କଲେଜକୁ ବଦଳି କରିବା ଫଳରେ ମହିମା ମହାବିଦ୍ୟାଳୟରେ ଅଧ୍ୟକ୍ଷ ପଦ ଖାଲି ରହିଛି। ଦାୟିତ୍ୱରେ ଥିବା ଅଧ୍ୟକ୍ଷ ପ୍ରହ୍ଲାଦ ସ୍ୱାଇଁ ଆର୍ଥିକ କ୍ଷମତା ପାଇ ନଥିବାରୁ ଅଧ୍ୟାପକ ଓ କର୍ମଚାରୀଙ୍କ ଦରମା ଦିଆଯାଇନାହିଁ। ଫଳରେ କର୍ମଚାରୀ ଓ ଅଧ୍ୟାପକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁଯାୟୀ, ଉଚ୍ଚଶିକ୍ଷା ବିଭାଗର ଚିଠି ପାଇ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍ ଯୋରନ୍ଦା ମହିମା ମହାବିଦ୍ୟାଳୟରେ ଗତ ଅଗଷ୍ଟ ୨ରେ ନୂତନ ଅଧ୍ୟକ୍ଷ ଭାବେ ଯୋଗଦେବା ପାଇଁ ଆସିଥିବା ବରଗଡ଼ ବିଜେପୁର କଲେଜର ଅର୍ଥନୀତି ବିଭାଗ ରିଡର୍ ପ୍ରଶାନ୍ତ କୁମାର ସାହୁ ଯୋଗ ନଦେଇ ଫେରିଯାଇଥିଲେ। ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ବିଚିତ୍ର ନୀତି ଯୋଗୁଁ ଗତ ୩୧ ଜୁଲାଇ ପତ୍ରସଂଖ୍ୟାରେ ଶ୍ରୀ ସାହୁଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଯୋଗଦେବା ପାଇଁ ନିର୍ଦ୍ଦେଶ ରହିଥିଲା। ପୁନଶ୍ଚ ପତ୍ର ସଂଖ୍ୟା ଜୁଲାଇ ୩୧ ତାରିଖ ଚିଠିରେ ଅର୍ଥନୀତି ବିଭାଗ ଅଧ୍ୟାପକ ରାଜକିଶୋର ସାହୁଙ୍କୁ ଅଧ୍ୟାପକ ଭାବେ ମହିମା ମହାବିଦ୍ୟାଳୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ହୋଇଥିଲା। ମହାବିଦ୍ୟାଳୟରେ ଗୋଟିଏ ଅର୍ଥନୀତି ଅଧ୍ୟାପକ ପଦବୀ ପାଇଁ ଉଭୟ ଯୋଗ ଦେବାକୁ ଆସିଥିବା ବେଳେ ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ସ୍ୱାଇଁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ। ପ୍ରଥମେ ଆସିଥିବା ବରଗଡ଼ ବିଜେପୁର କଲେଜର ଅର୍ଥନୀତି ବିଭାଗ ରିଡର୍ ପ୍ରଶାନ୍ତ ସାହୁଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଯୋଗଦେବାକୁ ଦେଇନଥିଲେ। ଅନ୍ୟପକ୍ଷରେ ରାଜକିଶୋର ସାହୁଙ୍କୁ ଅଧ୍ୟାପକ ଭାବେ ଯୋଗଦାନ କରାଇଥିଲେ। ଫଳରେ ବରଗଡ଼ ବିଜେପୁର କଲେଜର ଅର୍ଥନୀତି ବିଭାଗ ରିଡର୍ ଶ୍ରୀ ସାହୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ନିକଟକୁ ଚାଲି ଯାଇଥିଲେ। ଉଚ୍ଚଶିକ୍ଷା ବିଭାଗର ଭୁଲ ଚିଠି କାରଣରୁ ଏପରି ଅସୁବିଧା ହୋଇଥିଲା। ସୂଚନାନୁଯାୟୀ ଏହିପରି ଏକ ଘଟଣା ୨୦୦୧ ମସିହା ଜୁନ ୧୪ ତାରିଖ କେନ୍ଦୁଝର ଜିଲ୍ଲା ଘଟଗାଁ ତାରିଣୀ ମହାବିଦ୍ୟାଳୟରେ ଘଟିଥିଲା। ମହାବିଦ୍ୟାଳୟରେ ଗୋଟିଏ ଇଂରାଜୀ ପଦବୀ ଖାଲି ଥିବାବେଳେ ଅଧ୍ୟକ୍ଷ ଦାୟିତ୍ୱରେ ଆସିଥିବା ବିଦ୍ୟୁତାନନ୍ଦ ବସ୍ତିଆଙ୍କୁ ଦାୟିତ୍ୱରେ ଥିବା ଅଧ୍ୟକ୍ଷ ଦାୟିତ୍ୱ ହସ୍ତାନ୍ତର ନକରି ଅନ୍ୟଜଣେ ଅଧ୍ୟାପକ ଗୋବର୍ଦ୍ଧନ ସାହୁଙ୍କୁ ନିଯୁକ୍ତି ଦେଇଥିଲେ। ଫଳରେ ଶ୍ରୀ ବସ୍ତିଆ ଏହା ବିରୁଦ୍ଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କ ସପକ୍ଷରେ ଅନ୍ତରୀଣ ରାୟ ପ୍ରଦାନ କରିଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ସେ ହାଇକୋର୍ଟରେ କୋର୍ଟ ଅବମାନନା ମାମଲା ରୁଜୁ କରିଛନ୍ତି। ୨ୟ ଦଫା କୋର୍ଟ ଅବମାନନା ମାମଲା ରୁଜୁ ପରିପ୍ରେକ୍ଷୀରେ ହାଇକୋର୍ଟ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଆସନ୍ତା ନଭେମ୍ବର ୧ମ ସପ୍ତାହରେ ଜବାବ ରଖିବାକୁ ସମନ କରିଛନ୍ତି। ଏହି ଘଟଣା ଯୋରନ୍ଦା ମହିମା ମହାବିଦ୍ୟାଳୟରେ ଘଟିଛି। ତେଣୁ କେବେ ମହିମା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଯୋଗଦେବେ। ଘଟଣାକୁ ନେଇ ଯୋରନ୍ଦା ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମହାବିଦ୍ୟାଳୟ ଜଣେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଓ ଶିକ୍ଷାବିଭାଗରେ ଖାଲି ପଡିଥିବା ଅଧ୍ୟାପକ ପଦବୀ ପୂରଣ ପାଇଁ ଯୋରନ୍ଦା ଅଞ୍ଚଳବାସୀ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

**ଦରମା ନପାଇ ଅଧ୍ୟାପକ, କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ**

## ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ

**ୱାରୀ ଏନର୍ଜି କାର୍ଯ୍ୟରେ ତ୍ୱରାନ୍ୱିତ କରିବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ତାଗିଦ**




ଢେଙ୍କାନାଳ,୧୯।୮ (ସମିସ): ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଭାବନା ସଭାଗୃହରେ ଜିଲ୍ଲାର ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାବାସୀଙ୍କୁ ସମସ୍ତ ଶିଳ୍ପାନୁଷ୍ଠାନଗୁଡ଼ିକ ନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ଅଗ୍ରାଧିକାର ଦେବାକୁ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ୱାରୀ ଏନର୍ଜି ତାର କାର୍ଯ୍ୟରେ ଅଗ୍ରଗତି କରୁନଥିବା ଯୋଗୁଁ ଏହାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିଲେ। ଜିଲ୍ଲାର ସମସ୍ତ ପ୍ରମୁଖ ଶିଳ୍ପାନୁଷ୍ଠାନଗୁଡ଼ିକ ସ୍ଥାନୀୟ ଭାରୀଯାନ ମାଲିକମାନଙ୍କୁ ଅଗ୍ରାଧିକାର ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବାଜିଚୌକସ୍ଥିତ ମେଡିକାଲରେ ୩ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହାକୁ ସିଟି ହସ୍ପିଟାଲରେ ପରିଣତ କରାଯିବ ବୋଲି ସେ କରିଥିଲେ। ମେଡିକାଲ କଲେଜ ସ୍ଥାପନ ସହିତ ଦକ୍ଷିଣକାଳୀ ମେଡିକାଲ ରାସ୍ତାର ପ୍ରଶସ୍ତିକରଣ, ବନମାଳି ପ୍ରସାଦଠାରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ, ପ୍ରସ୍ତାବିତ ରିଂରୋଡ ସମ୍ପର୍କରେ ଆଲୋଚନା ହୋଇଥିଲା। କଲ୍ୟାଣୀ ଷ୍ଟିଲ ଏବଂ ଆଓନେକ୍ସ୍ ସୋଲାର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସେମାନଙ୍କରେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ। ଜିଲ୍ଲାର ଦ୍ରୁତ ବିକାଶ ନିମନ୍ତେ ଶିଳ୍ପାନୁଷ୍ଠାନମାନେ ଅଧିକ ପ୍ରାଧାନ୍ୟ ଦେବାକୁ ପରାମର୍ଶ କରିଥିଲେ। ବୈଠକରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ସଦର ଉପଜିଲ୍ଲାପାଳ ବିଭୁଧ ଗଡନାୟକଙ୍କ ସମେତ ସମସ୍ତ ପ୍ରମୁଖ ଶିଳ୍ପାନୁଷ୍ଠାନର କର୍ତ୍ତୃପକ୍ଷ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

ପରଜଙ୍ଗ,୧୯।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଜୟପୁରାକାଟେଣି ସିଆଳିମାଳିଆ ଗ୍ରାମର ରମେଶ ନାଏକଙ୍କ ପତ୍ନୀ ଚାରୁ ନାଏକଙ୍କୁ ସାପକାମୁଡ଼ି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଚାରୁ ଶୋଇଥିବାବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ କାମାକ୍ଷାନଗର ଉପଖଣ୍ଡ ସ୍ତରୀୟ ମେଡିକାଲ ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ଡାକ୍ତରଖାନାକୁ ନେଇଯାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏପରି ଦୁଃଖଦ ଖବର ପାଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଯାଇଛି। ଖବର ପାଇ ପରଜଙ୍ଗ ତହସିଲ ଅଧୀନ ମୁଣ୍ଡାପଶି ରାଜସ୍ୱ ନିରୀକ୍ଷକ ମୃତକଙ୍କ ପରିବାରରେ ପହଞ୍ଚି ସତ୍ୟାସତ୍ୟ ଉପରେ ତଦନ୍ତ କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ଆଇଆଇ କହିଥିବା ସୂଚନା ମିଳିଛି।

## ମଲ୍ଲିକେଶ୍ୱରୀ ବନଦୁର୍ଗା ମନ୍ଦିରରୁ ଚୋରି

ଢେଙ୍କାନାଳ,୧୯।୮ (ସମିସ): ସଦର ଥାନାର ଗୋବିନ୍ଦପୁର ଫାଣ୍ଡି ଅଧୀନ ୫୫ନଂ ଜାତୀୟ ରାଜପଥର ପ୍ରବେଶ ପଥରେ ଥିବା ମା' ମଲ୍ଲିକେଶ୍ୱରୀ ବନଦୁର୍ଗା ମନ୍ଦିରରୁ ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡ଼ିଛି। କେହି ଦୁର୍ବୃତ୍ତ ମନ୍ଦିରର ତାଲା ଭାଙ୍ଗି ଦେବୀଙ୍କ ରୁପା ଆଖି, ମକୁଟ, ଚିତା ଆଦି ପ୍ରାୟ ୧ କେଜି ରୁପା ଓ ୧୦ ଗ୍ରାମ ସୁନା ଓ ପିତଳ ମୂର୍ତ୍ତି ଚୋରି ହୋଇଥିବା ଜଣାପଡ଼ିଛି। ମନ୍ଦିର ଚୋରିକୁ ନେଇ ଅଞ୍ଚଳରେ ଥିବା ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ମନ୍ଦିର ପରିଚାଳନା କମିଟି ଗୋବିନ୍ଦପୁର ଫାଣ୍ଡିର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାସ୍ଥଳରେ ସାଇଁଟିଫିକ ଟିମ, ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚୋରି ହୋଇଥିବା ସାମଗ୍ରୀର ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥିବାର ଜଣାପଡିଛି।

## ଚିରୁଳେଇରେ ବିଦ୍ୟାଳୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଗଁଦିଆ,୧୯।୮ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍ ଅଧୀନ ଚିରୁଳେଇ ଗ୍ରାମରେ ଅବସ୍ଥିତ ସୁଦର୍ଶନ ସରକାରୀ ବିଦ୍ୟାଭବନର ପ୍ରଧାନଶିକ୍ଷକ ସତ୍ୟବାଦୀ ସାମଲ ଓଡ଼ିଶା ଶିକ୍ଷା ସେବାରେ ଯୁବରାଜ ଉଚ୍ଚ ବିଦ୍ୟାଳୟ ତାଳଚେରକୁ ଯାଇଥିବାରୁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ପରିଚାଳନା ତରଫରୁ ବିଦ୍ୟାଳୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଦେହୁରୀଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ମୁଖ୍ୟଅତିଥି ଭାବେ ନିହଲପ୍ରସାଦ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଗଁଦିଆ ବ୍ଲକ ନୋଡାଲ ଅଧିକାରୀ ରଞ୍ଜନ କୁମାର ରଣା, ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ, ଫୋରମ ଓଡିଶାର ସଭାପତି ତଥା ପ୍ରକୃତି ବନ୍ଧୁ ହରିହର ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଅନୁଶିକ୍ଷା ନିରୀକ୍ଷକ ଦଣ୍ଡଧର ସାହୁ, କାବେରା ପଞ୍ଚାୟତ ସମିତି ସଭ୍ୟ ଶତ୍ରୁଘ୍ନ ରାଉତ, ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରଥ କୁମାର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଯୁଗଳ କିଶୋର ରାଉତ, ସ୍ଥାନୀୟ ସିଆରସିସି ବିଶ୍ୱନାଥ ମାଝୀ ଓ ରାଏ ନରସିଂହପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ୱାଶତି ନାଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସୁରେନ କୁମାର ସ୍ୱାଇଁ, ରଜନୀକାନ୍ତ ଭୋଇ ଓ ଶିକ୍ଷୟିତ୍ରୀ ସରୋଜିନୀ ନାୟକ ଅଂଶ ଗ୍ରହଣ କରି ନିଜ ବକ୍ତବ୍ୟ ରଖିଥିଲେ।

## ଅଙ୍ଗନବାଡ଼ି କେନ୍ଦ୍ର ସମ୍ପୂର୍ଣ୍ଣକୁ ନେଇ ପ୍ରଶ୍ନବାଚୀ



ଖଜୁରିଆକଟା,୧୯।୮ (ସମିସ): ହିନ୍ଦୋଳ ଉପଖଣ୍ଡ କୁକୁଟା ପଞ୍ଚାୟତ ବସଲା ଗ୍ରାମରେ ଆଜିକୁ ପ୍ରାୟ ୫ ବର୍ଷ ତଳେ ଗୋଟିଏ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ହୋଇଥିବା ବେଳେ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋମଳମତି ଛାତ୍ରଛାତ୍ରୀଙ୍କୁ ମାଗଣାରେ ପୋଷାକ, ଖେଳନା, ବହି, ଖାତା ଆଦି ଯୋଗାଇବା ସହ ପ୍ରତିଟି କେନ୍ଦ୍ରରେ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ମା' ଗର୍ଭରେ ପିଲାଟି ରହିବା ଦିନରୁ ମା'କୁ ସୁଷମ ଖାଦ୍ୟ ଯୋଗାଇ ଦେବାସହ ଜନ୍ମ ପରେ ଶିଶୁକୁ ଖାଦ୍ୟ ଯୋଗାଇଦେବା ସହିତ କିଶୋରୀ ବାଳିକାମାନଙ୍କୁ ମଧ୍ୟ ସୁଷମ ଖାଦ୍ୟ ଯୋଗାଇ ଦେବାରେ ଅଙ୍ଗନବାଡ଼ି କର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତା' ସହ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସଫଳ ରୂପାୟନ ଦିଗରେ ଏମାନଙ୍କ ଭୂମିକା ବେଶ୍ ଗୁରୁତ୍ୱ ରହିଆସିଛି। ବିଡ଼ମ୍ବନାର ବିଷୟ ବସଲା ଗ୍ରାମରେ ଆଜିକୁ ପ୍ରାୟ ୫ ବର୍ଷ ତଳେ ଗୋଟିଏ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ହୋଇଥିବା ବେଳେ ତାହା ଆଜି ଯାଏଁ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଜଣାଯାଏ ଯେ ଏହି କେନ୍ଦ୍ରକୁ କିଛି ବ୍ୟକ୍ତି ବିଶେଷ ନିଜ ଅକ୍ତିଆରକୁ ନେଇ ତାର ବାଡ଼ଦେଇ ନିଜ କାମରେ ଲଗାଉଛନ୍ତି। ତେବେ ପ୍ରଶ୍ନ ଉଠେ ଏହି କେନ୍ଦ୍ର ନିର୍ମାଣ ପୂର୍ବରୁ ସଠିକ ଜାଗା ଚିହ୍ନଟ ହୋଇ ନ ଥିଲା ନା ଜାଣି ଶୁଣି ଏହି ଜାଗାକୁ ଅକ୍ତିଆର କରାଯାଇଛି ତାକୁନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ଉପଯୁକ୍ତ ତଦନ୍ତ କରାଯାଇ କେନ୍ଦ୍ରଟିକୁ ସମ୍ପୂର୍ଣ୍ଣ କରାଗଲେ ପଞ୍ଚାୟତବାସୀ ଉପକୃତ ହୋଇପାରିବେ ବୋଲି ଦାବି କରିଛନ୍ତି।

## ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତକୁ ୨ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଢେଙ୍କାନାଳ,୧୯।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଲିମୀ ଥାନା ଅଞ୍ଚଳରେ ଜଣୈକା ନାବାଳିକାକୁ ଅପହରଣ ମାମଲାର ବିଚାର କରି ଅଭିଯୁକ୍ତ ପ୍ରବିର ଓରଫ ଚେଙ୍ଗା ଓରଫ ପର୍ଶୁରାମ ସାମଲ(୨୭)କୁ ଏସଡିଜେଏମ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକକୋର୍ଟର ବିଚାରପତି ପ୍ରସନ୍ନ କୁମାର କର୍ଣ୍ଣ ଅଭିଯୁକ୍ତକୁ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ନାବାଳିକା ଗତ ୨୦୨୦ ମସିହା ଡିସେମ୍ବର ୯ ତାରିଖ ୧୨ଟା ବେଳେ ନିଖୋଜ ହୋଇଯାଇଥିଲା। ଘଟଣାକୁ ନେଇ ପରଦିନ ପରିବାର ତରଫରୁ ବାଲିମୀ ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇ ତଦନ୍ତ କରାଯାଇଥିଲା। ଫଳରେ ନାବାଳିକାକୁ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାର ହିନ୍ଦୁପୁରମରୁ ପୁଲିସ ଉଦ୍ଧାର କରିଥିଲା। ଘଟଣାରେ ପୁଲିସ ୨୦୨୧ମାର୍ଚ୍ଚ ୧୮ ତାରିଖ ଦିନ ଅଭିଯୁକ୍ତକୁ ଗିରଫ କରିଥିଲା। ମାମଲାଟି ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟରେ ବିଚାର ଚାଲିଥିଲା। ମୋଟ ୩୧ ଜଣ ସାକ୍ଷୀ,୧୫ଟି ଦସ୍ତାବିଜ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରମାଣ ଅନୁସାରେ ଦଫା ୩୬୩ ଅନୁସାରେ ବିଚାରପତି ଅଭିଯୁକ୍ତକୁ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫୦୦ ଟଙ୍କା ଜରିମାନା ଅନାଦେୟ ଅଧିକ ମାସେ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାଟି ଅତିରିକ୍ତ ପିପି ଜାହିର ମହମ୍ମଦ ପରିଚାଳନା କରୁଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମୀକ୍ଷା ବୈଠକ



ଢେଙ୍କାନାଳ,୧୯।୮ (ସମିସ): ଜିଲ୍ଲା କାର୍ଯ୍ୟାଳୟ ସଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଜଏଣ୍ଟ ଆଡଭାଇଜର ଡ. ଏସକେ ଜେନା, ଅଣ୍ଡର ସେକ୍ରେଟାରୀ ସୁବାଷ ଚାନ୍ଦ ଏବଂ ଲିଡ୍ କନସଲଟାଣ୍ଟ ସୁବାଷ ଚନ୍ଦ୍ର ମହାନ୍ତି ଯୋଗଦେଇ ଜାତୀୟ ବିପର୍ଯ୍ୟୟ ପରିଚାଳନାର ଆଭିମୁଖ୍ୟ ଏବଂ ପଲିସି, ପ୍ଲାନ ଓ ଗାଇଡ୍ ଲାଇନ ସମ୍ପର୍କରେ ଅବଗତ କରାଇଛନ୍ତି। ଜିଲ୍ଲାରେ ପ୍ରାକୃତିକ ଦୁର୍ବିପାକରୁ ରକ୍ଷା ପାଇବା ପାଇଁ ନୂତନ ଜ୍ଞାନ କୌଶଳ ଓ ଯନ୍ତ୍ରପାତି ପ୍ରୟୋଗ କରି ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଆପାତକାଳୀନ ଅଧିକାରୀ ସୁଦୀପ୍ତ କୁମାର ସାହୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରସ୍ତୁତି ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାରେ ଅଧିକସଂଖ୍ୟକ ପାଣିରେ ବୁଡ଼ି ଓ ସାପ କାମୁଡାରେ ଓ ବଜ୍ରାଘାତରେ ମୃତ୍ୟୁ ଘଟୁଛି ପ୍ରକାଶ କରିଥିଲେ। ବନ୍ୟା, ବାତ୍ୟା, ମରୁଡ଼ି, ଗ୍ରୀଷ୍ମ ପ୍ରବାହର ପ୍ରଭାବକୁ ପ୍ରଶମିତ କରିବା ପାଇଁ ନିଆଯାଉ ଥିବା ପଦକ୍ଷେପ ସମ୍ପର୍କରେ ଓ ପ୍ରଭାବିତ ମାନଙ୍କ ପାଇଁ ବହୁମୁଖି ଆଶ୍ରୟସ୍ଥଳୀରେ କାର୍ଯ୍ୟକାରୀତା ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ରାସାୟନିକ ଦୁର୍ଘଟଣାର ମୁକାବିଲା ପାଇଁ ପ୍ରସ୍ତୁତି ପାଇଁ ହେଉଥିବା ମକଡ୍ରିଲ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାକୃତିକ ଦୁର୍ବିପାକରୁ ରକ୍ଷା ପାଇବା ପାଇଁ ୧୨୮ ଜଣ କର୍ମୀ ଅତ୍ୟାଧୁନିକ ସରଞ୍ଜାମ ସହିତ କାର୍ଯ୍ୟ କରୁଛନ୍ତି। ସେଥିପାଇଁ ବ୍ଲକ୍ ଏବଂ ଜିଲ୍ଲାସ୍ତରରେ ପ୍ରଶିକ୍ଷଣ ପ୍ରଦାନ କରିଥାନ୍ତି ବୋଲି ପ୍ରକାଶ କରିଥିଲେ। ବୈଠକରେ ଆଇଏଏସ ପ୍ରୋବେସନ ମିସ ଭଗତ ସାମଲ କଲ୍ୟାଣ ରାଓଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଦ୍ୱିତୀୟ ସୁରଙ୍ଗନା ପ୍ରତିଭା ଉତ୍ସବ ଉଦ୍‌ଯାପିତ



ଢେଙ୍କାନାଳ,୧୯।୮ (ସମିସ): ଗୋପବନ୍ଧୁ ଟାଉନ ହଲରେ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ସୁରଙ୍ଗନା କଳା ନିକେତନ ଅଙ୍କରାନ୍ତିପୁର, ସିମିନଇର 'ଦ୍ୱିତୀୟ ସୁରଙ୍ଗନା ପ୍ରତିଭା ଉତ୍ସବ' ମହାସମାରୋହରେ ସଭାପତି ନିରଞ୍ଜନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୬ ତାରିଖ ଦିନ ବ୍ରହ୍ମା କୁମାରୀଜ ଢେଙ୍କାନାଳର ମୁଖ୍ୟ ସଞ୍ଚାଳିକା ବ୍ରହ୍ମା କୁମାରୀ ଉଷା, ବରିଷ୍ଠ ଚିତ୍ର ଶିଳ୍ପୀ ଓ ନାଟ୍ୟକାର ପରେଶ ଚନ୍ଦ୍ର ପଟ୍ଟନାୟକ, ମାତୃପ୍ରସାଦ ନନ୍ଦ, ଆଦର୍ଶ ଡିଜିଟାଲ ଗଣମାଧ୍ୟମର ମୁଖ୍ୟ ସମ୍ପାଦକ ସୁଶାନ୍ତ କୁମାର ପାଣିଙ୍କ ଉପସ୍ଥିତିରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସାନ୍ଧ୍ୟ ଉଦ୍‌ଘାଟନ ସଭାରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ମାଟିର ସୁଯୋଗ୍ୟ ସନ୍ତାନ ତଥା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତୀ ଶଶିକାନ୍ତ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଦନ୍ତ ବିଶେଷଜ୍ଞ ଡା. ରେମନ କୁମାର ମିଶ୍ର, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଶୁଶାନ୍ତ କୁମାର ସେନାପତି ଓ ମୁଖ୍ୟବକ୍ତା ଭାବରେ ପରେଶ ପଟ୍ଟନାୟକ ଯୋଗଦେଇଥିଲେ। ନ୍ୟାୟମୂର୍ତ୍ତୀ ଶଶିକାନ୍ତ ମିଶ୍ର ନିଜ ବକ୍ତବ୍ୟରେ କହିଲେ, ଯେଉଁ ରାଜ୍ୟ ଓ ଦେଶ କଳା ଏବଂ ସଂସ୍କୃତିରେ ଯେତେ ବିକଶିତ ସେ ସେତିକି ଧନୀ ଓ ବଳିଷ୍ଠ। ସୁରଙ୍ଗନା ଅନୁଷ୍ଠାନକୁ ପ୍ରଶଂସା କରି କହିଲେ ଛୋଟ ଶିଶୁ ମାନଙ୍କ ମଧ୍ୟରେ ଗୁଣ ଓ କଳାର କରିବା ପାଇଁ ଆମେ ସମସ୍ତେ ଦାୟିତ୍ୱ ନେବା ଆବଶ୍ୟକ। ଇଂରାଜୀ ହସ୍ତାକ୍ଷର, ଚିତ୍ରାଙ୍କନ ସେଡିଂ, କ୍ଲେ ମଡେଲ, ଲଘୁ ସଙ୍ଗୀତ, ରାଇମ୍ସ ଏବଂ ବୟସ ସୀମାହୀନ ଟ୍ରାକ୍ ଗୀତ ପ୍ରତିଯୋଗୀତା ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଦର୍ଶ ପ୍ଲସ୍ ଡିଜିଟାଲ୍ ଗଣମାଧ୍ୟମ, ଭରତ ନାଟ୍ୟମ୍ ଓ କୁଚିପୋଡ଼ି ନୃତ୍ୟ ଶିଳ୍ପୀ ପି.ଶ୍ୱେତପଦ୍ମା ଓ ମିଶନ୍ ରିକନଷ୍ଟ୍ରକ୍ସନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରହ୍ମାକୁମାରୀ ଆଶ୍ରମ ଢେଙ୍କାନାଳର ବ୍ରହ୍ମକୁମାର ସରୋଜ ଭାଇ, ବ୍ରହ୍ମକୁମାର ଶଶିକାନ୍ତ ଭାଇ, ବ୍ରହ୍ମକୁମାର ସନ୍ତୋଷ ଭାଇ, ବ୍ରହ୍ମକୁମାରୁ ପ୍ରଫୁଲ୍ଲ ଭାଇ, ବ୍ରହ୍ମକୁମାର ବିରଞ୍ଚି ଭାଇ ଶୁଭ ଭାବନା ଦେଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ପରେ ଓଡ଼ିଶୀ, ସମ୍ବଲପୁରୀ ଓ ଭଜନ ନୃତ୍ୟ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ପୌରପାଳିକାର ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମୁଖ୍ୟବକ୍ତା ଭାବେ ରାଜଯୋଗିନୀ ବ୍ରକୁ ଉଷା ଏବଂ ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଡଃ ପ୍ରମୋଦ କୁମାର ନାୟକ ଓ ବିଶିଷ୍ଟ ଓଡ଼ିଶୀ ଗୁରୁ ଶେଖର ସୁମନ ମାଝୀ ଉପସ୍ଥିତଥିଲେ। ମୁଖ୍ୟବକ୍ତା ବ୍ରକୁ ଉଷା ନିଜ ବକ୍ତବ୍ୟରେ କଳା ଓ ପ୍ରତିଭା ପରମାତ୍ମାଙ୍କର ଆଶୀର୍ବାଦ କହିଥିଲେ। ଏହାସମାଜ ପରିବର୍ତ୍ତନର ଉତ୍ସ ବୋଲି ମଧ୍ୟ ସୂଚନା ଦେଇଥିଲେ। ମୁଖ୍ୟ ଅତିଥିଙ୍କ ବକ୍ତବ୍ୟ ସବୁ ପିଲାଙ୍କୁ ଉତ୍ସାହିତ କରିଥିଲା ପିଲାମାନେ ଫୁଲ କଢ଼ ସେମାନେ ପ୍ରସ୍ଫୁଟିତ ହୋଇ ସମାଜରେ କଳାର ସୁଗନ୍ଧ ପ୍ରସାରିତ କରିବାର ଭାବନା ପ୍ରକଟ କରିଥିଲେ।

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ

# ୨୧ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା



**ପାରାଦୀପ, ୧୯।୮ (ସମିସ):** ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଆସନ୍ତା ୧୯ରୁ ୨୧ ତାରିଖ ତିନିଦିନ ପର୍ଯ୍ୟନ୍ତ ଅଶାନ୍ତ ରହିବ ସମୁଦ୍ର। ଲଘୁଚାପ ପ୍ରଭାବରେ ଉଚ୍ଚ ଜୁଆର ଓ ପବନ ବହିବା ସମ୍ଭାବନା ରହିଛି। ଏଥିପାଇଁ ସମୁଦ୍ରକୁ ମାଛ ଧରିବା ପାଇଁ ନ ଯିବାକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀ ସତର୍କ କରାଇ ଦିଆଯାଇଛି। ବିଭାଗ ପକ୍ଷରୁ ପାରାଦୀପ ନେହେରୁ ବଙ୍ଗଳା ମାଛଧରା ବନ୍ଦର, ଅଠରବାଙ୍କି ବାଲିପ୍ଲଟ, ନୂଆବଜାର ନୋଳିଆ ସାହି, ଷଣ୍ଢକୁଦ ବସ୍ତି ଓ ଚଉମୁହାଣି ପ୍ରଭୃତି ମାଛଧରା ସ୍ଥାନ ଓ ମତ୍ସ୍ୟଜୀବୀଙ୍କ ବସ୍ତି ଅଞ୍ଚଳରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି। ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ କୌଣସି ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବା ପାଇଁ ନ ଯିବା ସହିତ ଯେଉଁମାନେ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଛନ୍ତି, ସେମାନେ ଆଜି ସୁଦ୍ଧା କୂଳକୁ ଫେରି ଆସିବାକୁ ସୂଚନା ଦିଆଯାଇଛି।

# ନାବାଳିକା ଦୁଷ୍କର୍ମ ମାମଲା; ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

**କେନ୍ଦ୍ରାପଡ଼ା, ୧୯।୮ (ସମିସ):** ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପକ୍ସୋ କୋର୍ଟ ବିଚାରପତି ଅଭିଯୁକ୍ତ ସୌମ୍ୟରଞ୍ଜନ ଲେଙ୍କାକୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୫ ହଜାର ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲ୍ଲାର କୁଦାନଗରୀ ଥାନା ଅଞ୍ଚଳର ଜଣେ ୧୭ ବର୍ଷର ନାବାଳିକା ଚଳିତ ବର୍ଷ ଜାନୁଆରୀ ୨୬ ତାରିଖ ରାତିରେ ମାଆ ପାଖରେ ଶୋଇଥିବାବେଳେ ରାତି ପ୍ରାୟ ୪ଟା ବେଳେ ମା' ଉଠି ଦେଖିବା ବେଳକୁ ଝିଅ ଘରେ ନ ଥିଲା। ମାଆ ନାବାଳିକା ଝିଅକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଏ ସମ୍ପର୍କରେ ସେ କୁଦାନଗରୀ ଥାନାରେ ଜାନୁଆରୀ ୨୮ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ୩୬/୨୦୨୫ରେ କୁଦାନଗରୀ ଥାନାରେ ମାମଲା ରୁଜୁ ହୋଇଥିଲା। ନାବାଳିକା ଝିଅ ଘରୁ ଯିବାର ପ୍ରାୟ ସପ୍ତାହ ପରେ ଘରକୁ ଫୋନ କରି ମାଆକୁ କହିଲା ଅଭିଯୁକ୍ତ ମୋତେ ଆଣି ରାୟପୁରରେ ରଖିଛି। ଏହାପରେ ଫୋନଟି ସୁଇଚଅଫ୍ ହୋଇଯାଇଥିଲା। ଫେବୃଆରୀ ୧ ତାରିଖରେ ମାଆକୁ ପୁନର୍ବାର ଫୋନ କରି କହିଲା ଯେ ମୋତେ ଟଙ୍କା ପଠାଇଲେ ଅଭିଯୁକ୍ତ ମୋତେ ଛାଡିଦେବ। ମାଆ ଝିଅ ଦେଇଥିବା ଫୋନ ନମ୍ବରକୁ ୩ ହଜାର ଟଙ୍କା ପଠାଇଲେ। ଅଭିଯୁକ୍ତ ପୀଡ଼ିତାଙ୍କୁ ସାଙ୍ଗରେ ଆଣି ଫେବୃଆରୀ ୪ ତାରିଖରେ ରେଳ ଯୋଗେ ଢେଙ୍କାନାଳ ଷ୍ଟେସନରେ ପହଞ୍ଚିବା ପରେ ସେଠାରୁ ଯାଇ ଢେଙ୍କାନାଳ ବସଷ୍ଟାଣ୍ଡରେ ପହଞ୍ଚିଥିଲା। ଝିଅର ମାଆକୁ ଦେଖି ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲା। ଝିଅ ମାଆଙ୍କୁ କହିଲା ଯେ ମୋତେ ରାୟପୁରର ଏକ ଭଡ଼ାଘରେ ଅଭିଯୁକ୍ତ ରଖିଥିଲା। ମୋ' ସହ ଜବରଦସ୍ତ ଅଭିଯୁକ୍ତ ଶାରିରୀକ ସମ୍ପର୍କ ରଖିଥିଲା। ପରେ ପୀଡ଼ିତାର ମା' ଝିଅକୁ ଆଣି କୁଦାନଗରୀ ଥାନାରେ ପହଞ୍ଚିବା ପରେ ପୁଲିସ ଝିଅର ଡାକ୍ତରୀମାଇନା କରିବା ସହ ବିଏନଏସର ୧୮୩ ଧାରାରେ ବୟାନ ରେକର୍ଡ କରିଥିଲା। ଫେବୃୟାରୀ ୧୮ ତାରିଖରେ ପୁଲିସ ଅଭିଯୁକ୍ତକୁ ତା'ଘରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଲା ଯେ ନାବାଳିକାକୁ ବଳାତ୍କାର କରାଯାଇଛି। ଏହି ମାମଲାରେ ତଦନ୍ତକାରୀ ଅଧିକାରୀ ଏପ୍ରିଲ ୧୩ ତାରିଖରେ ଅଭିଯୋଗପତ୍ର ଦାଖଲ କରିଥିଲେ। ଏହି ମାମଲାରେ ୯ ଜଣ ସାକ୍ଷୀ ସାକ୍ଷ୍ୟ ପ୍ରଦାନ କରିଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ସ୍ୱତନ୍ତ୍ର ପକ୍ସୋ କୋର୍ଟ ଜଜ୍ ପ୍ରଜ୍ଞା ପରମିତା ରାଉଳ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ମନୋଜ ସାହୁ ମାମଲା ପରିଚାଳନା କରୁଥିଲେ।

ଶିକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗ

# କାର୍ଯ୍ୟାନୁଷ୍ଠାନ ନିଅ; ନଚେତ୍ ୨୬ରୁ ଅନଶନ

**ରାଜନଗର, ୧୯।୮ (ସମିସ):** ରାଜନଗର ବ୍ଲକ ବଗପାଟିଆସ୍ଥ ପଞ୍ଚୁବରାହୀ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ଶିକ୍ଷକ ଉପେନ୍ଦ୍ର ସାହୁ ସାତଭାୟା ଗ୍ରାମ୍ୟ କମିଟି ମୁରବିଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଆଜି ବଗପାଟିଆଠାରେ ବିସ୍ଥାପିତ ସାତଭାୟା ପଞ୍ଚାୟତର ଅଭିଭାବକ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇବା ସହିତ ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନ ନେଲେ ୨୬ ତାରିଖ ଦିନ ବିଦ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ଜଣାଇଛନ୍ତି।

ଅଭିଯୋଗ ମୁତାବକ, ଚଳିତ ମାସ ୧୫ ତାରିଖ ଦିନ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ବିଦ୍ୟାଳୟରେ ଶିକ୍ଷକ ଉପେନ୍ଦ୍ର ସାହୁ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ସାତଭାୟା ଗ୍ରାମ୍ୟ କମିଟିର ମୁରବିମାନଙ୍କୁ ଅରୁଚିକର ମନ୍ତବ୍ୟ ଦେବା ସହିତ ମାଡ଼ ମାରିବାର ଧମକ ଦେଇଛନ୍ତି। ଏଥିସହିତ ଶିକ୍ଷକ ଜଣକ ବିଦ୍ୟାଳୟରେ ପାଠ ନ ପଢ଼ାଇ ରାଜନୀତି କରିବା, ବିଦ୍ୟାଳୟକୁ ମଦ୍ୟପାନ କରି ଆସିବା, ଏପରିକି ମୁଖ୍ୟମନ୍ତ୍ରୀଙ୍କୁ କଟୁ ସମାଲୋଚନା କରିଥା'ନ୍ତି ବୋଲି ଗ୍ରାମର ସୁଦର୍ଶନ ରାଉତ, ମଙ୍ଗୁଳି ଚରଣ ଦାସ, ନିରଞ୍ଜନ ସ୍ୱାଇଁ, କରୁଣାକର ସ୍ୱାଇଁ, ନଳିନୀକାନ୍ତ ବେହେରା ପ୍ରମୁଖ ୬୦ରୁ ଅଧିକ ଅଭିଭାବକ ଓ ଗ୍ରାମବାସୀ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଏଥିସହିତ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ମରଣଯନ୍ତା ପାଲଟିଛି କଟକ-ପାରାଦୀପ ରାସ୍ତା

ରଘୁନାଥପୁର, ୧୯।୮ (ସମିସ)

କଟକ-ପାରାଦୀପ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ଦୈନଦିନ ରଘୁନାଥପୁରରୁ ଜଇପୁର ମଧ୍ୟରେ ଘଟୁଛି ଦୁର୍ଘଟଣା। ବିଗତ ୩୦ ଦିନ ମଧ୍ୟରେ ଏ ଅଞ୍ଚଳରେ ୧୫ରୁ ଅଧିକ ଦୁର୍ଘଟଣା ଘଟିଥିବାବେଳେ ୩ ଜଣ ମୃତ୍ୟୁବରଣ କରିଛନ୍ତି। ଏବେବି ୭ ଜଣ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ଯାହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ହମ୍ପରେ ରେଡିୟମ ଲାଇଟ୍ ଲଗାଯାଉ ନ ଥିବାବେଳେ ଦିଆଯାଇଥିବା ରଙ୍ଗ ଲିଭିଗଲାଣି। ଏହା ଦୁର୍ଘଟଣାର କାରଣ ହେଉଛି। ଦୁର୍ଘଟଣା ଏଡ଼ାଇବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି।

- ହମ୍ପରେ ଲାଗୁନି ରେଡିୟମ ଲାଇଟ୍
- ଲିଭିଗଲାଣି ରଙ୍ଗ

କେତେକ ସ୍ଥାନରେ ହମ୍ପ ନିର୍ମାଣ କରିବା ପାଇଁ ତାରପୁର ସରପଞ୍ଚ ସୁଷମା ମଲ୍ଲିକ ଚିଠି ନଂ୫୯/୨୦୨୫ରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇଙ୍କୁ ୫ଟି ହମ୍ପ ନିର୍ମାଣ କରାଯିବାକୁ ନିବେଦନ କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ଦୁର୍ଘଟଣା ଏଡ଼ାଇବା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ବିଭାଗୀୟ ଅଧିକାରୀ ସବୁ ଜାଣି ନିରବ ରହିଛନ୍ତି। ଜଇପୁରଠାରେ ମହାନଦୀର ନୂତନ ଜଇପୁର କଟିକଟା ପୋଲ ଖଣ୍ଡାତରି ନିକଟରେ କଟକ-ପାରାଦୀପ ରାସ୍ତାକୁ ସଂଯୋଗ କରିଛି। ଏଠାରେ ପୂର୍ତ୍ତ ବିଭାଗ ଦୁର୍ଘଟଣା ଏଡ଼ାଇବା ପାଇଁ ଉଭୟ ପାର୍ଶ୍ୱରେ ୨ଟି ବଡ଼ ହମ୍ପ ନିର୍ମାଣ କରାଯାଇଛି। ଏହି ହମ୍ପରେ କୌଣସି ରେଡିୟମ ଲାଇଟ ଲଗାଯାଇନାହିଁ। ଉଭୟ ପାର୍ଶ୍ୱରେ ଦିଆଯାଇଥିବା ହମ୍ପର ରଙ୍ଗ ଆଉ ଦେଖିବାକୁ ମିଳୁନାହିଁ। ଫଳରେ ଦ୍ରୁତଗତିରେ ଆସୁଥିବା ମାଲବାହୀ ଗାଡ଼ି ହଠାତ ବ୍ରେକ ମାରିବାରୁ ଦୁର୍ଘଟଣାଗ୍ରସ୍ତ ହେଉଛି। ଗାଡ଼ିରେ ଥିବା କୋଇଲା, ବାଲି, ଚିପ୍ସ, ବଜୁରୀ ଓ ଅନ୍ୟାନ୍ୟ ସାମଗ୍ରୀ ରାସ୍ତାର ଉଭୟ ପାର୍ଶ୍ୱରେ ପଡ଼ିଯିବାରୁ ରାସ୍ତାରେ ଯାଉଥିବା ଅନ୍ୟ ଯାନବାହନ ଦୁର୍ଘଟଣାର ଶିକାର ହେଉଛନ୍ତି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ ନୂତନ ହମ୍ପ ନିର୍ମାଣ ହେଉନି କି ହମ୍ପ ନିକଟରେ ରେଡିୟମ ଲାଇଟ, ସୂଚନା ଫଳକ ଓ ରଙ୍ଗ ଦିଆଯାଉନାହିଁ। ଏ ନେଇ ପଦକ୍ଷେପ ଗ୍ରହଣ କରାଯିବାକୁ ଅଞ୍ଚଳର ବୁଦ୍ଧିଜୀବୀ ଆମ ସାମ୍ବାଦିକଙ୍କ ଜରିଆରେ ଜିଲ୍ଲାପାଳ ଓ ପ୍ରଶାସନ ନିକଟରେ ଏହାର ସୁସମାଧାନ ପାଇଁ ଦାବି କରିଛନ୍ତି।



# ଚାଷୀଙ୍କ ପୁଅ ମେଡିକାଲ ପଢ଼ିବାକୁ ମନୋନୀତ

**ପଞ୍ଚୁପାଣ୍ଡବ, ୧୯।୮ (ସମିସ):** ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ତ୍ରିପୁରାରିପୁର ଗ୍ରାମର ପୀତାମ୍ବର ମଲିକଙ୍କ ପୁଅ ରମାକାନ୍ତ ମଲିକ ମେଡିକାଲ ପାଠ ପଢ଼ିବାକୁ ମନୋନୀତ ହୋଇଛନ୍ତି। ବାପା ଓ ବଡ଼ଭାଇ ଚାଷ କରୁଥିବାବେଳେ



ମଜୁରି କାମ କରନ୍ତି। ରମାକାନ୍ତ ହଳଦିଆପାଟଣା ମଙ୍ଗଳେଶ୍ୱର ବିଦ୍ୟାପୀଠରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ଭୁବନେଶ୍ୱର ବିଜେବି କଲେଜରେ +୨ ଶ୍ରେଣୀରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ମେଡିକାଲ ପଢ଼ିବାକୁ ନିଜକୁ ପ୍ରସ୍ତୁତ କରି ସଫଳ ହୋଇଛନ୍ତି। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରାଙ୍ଗ ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ଚେୟାରମ୍ୟାନ ସରୋଜକାନ୍ତ ସାହୁଙ୍କ ସହ ଗ୍ରାମବାସୀ ରମାକାନ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଡେରାବିଶ ଶାଖା ବୈଠକ



**ଡେରାବିଶ, ୧୯।୮ (ସମିସ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଡେରାବିଶ ବ୍ଲକ ଶାଖା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଶ୍ରମିକ ନେତା ମନୋଜ ପରିଡ଼ା ସଭାପତିତ୍ୱ କରିଥିଲେ। ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାୟ ପାଞ୍ଚବର୍ଷ ଧରି ବହୁ ମହିଳା ଶ୍ରମିକ ପରିଚୟ ପତ୍ର ନିମନ୍ତେ ଦରଖାସ୍ତ କରି ମଧ ପରିଚୟପତ୍ର ପାଇପାରିନାହାନ୍ତି। ସେହିଭଳି ଶହ ଶହ ନିର୍ମାଣ ଶ୍ରମିକ ବର୍ଷ ବର୍ଷ ଧରି ଝିଅ ବିଭାଘର ଅନୁଦାନ ନିମନ୍ତେ ଦରଖାସ୍ତ କରି ମଧ ଅଦ୍ୟାବଧି ଅନୁଦାନ ପାଇପାରି ନ ଥିବା ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି। ଶ୍ରମିକଙ୍କ ସମସ୍ୟା ବିଷୟରେ ବହୁବାର ସଂଘ ଶ୍ରମ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ପ୍ରଥମ ଦରଖାସ୍ତ ବିଚାର ପଦ୍ଧତି ସ୍ଥିର ହୋଇଥିଲା। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ଏହି ପ୍ରତିଶ୍ରୁତି ପାଳନ କରୁନାହାନ୍ତି। ଫଳରେ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷର ନିଆଁ କୁହୁଳୁଛି ବୋଲି ଶ୍ରୀ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଶ୍ରମିକଙ୍କ ସମସ୍ୟା ସମାଧାନ ନିମନ୍ତେ ଶ୍ରମିକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରମିକ ନେତା ଅନିରୁଦ୍ଧ ପୃଷ୍ଟି, ଧିରେନ ସାହୁ ଓ ହରିହର ମାହାଲି ସଂଯୋଜନା କରିଥିବାବେଳେ ହୃଷିକେଶ ଧଳ, ଚନ୍ଦ୍ରମଣି ପ୍ରଧାନ, ଅଭିରାମ ସାହୁ, ଗୌତମ ମଲିକ, ଅରୁଣ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବିଶ୍ୱନାଥ ସାଠୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ଫଟୋଗ୍ରାଫି ଦିବସରେ ସଡ଼କ ସୁରକ୍ଷା ସଚେତନତା

**ଜଗତସିଂହପୁର, ୧୯।୮ (ସମିସ):** ଜିଲ୍ଲା ଫଟୋ ଓ ଭିଡ଼ିଓଗ୍ରାଫି ଟ୍ରେଡର୍ସ ଆସୋସିଏସନ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଯାତ୍ରୀଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ବିଶେଷକରି ବାଇକ୍ ଚାଳକଙ୍କୁ ଗୋଲାପ ଫୁଲ ଦେଇ ହେଲମେଟ୍ ପିନ୍ଧିବା ପାଇଁ ସଚେତନ କରାଯାଇଥିଲା। ଜେପିଭିଟି ଆସୋସିଏସନର ଉପସଭାପତି ଲାଲଓ ସଂଗ୍ରାମ କେଶରୀ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ଥାନା ଅଧିକାରୀ ସରୋଜ କାନ୍ତ ସାମଲ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଶୁଭଙ୍କର ଜେନା, ସାଂଗଠନିକ ସମ୍ପାଦକ ବାସୁଦେବ ସ୍ୱାଇଁ, କୋଷାଧ୍ୟକ୍ଷ ଅତନୁ ସ୍ୱାଇଁ, ସହକାରୀ କୋଷାଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ସୁଧାକର ଜେନା, ବାସୁଦେବ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ଏଭଳି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଆସୋସିଏସନ ପକ୍ଷରୁ କୁହାଯାଇଛି।




# ଧାନେଶ୍ୱରୀ ପୀଠରେ ବ୍ରହ୍ମଏକାକ୍ଷର ମେଳା

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୧୯।୮ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତର ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଲ୍‌କୀ ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା ଅନୁଷ୍ଠିତ ହୋଇଯାଇଛି। ପୀଠାଧୀଶ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସେବକ ଗଗନ ମହାଳିକଙ୍କ ତତ୍ତ୍ୱାବଧାନରେ ଓ ଉମାକାନ୍ତ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଓ ଜନସାଧାରଣ ଯୋଗଦେଇ ପୂଜା ପାଠ କରିଥିଲେ। ମେଳାରେ ୧୫ନଂ ଜୋନ୍‌ର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ରତିକାନ୍ତ ଧଳ, କିଶୋର ରାଉତ, ସୁକାନ୍ତ ରାଉତ, ଶିକ୍ଷାବିତ ବିଚିତ୍ରାନନ୍ଦ ବେହେରା, ଭିକାରୀ ବାରିକ, ଘନଶ୍ୟାମ ମଲିକ, କୁଳମଣି ଧଳ, ପଦ୍ମନାଭ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପଣ୍ଡିତ ପ୍ରଫୁଲ୍ଲ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଶେଷରେ ଗଗନ ମହାଳିକ, ଉମାକାନ୍ତ ରାଉତ ପୂର୍ଣ୍ଣ ଆହୂତି ପ୍ରଦାନ କରିଥିଲେ।

# ବଟକୃଷ୍ଣ ମିଶ୍ର ମେଧାବୃତ୍ତି ପ୍ରଦାନ ଉତ୍ସବ



**ରାଜନଗର, ୧୯।୮ (ସମିସ):** ରାଜନଗରସ୍ଥ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳନର ଉଦ୍‌ଯାପନୀ ଉତ୍ସବ ଓ ଡକ୍ଟର ବଟକୃଷ୍ଣ ମିଶ୍ର ମେଧାବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ଘନଶ୍ୟାମ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ କବି ଅଭିରାମ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ ମିଶ୍ର, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇ ସଂସ୍କୃତ ଦିବସ ଉପରେ ଆଲୋଚନା କରିବା ସହ ରାଜନଗର ମାଟିର ସୁନାମଧନ୍ୟ କବିରାଜ ଡକ୍ଟର ବଟକୃଷ୍ଣ ମିଶ୍ରଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ତନୁଶ୍ରୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅଧ୍ୟାପକ ନିହାର ପରିଡ଼ା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ସଂସ୍କୃତ ଦିବସ ପାଇଁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ହାଟ ଓଗାଳୁଛି ବାଟ, ବଢ଼ୁଛି ଦୁର୍ଘଟଣା

**କୁଜଙ୍ଗ, ୧୯।୮ (ସମିସ):** କୁଜଙ୍ଗ ବ୍ଲକର ସଦର ମହକୁମା କୁଜଙ୍ଗ ବଜାରରେ କେବଳ କୁଜଙ୍ଗ ବ୍ଲକ ନୁହେଁ, ଜଗତସିଂହପୁର ଜିଲ୍ଲାର ଏରସମାର କିଛି ପଞ୍ଚାୟତ, କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା, ମାର୍ଶାଘାଇର କେତେକ ପଞ୍ଚାୟତ ସହ ପାରାଦୀପବାସୀ ନିର୍ଭରଶୀଳ। ଏହି ବଜାରର ପରିବା, ଶୁଖୁଆ, ପାନ ହାଟ ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଗ୍ରାହକଙ୍କ ଭିଡ଼ ଲାଗୁଥିବାବେଳେ ଏହି ବଜାରରେ ସାପ୍ତାହିକ ହାଟ ପାଇଁ ଟ୍ରାଫିକ ସମସ୍ୟା ଉତ୍କଟ ହେବାରେ ଲାଗିଛି ବୋଲି ଅଭିଯୋଗ କରିଛନ୍ତି କୁଜଙ୍ଗ ଓକିଲ ସଂଘର ସଭାପତି ତଥା ପ୍ରାକ୍ତନ କୁଜଙ୍ଗ ସମିତି ସଭ୍ୟ ଏଏନ୍‌ଡି ଯାଦବ। ପ୍ରତିଦିନ ଶହ ଶହ ଗାଡ଼ି ଯୋଗେ ଏହି ବଜାରକୁ ପରିବା ଓ ଅନ୍ୟାନ୍ୟ ସାମଗ୍ରୀ ଆସୁଥିବାବେଳେ ବିପଦସଙ୍କୁଳ ଭାବେ ରାସ୍ତାରେ ଗାଡ଼ି ରହିବା ସହ ଗାଡି ଖଲାସ କରାଯାଉଛି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟିବା ଖବର ଆସୁଥିବାବେଳେ ଏବେ ହାଟ ବାଟ ଓଗାଳିବାରେ ଲାଗିଛି। ବ୍ଲକ ପ୍ରଶାସନ ରାସ୍ତାରେ ଟ୍ରଫିକ ସମସ୍ୟା ସହ ଉଠା ବ୍ୟବସାୟୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି। ରାସ୍ତାରେ ଗାଡ଼ି ଇତଃସ୍ତତ ହୋଇ ମାଲ ଖଲାସ କରିବା ଯୋଗୁଁ ବହୁ ଛୋଟ ବ୍ୟବସାୟୀଙ୍କ ବେପାର ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି।

ସର୍ବସାଧାରଣ ରାସ୍ତା ଜବରଦଖଲ

# ସରକାରୀ ମାପ ପରେ ମଧ ହୋଇପାରିଲାନି ମୁକ୍ତ

ପଟ୍ଟାମୁଣ୍ଡାଇ, ୧୯।୮ (ସମିସ)

ସରକାରୀ ଭାବେ ମାପ କରାଗଲେ ମଧ ସର୍ବସାଧାରଣ ରାସ୍ତା ଜବରଦଖଲ ମୁକ୍ତ ହୋଇପାରୁନି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ଘଟଣା ପଟ୍ଟାମୁଣ୍ଡାଇ ତହସିଲର ଶାସନ ଆରଆଇ ସର୍କଲ ମାଳିପୁର ଗ୍ରାମରେ ଘଟିଛି। ଏହି ଗ୍ରାମର ସରକାରୀ ରାସ୍ତାକୁ ଦୁଇଜଣ ବ୍ୟକ୍ତି ଜବରଦଖଲରେ ରଖିଥିବାରୁ ଗ୍ରାମବାସୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଗ୍ରାମବାସୀଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଆଗତ ଏକ ମାମଲା ଡବ୍ଲ୍ୟୁପି (ସି) ନଂ ୩୧୦୨୫/୨୦୨୧ର ବିଚାର କରି କୋର୍ଟ ମାଳିପୁର ଗ୍ରାମର ଖାତା ନଂ୬୧୨, ପ୍ଲଟ ନଂ ୬୬୫ ସରକାରୀ ରାସ୍ତାର ମାପଚୁପ କରି ଜବରଦଖଲ ହଟାଇବା ପାଇଁ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ନିର୍ଦ୍ଦେଶରେ ସରକାରୀ ରାସ୍ତାର ମାପ କରି ଜବରଦଖଲ ହଟାଇବା ପାଇଁ ସରକାରୀ ଅମିନ ରଞ୍ଜିତ ମୁର୍ମୁ, ଶାସନ ଆରଆଇ କମଳାକାନ୍ତ ଦାସ ମାଳିପୁର ଗ୍ରାମରେ ପହଞ୍ଚି ମାପଚୁପ କରିଥିଲେ। ଜବରଦଖଲକାରୀ ସରକାରୀ ମାପକୁ ନ ମାନି ରାସ୍ତାର ଅଧିକ ଅଂଶକୁ ନିଜ ଦଖଲକୁ ନେଇ ରାସ୍ତା ଉପରେ ମାଟି ପକାଇ ବାଡ଼ ବୁଜିବା ସହିତ ବଡ଼ ବଡ଼ ପଥର ରଖି ରାସ୍ତା ଅବରୋଧ କରିଛନ୍ତି। ଫଳରେ ଗ୍ରାମ ମଧ୍ୟକୁ କୌଣସି ଯାନବାହନ ପଶି ପାରୁ ନ ଥିବାବେଳେ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଗ୍ରାମ ମଧ୍ୟକୁ ଆସିପାରୁନାହିଁ। ଫଳରେ ଗ୍ରାମବାସୀ ଆପଦକାଳୀନ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି।



ଏହାକୁ ନେଇ ଗ୍ରାମରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ଦେଖାଦେଇଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଅଭିଯୋଗ କରାଯିବା ସହିତ ଘଟଣାରେ ତହସିଲଦାର ହସ୍ତକ୍ଷେପ କରି ରାସ୍ତାକୁ ଜବରଦଖଲ ମୁକ୍ତ କରିବା ପାଇଁ ପଦକ୍ଷେପ ନେବାକୁ ପ୍ରଶାନ୍ତ ମହାନ୍ତି, ନିରଞ୍ଜନ ସେଠୀ, ପ୍ରକାଶ ମହାନ୍ତି, ଶ୍ରୀଧର ମହାନ୍ତି, ଅଭିରାମ ମହାନ୍ତି, ଯୁମର ସେଠୀ, ଅମୂଲ୍ୟ ସେଠୀ, ରତ୍ନ କୁମାର ଗିରି, ନିମାଇଁ ସେଠୀ, ସୁବାସ ମଲିକ, ଆଶିଷ ମଲିକ ପ୍ରମୁଖ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି।

କନିକାର ଉତ୍କର୍ଷ ଲୋକକଳା ନନ୍ଦୋତ୍ସବ

# ଜନ୍ମାଷ୍ଟମୀରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ପରିବେଷଣ

**ରାଜକନିକା, ୧୯।୮ (ସମିସ):** ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବର ବୃତ୍ତାନ୍ତକୁ ନାଟ୍ୟାଭିନୟରେ ପରିବେଷଣ କରି ସାରା କନିକାରେ ଆଧ୍ୟାତ୍ମିକ ମାହୋଲ ସୃଷ୍ଟି କରି ବଡ଼ାଗର ଶ୍ରୀକୃଷ୍ଣ ନାଟ୍ୟ ଚେତନା ଅନୁଷ୍ଠାନ। କନିକାର ଉତ୍କର୍ଷ ଲୋକକଳା ନନ୍ଦ ଉତ୍ସବକୁ ପିଢ଼ି ପରେ ପିଢ଼ି ଉଜ୍ଜୀବିତ କରି ଆସିଥିବା ଏହି ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଛି ଦେବକୀ ବସୁଦେବ ବିବାହ ସହ ଶ୍ରୀକୃଷ୍ଣ ଜନ୍ମ ଉତ୍ସବ। ବଡ଼ାଗର ଗ୍ରାମର ଆରାଧ୍ୟ ଦେବତା ଗୋପୀନାଥଜୀଉଙ୍କ ପୀଠରେ ପରିବେଷିତ ହୋଇଛି ନନ୍ଦୋତ୍ସବ। ଯବନ କବି ମିର୍ଜା ଉଜିର ବେଗଙ୍କ ରଚିତ ନନ୍ଦୋତ୍ସବ ଗୀତାଭିନୟ ସାରା କନିକାର ସାଂସ୍କୃତିକ ଭାଇଚାରାର ପ୍ରତୀକ। ଯବନ ସମ୍ପ୍ରଦାୟର କବି ହୋଇ ହିନ୍ଦୁ ଦେବାଦେବୀ ବିଶେଷକରି କୃଷ୍ଣ ରସରେ ନିମଗ୍ନ ହେବା ଓ ଶ୍ରୀକୃଷ୍ଣ ଜନ୍ମ ବୃତ୍ତାନ୍ତକୁ ପାରମ୍ପରିକ ଗୀତାଭିନୟରେ ରଚନା କରି ତତ୍କାଳୀନ ସମୟରୁ ସେ ସାମ୍ପ୍ରଦାୟିକ ସଦ୍‌ଭାବନାର ବାର୍ତ୍ତା ବାଣ୍ଟିବାର ନିଆରାପଣ ପାଇଁ ନନ୍ଦୋତ୍ସବ ଗୀତିନାଟ୍ୟର ସ୍ୱତନ୍ତ୍ରତା ରହିଛି। ଏହି ପାରମ୍ପରିକ ଲୋକକଳା କନିକା ରାଜ ଶାସନ ଅମଳରୁ ଚାଲି ଆସି ଅଶି ଦଶକ ଯାଏ ଆରସା ଓ ବଡ଼ାଗର ଗାଁରେ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହେଉଥିଲା। ବର୍ଷୀୟାନ କଳାକାରଙ୍କ ଦେହାନ୍ତ ଓ ଶାରୀରିକ ଅସୁସ୍ଥତା କାରଣ ସହ ସାମାଜିକ ନାଟକର ରୁଚି ଯୋଗୁଁ ଏହି ଲୋକକଳା ହତାଦର ହେବାରେ ଲାଗିଲା। ବୁଡ଼ିଯାଉଥିବା ଏହି ପ୍ରାଚୀନ ସାଂସ୍କୃତିକ ଜାଗରଣର ସାମ୍ପ୍ରଦାୟିକ ସଦ୍‌ଭାବନା ବାର୍ତ୍ତାକୁ ବୁଝିଥିବା ବଡ଼ାଗର ଗାଁର ଶ୍ରୀକୃଷ୍ଣ ନାଟ୍ୟ ଚେତନା ଏହି ଲୋକକଳାକୁ ବଞ୍ଚାଇ ରଖିବାକୁ ଅଣ୍ଟା ଭିଡିଛି। ଶ୍ରୀକୃଷ୍ଣ ଜନ୍ମଉତ୍ସବର ଜନ୍ମାଷ୍ଟମୀ ହେଉ କିମ୍ବା ଦଶହରା ଓ କାର୍ତ୍ତିକରେ ଆଧ୍ୟାତ୍ମିକ ଭାବଧାରାର ପ୍ରତୀକ ନନ୍ଦୋତ୍ସବ ଗୀତିନାଟ୍ୟର ପରିବେଶଣ ପାଇଁ ବେଶ ଆଗଭର ହୋଇ ନୂଆ ନୂଆ କଳାକାର ଚୟନ କରି ଶ୍ରୀକୃଷ୍ଣ ନାଟ୍ୟ ଚେତନା ପରିଷଦ ବେଶ ପ୍ରଶଂସନୀୟ ହୋଇଛି। ବଡ଼ାଗର ଗାଁରୁ ଧୀରେ ଏହି ଚେତନା ପଡୋଶୀ ଚେରଣ୍ଟପଡ଼ା, କାଳିକାପୁରରେ ଆଦର ଲାଭ କରି ବିଭିନ୍ନ ମଞ୍ଚରେ ନନ୍ଦୋତ୍ସବ ପରିବେଷଣ ହେଉଛି। ବଡ଼ାଗର ନାଟ୍ୟ ପରିଷଦ ଏବେ ନାଟ୍ୟାଭିନୟର ଦକ୍ଷ କଂସ, କାଳଘଣ୍ଟ, ଶ୍ରୀକୃଷ୍ଣ, ବଳରାମ, ନନ୍ଦ, ଯଶୋଦା, ଯଦୁପତି, ଚାଣୁର, ମୁଷ୍ଟିକ, ଶକା, ବକା ଓ ଗୋପୀ, ଗୋପାଙ୍ଗନାଙ୍କ ଭଳି ବହୁ ଉପଯୁକ୍ତ କଳାକାରଙ୍କୁ ଖୋଜି ଏସବୁ ଚରିତ୍ରରେ ନିଖୁଣ ଅଭିନୟ କରିବା ସବୁଠି ଉନ୍ମାଦନା ଆଣିଛି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୫୦ ● ପାଉଣ୍ଡ ୧୧୭.୦୧
- ୟୁରୋ ୧୦୧.୩୫ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୩୫୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୬୪୪.୦୦
- ନିଫ୍ଟି ୨୪,୯୮୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ସଂଘର ୪୭ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୧୯।୮ (ସମିସ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ସଂଘ, ଭୁବନେଶ୍ୱର ମଣ୍ଡଳ ଏହାର ୪୭ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଭୁବନେଶ୍ୱର ସ୍ଥିତ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ସଂଘର ସଂସ୍ଥାପକ ସଦସ୍ୟ ଏନ୍.ଏନ୍. ଦାସ୍ ଓ ପି.ଭି.ଏସ୍. ମୂର୍ତ୍ତିଙ୍କୁ ମାଲ୍ୟାର୍ପଣ କରିଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମହାପ୍ରବନ୍ଧକ କୌଶଳ କିଶୋର ସିଂ ଏସ୍‌ବିଆଇ ଅଧିକାରୀମାନଙ୍କର ସେବା-ସ୍ଥିତି, ଅଧିକାର, କର୍ତ୍ତବ୍ୟ ଓ ସୁବିଧାସମୂହ ସମ୍ପର୍କିତ ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିରେ ଉପମହାପ୍ରବନ୍ଧକ ଓ ମଣ୍ଡଳ ବିକାଶ ଅଧିକାରୀଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀ, କର୍ମଚାରୀ ସଂଘ ସାଧାରଣ ସଚିବ ଓ ଅଧ୍ୟକ୍ଷ ଆଦି ଉପସ୍ଥିତ ଥିଲେ। ଏହି ଅବସରରେ ସମାଜ ପ୍ରତି ସଂଘର ଦାୟିତ୍ୱବୋଧକୁ ପ୍ରକାଶ କରି, ଭୁବନେଶ୍ୱରର ଉନିଟ୍-୬ ର "ଆଶ୍ରୟ" ଡେଷ୍ଟିଚ୍ୟୁଟ୍‌ରେ ନିରାଶ୍ରୟଙ୍କ ପାଇଁ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ପରିଚାଳିତ ହେଲା ତଥା ସହରରେ ଯାତାୟାତ ଓ ଶୃଙ୍ଖଳା ବ୍ୟବସ୍ଥାରେ ନିଷ୍ଠା, ପରିଶ୍ରମ ଓ ଶୃଙ୍ଖଳାନୁଶାସନ ରକ୍ଷାରେ ସେବାଦାନ କରୁଥିବା ୪୧ ଜଣ ଟ୍ରାଫିକ୍ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଜୋନ ଯଥା ସମ୍ବଲପୁର, ବାଲେଶ୍ୱର, ବ୍ରହ୍ମପୁର ଓ ଭୁବନେଶ୍ୱର ଆଦି ଅଞ୍ଚଳରେ ମଧ୍ୟ ଅଧିକାରୀ ସଂଘର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା।

# ଟ୍ରମ୍ପ୍ ଶୁଳ୍କ ପ୍ରଭାବହୀନ; ୟୁକେ ବଜାର ଉପରେ ନାଲ୍‌କୋର ନଜର

ଭୁବନେଶ୍ୱର, ୧୯।୮ (ସମିସ): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ଉଚ୍ଚ ଶୁଳ୍କର ପ୍ରଭାବ ନବରତ୍ନ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ବ୍ୟବସାୟ ଉପରେ ପଡୁନାହିଁ। ବର୍ତ୍ତମାନ କମ୍ପାନୀ ଆମେରିକା ବାହାରେ ଅନ୍ୟ ସ୍ଥାନରେ ବ୍ୟବସାୟ ସନ୍ଧାନରେ ରହିଛି। ସାମ୍ପ୍ରତିକ ସମୟରେ ନାଲ୍‌କୋ ୟୁକେ ସହ ବ୍ୟବସାୟ ଉପରେ ଗୁରୁତ୍ୱ ଦେଉଛି। କାରଣ

- ଇଭି, ସୌର ପ୍ୟାନେଲ୍ କ୍ଷେତ୍ରରେ କମ୍ପାନୀ ପାଇଁ ବଡ଼ ସୁଯୋଗ
- ପଟାଙ୍ଗୀ ବକ୍ସାଇଟ୍ ଖଣି ୨୦୨୬ ଜୁନ୍ ସୁଦ୍ଧା ହେବ କାର୍ଯ୍ୟକ୍ଷମ
- ୨୦୩୦ ସୁଦ୍ଧା ଶେଷ ହେବ ୩୪,୬୦୦ କୋଟିର ସମ୍ପ୍ରସାରଣ କାର୍ଯ୍ୟ




ୟୁକେରେ ବୈଦ୍ୟୁତିକ ଯାନ(ଇଭି) ଏବଂ ସୌର ପ୍ୟାନେଲ୍ ଉତ୍ପାଦନ କ୍ଷେତ୍ରରେ ଏକ ସୁଦୃଢ଼ ବଜାର ରହିଛି। ଏହି ଦୁଇ କ୍ଷେତ୍ରରେ ଆଲୁମିନିୟମ୍‌ର ଜୋରଦାର ଚାହିଦା ରହିଥିବା ଭୁବନେଶ୍ୱରଠାରେ ମିଡିଆ କନେକ୍ଟ ୨୦୨୫ରେ ଯୋଗଦେଇ ନାଲକୋ ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି) ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏହା କହିଛନ୍ତି।

ନାଲ୍‌କୋ ଘରୋଇ ବଜାରରେସର୍ବାଧିକ ଆଲୁମିନା ଏବଂ ଆଲୁମିନିୟମ୍ ବିକ୍ରି କରି ନୂଆ ରେକର୍ଡ ସ୍ଥାପନ କରିଛି। କମ୍ପାନୀ କୋରାପୁଟ ସ୍ଥିତ ପଟାଙ୍ଗୀ ବକ୍ସାଇଟ୍ ଖଣିକୁ ୨୦୨୬ ଜୁନ୍ ସୁଦ୍ଧା ହେବ କାର୍ଯ୍ୟକ୍ଷମ କରିବାକୁ ଯୋଜନା ରଖିଛି। ଏଥିପାଇଁ ଜିଓ-ଟେଣ୍ଡରିଂ କାର୍ଯ୍ୟ ଚଳିତବର୍ଷ ସେପ୍ଟେମ୍ବର କିମ୍ବା ଅକ୍ଟୋବର ମାସ ସୁଦ୍ଧା ଶେଷ ହେବ। ଏହି ଖଣି ୬୯୭.୯୭୯ ହେକ୍ଟର ଜମିରେ ପରିବ୍ୟାପ୍ତ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩.୫ ନିୟୁତ ଟନ୍। ଏହି ଖଣିରେ କମ୍ପାନୀ ୧୯୬୧ କୋଟି ଟଙ୍କା ନିବେଶ କରିବ ବୋଲି ଶ୍ରୀ ସିଂହ କହିଛନ୍ତି। ସେହିପରି କମ୍ପାନୀ ଦାମନଯୋଡି ସ୍ଥିତ ଆଲୁମିନିୟମ୍ ବିଶୋଧନାଗାରର ୫ମ ସମ୍ପ୍ରସାରଣରେ ୫୬୦୦ କୋଟି ନିବେଶ କରିବ। ସେହିପରି ଅନୁଗୋଳ ପ୍ଲାଣ୍ଟରେ ଆଲୁମିନିୟମ୍ ସ୍ମେଲଟରରେ ୧୭ ହଜାର କୋଟି ଟଙ୍କା ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ନିର୍ମାଣରେ ନାଲ୍‌କୋ ୧୨,୦୦୦ କୋଟି ଟଙ୍କା ଖଟାଇବାକୁ ଯୋଜନା ରଖିଛି। ତେବେ ଏହି ସମ୍ପ୍ରସାରଣ ଯୋଜନା ନିମନ୍ତେ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର) ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୈମାସିକ ସୁଦ୍ଧା ପ୍ରସ୍ତୁତ ହୋଇଯିବ। ପରେ ଏହାକୁ ଅନୁମୋଦନ ଲାଗି କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀଙ୍କ ନିକଟକୁ ପଠାଯିବ ବୋଲି ସେ କହିଛନ୍ତି। ଏହାଛଡା ଚଳିତ ଆର୍ଥିକବର୍ଷର ପ୍ରଥମ ତ୍ରୈମାସିକରେ ନାଲ୍‌କୋର ନେଟ୍ ଲାଭ ରେ ୭୭% ବୃଦ୍ଧି ଘଟି ୧୦୬୪ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ପରିଚାଳନାଗତ ରାଜସ୍ୱ ୩୮୦୭ କୋଟି ଟଙ୍କା ହୋଇଛି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଲକୋର ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆ ମଧ୍ୟ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ କମ୍ପାନୀର କାର୍ଯ୍ୟକଳାପ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ।

# ଏକରୁ ଅଧିକ କ୍ରେଡିଟ୍ କାର୍ଡରେ ଖରାପ ହେବ କି ସିବିଲ୍ ସ୍କୋର!

ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ଆଜିକାଲି, ଜଣେ ବ୍ୟକ୍ତି କ୍ରେଡିଟ୍ କାର୍ଡ ବ୍ୟବହାର କରିବା ଆରମ୍ଭ କରିବା ମାତ୍ରେ, ଅଳ୍ପ ସମୟ ମଧ୍ୟରେ ଅନ୍ୟ ବ୍ୟାଙ୍କଗୁଡ଼ିକ ମଧ୍ୟ ତାଙ୍କୁ କ୍ରେଡିଟ୍ କାର୍ଡ ଦେବା ପାଇଁ ଯୋଗାଯୋଗ କରିବା ଆରମ୍ଭ କରିଦେଉଛନ୍ତି। କିନ୍ତୁ ଏପରି ପରିସ୍ଥିତିରେ, ମନରେ ପ୍ରଶ୍ନ ଉଠେ ଯେ ଯେତେବେଳେ ଗୋଟିଏ କାର୍ଡ ଅଛି, ତେବେ ଜଣେ ଆଉ ଏକ କାର୍ଡ କାହିଁକି ନେବେ। ଏହାଛଡା ଦ୍ୱିତୀୟ କାର୍ଡ ନେବା ଠିକ୍ ହେବ କି ନାହିଁ? ଏହାର ଉତ୍ତର ପ୍ରାୟତଃ 'ନା' ହେବ। କିନ୍ତୁ କେତେକ ସମୟରେ ଗୋଟିଏରୁ ଅଧିକ କ୍ରେଡିଟ୍ କାର୍ଡ ରଖିବା ଲାଭଦାୟକ ହୋଇପାରେ। ତେବେ କେଉଁ ପରିସ୍ଥିତିରେ ଏକରୁ ଅଧିକ କ୍ରେଡିଟ୍ କାର୍ଡ ଲାଭ ଦେଇଥାଏ ଏବଂ କେଉଁ ପରିସ୍ଥିତିରେ ଏହାକୁ ଏଡାଇବା ଉଚିତ।

**ଏକ କ୍ରେଡିଟ୍ ଇତିହାସ ରଖିବା ପାଇଁ ଦ୍ୱିତୀୟ କାର୍ଡ ଉପଯୋଗୀ ହେବ**

ଯଦି ଆପଣ ସମ୍ପ୍ରତି ଏକ କ୍ରେଡିଟ୍ କାର୍ଡ ନେଇଛନ୍ତି ଏବଂ ଭବିଷ୍ୟତରେ ଆପଣ ଏକ କାର୍ ଋଣ, ଗୃହ ଋଣ କିମ୍ବା ବ୍ୟକ୍ତିଗତ ଋଣ ନେବାକୁ ଚାହୁଁଛନ୍ତି, ତେବେ ନିଜର ଏକ ଭଲ କ୍ରେଡିଟ୍ ଇତିହାସ ଗଠନ କରିବା ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଆପଣ ସମୟସୀମା ମଧ୍ୟରେ ବିଲ୍ ପରିଶୋଧ କରୁଛନ୍ତି ଏବଂ କାର୍ଡକୁ ସଠିକ୍ ଭାବରେ ବ୍ୟବହାର କରନ୍ତି ସେତେବେଳେ କ୍ରେଡିଟ୍ ଇତିହାସ ଗଠନ ହୁଏ। ଏପରି ପରିସ୍ଥିତିରେ, ଗୋଟିଏରୁ ଅଧିକ କାର୍ଡ ରଖିବା ଆପଣଙ୍କୁ ଅଧିକ କାରବାର କରିବାର ସୁଯୋଗ ଦିଏ, ଯାହା ଆପଣଙ୍କ ସିବିଲ୍ ସ୍କୋରକୁ ଆହୁରି ମଜବୁତ କରିଥାଏ।

**କ୍ରେଡିଟ୍ ସୀମା ବୃଦ୍ଧି କରିବାକୁ ହେଲେ ୨ଟି କାର୍ଡ ଲାଭଦାୟକ**

ଧରିନିଅନ୍ତୁ ଆପଣଙ୍କର ଗୋଟିଏ କ୍ରେଡିଟ୍ କାର୍ଡ ଅଛି, ଯାହାର କ୍ରେଡିଟ୍ ସୀମା ୨ ଲକ୍ଷ ଟଙ୍କା। ଏବେ ଯଦି ଆପଣ ଅନ୍ୟ ଏକ କାର୍ଡ ନିଅନ୍ତି ଯାହାର ସୀମା ସମାନ, ତେବେ ଆପଣଙ୍କର ମୋଟ କ୍ରେଡିଟ୍ ସୀମା ୪ ଲକ୍ଷ ଟଙ୍କା ହେବ। ଏହା କେବଳ ଅଧିକ ଖର୍ଚ୍ଚ କରିବାର ସୁବିଧା ଦେଇ ନ ଥାଏ, ବରଂ ଏହା ଜରୁରୀକାଳୀନ ପରିସ୍ଥିତିରେ ଆପଣଙ୍କ ପାଇଁ ମଧ୍ୟ ବହୁତ ଉପଯୋଗୀ ହୋଇପାରେ।

**କ୍ରେଡିଟ୍ ସ୍କୋର ଉନ୍ନତ କରିବା ପାଇଁ ସିୟୁଆର୍ ନିୟନ୍ତ୍ରଣ କରନ୍ତୁ**

କ୍ରେଡିଟ୍ ସ୍କୋରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି କ୍ରେଡିଟ୍ ବ୍ୟବହାର ଅନୁପାତ (ସିୟୁଆର୍)। ସରଳ ଭାଷାରେ, ସିୟୁଆର୍ କହିଥାଏ ଯେ ଆପଣ ଆପଣଙ୍କର ମୋଟ କ୍ରେଡିଟ୍ ସୀମାର କେତେ ବ୍ୟବହାର କରିଛନ୍ତି। ଉଦାହରଣ ସ୍ୱରୂପ, ଯଦି ଆପଣଙ୍କର ସୀମା ୨ ଲକ୍ଷ ଟଙ୍କା ଏବଂ ଆପଣ ୧.୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି, ତେବେ ଆପଣଙ୍କର ସିୟୁଆର୍ ୮୦% ଯାହା ବହୁତ ଅଧିକ। ଏହା ୩୦%ରୁ କମ୍ ହେବା ଉଚିତ। ଏପରି ପରିସ୍ଥିତିରେ, ଯଦି ଆପଣଙ୍କର ଦ୍ୱିତୀୟ କାର୍ଡ ଥାଆନ୍ତା, ତେବେ ଆପଣ ଖର୍ଚ୍ଚକୁ ଦୁଇଟି ମଧ୍ୟରେ ବାଣ୍ଟି ପାରିଥାଆନ୍ତେ। ଏହା ଆପଣଙ୍କର ବ୍ୟବହାର ଅନୁପାତକୁ ହ୍ରାସ କରିଥାଆନ୍ତା ଏବଂ ଆପଣଙ୍କର କ୍ରେଡିଟ୍ ସ୍କୋରକୁ ଉନ୍ନତ କରିଥାଆନ୍ତା।

**ଦୁଇଟି କ୍ରେଡିଟ୍ କାର୍ଡ ରଖିବା ସମସ୍ତଙ୍କ ପାଇଁ ଠିକ୍ ନୁହେଁ?**

କିଛି ଲୋକଙ୍କ ପାଖରେ କ୍ରେଡିଟ୍ କାର୍ଡ ଅଛି କିନ୍ତୁ ସେଗୁଡ଼ିକୁ ବହୁତ କମ୍ ବ୍ୟବହାର କରନ୍ତି। ଯେପରିକି ଲୋକେ କ୍ରେଡିଟ୍ କାର୍ଡକୁ କେବଳ ହୋଟେଲ ବୁକିଂ ପାଇଁ କିମ୍ବା ଆବଶ୍ୟକ ସମୟରେ ବ୍ୟବହାର କରିଥାନ୍ତି। ଏପରି ଲୋକଙ୍କ ପାଇଁ, ଦ୍ୱିତୀୟ କାର୍ଡ ରଖିବା ମୁଣ୍ଡବିନ୍ଧାର କାରଣ ହୋଇପାରେ। କାରଣ ପ୍ରତ୍ୟେକ କାର୍ଡ ସହିତ ସମୟସୀମା ମଧ୍ୟରେ ବିଲ୍ ପୈଠ କରିବା ଏବଂ ଏହାର ଟ୍ରାକ୍ ରଖିବା ଆବଶ୍ୟକ। ଯଦି ଆପଣ ଆପଣଙ୍କର ବିଦ୍ୟମାନ କାର୍ଡକୁ ବୁଦ୍ଧିମାନ ଭାବରେ ବ୍ୟବହାର କରନ୍ତି ଏବଂ ଆପଣଙ୍କର ଖର୍ଚ୍ଚ ଏହାର ମୋଟ ସୀମାର ୩୦% ରୁ କମ୍ ହୁଏ, ତେବେ ଦ୍ୱିତୀୟ କାର୍ଡ ରଖିବା ଆପଣଙ୍କ ଉପରେ ଅନାବଶ୍ୟକ ବୋଝ ପକାଇବ। ଆପଣଙ୍କର କ୍ରେଡିଟ୍ ସ୍କୋରକୁ ଉନ୍ନତ କରିବା ପାଇଁ ଦ୍ୱିତୀୟ କାର୍ଡ ରଖିବାର କୌଣସି ଆବଶ୍ୟକତା ନାହିଁ।

**AFFIDAVIT**

I, Sahida Bano, W/o- Md Tisamuddin, At: Ward No 1, Dhubapada, Po/Ps-Kantabanji, Dist- Balangir, Pin-767039, Odisha. declare by this Affidavit no. 49333, Dated: 18.08.2025, that now onwards I shall be known as "**SAHEDA BANO**" for all future purposes

**LOST**

I, **Ranjan Kumar Sahoo**, aged 45 years, S/o Arttabandhu Sahoo, resident of Village/PO: Bidhanima, PS: Tigiria, Dist: Cuttack, Odisha do hereby declare that, my Original Sale Deed vide No: 10481200449, dated- 23/07/2012, Mouza-Bidhanima vide Khata No.97 have been lost in Nuapatna area on dated- 16/08/2025 in somewhere. If anyone finds it kindly contact to my number 9899263899 or above the address.
**Ranjan Kumar Sahoo**

**AFFIDAVIT**

I, Rabindra Kumar Kar, S/o- Satyananda Kar, resident of At-Bhanapur, Po- Tulasipur, Nimapara Dist- Puri, PIN-752113, Odisha declared by this affidavit No. 670, dtd-19/08/2025 that now onwards I shall be known as **RABINDRA KAR** for all future purposes.

**AFFIDAVIT**

I, Sushree Sangita Nayak, W/o- Shitikantha Nayak, resident of Sani Mandira Basti, Near Sani Mandira, Bhoi Nagar, Po- Utkal University, Bhubaneswar, Dist- Khurda, PIN-751004, Odisha declared by this affidavit No. 671, dtd- 19/08/2025 that now onwards I shall be known as **SUSRI SANGITA NAYAK** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar vide Serial No. 50 dt. 19.08.2025 I, Subhashree Priydarshnee Sahoo resident of Pratima Nivas, Paltanpadia, Near Hengulai temple, P.S.Khordha, Dist.Khordha Odisha declare that I have changed my name from Subhashree Priydarshnee Sethi to Subhashree Priydarshnee Sahoo. Henceforth I shall be known as Subhashree Priydarshnee Sahoo for all purposes.
**Subhashree Priydarshnee Sahoo**

**AFFIDAVIT**

By virtue of an affidavit dated 13.08.2025, No. 2583 sworn before Executive Magistrate Khordha, I, ABHIRAM MOHAPATRA, S/o-Duryodhan Mohapatra, Resident At-Thakurpada, Po:- Pubusahi, Ps/ Dist- Khordha, Odisha-752055, declare that I have changed my name from RABINDRA MOHAPATRA to ABHIRAM MOHAPATRA. Henceforth, I shall be known as **ABHIRAM MOHAPATRA** for all purposes.

**କବଲା ହଜିଛି**

ମୁଁ ନୟନା ସାହୁ, ପିତା- ଧନେଶ୍ୱର ସାହୁ, ସା- ହରିଶରଣପୁର, ବଙ୍ଗେଟିସାହି, ୱାର୍ଡ଼ ନମ୍ବର- ୧୦, ଜିଲ୍ଲା- କଟକ, ଆଠଗଡ଼ ଥାନାରେ ଲିଖିତ ଅଭିଯୋଗ କରି ଜଣାଉ ଅଛି ଯେ ମୋର କବଲା ନମ୍ବର ୧୮୭ ଓ ଘରବାରୀ ଖାତା ନମ୍ବର ୩୪୯/୬୯୫ ଗତ ତା. ୦୫/୦୮/୨୦୨୫ ରିଖରେ ଆଠଗଡ଼ ବସଷ୍ଟାଣ୍ଡରେ ହଜି ଯାଇଛି। ଏଣୁ କୌଣସି ସହୃଦୟ ବ୍ୟକ୍ତି ପାଇଥିଲେ ଆଠଗଡ଼ ଥାନା କିମ୍ବା ପ୍ରଭାକର ପଟ୍ଟନାୟକ (ଆଇନଜିବୀ) ମୋ।- ୯୨୭୮୦୭୦୫୯୦, ୭୦୭୭୭୦୪୫୯୦ ରେ ଯୋଗାଯୋଗ କରିବାକୁ ଆନୁରୋଧ।
**ନୟନା ସାହୁ**

**AFFIDAVIT**

I, Dhananjaya Dash, aged about 37 years, S/o- Purna Chandra Dash, resident of At-Babalpur, Nandipur, Ps-Dasarathpur, Dist-Jajpur, Odisha, Pin-755006 declare by this affidavit No. 1674, dtd-19.08.2025, that now onwards I shall be known as **DHANANJAY DASH** for all future purposes.

**AFFIDAVIT**

I, Minati Mohanty, W/o-Late Baidhar Mohanty, resident of Village-Pubakhanda, PO/PS -Niali, Dist- Cuttack, PIN - 754004, Odisha, declare by this affidavit No-15, dated-04.08.2025, that now onwards I shall be known as **SOUDAMINI BEWA** for all future purposes.

**AFFIDAVIT**

By virtue of an affidavit sworn before Notary Public, Jaleswar , No-1847, dated-18/08/2025. I , Ananta Kumar Pal, S/O-Madhusudan Pal, At:Kuanrpur, Po: Makidia, PS: Raibania, Dist: Balasore, Pin: 756033 declare that I have changed my name from Anant Kumar Pal to Ananta Kumar Pal . Henceforth , I shall be known as **Ananta Kumar Pal** for all Purposes.
**Ananta Kumar Pal**

**AFFIDAVIT**

By virtue of an affidavit sworn before Notary Public Titilagarh, dated 06.08.2025 I, Dulichand Jain, Adress At-Thikadar Para, Po/Ps-Titilagarh, Dist- Balangir, Odisha, Pin- 767033 declare that I have changed my son's name from Venkat Jain to Ved Jain. Henceforth, he shall be known as Ved Jain for all purposes.
**Dulichand Jain**

**AFFIDAVIT**

By virtue of an affidavit sworn before Notary Public, Bhubaneswar dated 18.08.2025 I Mami Barik resident at Plot No-1622/2309, Near Aerodrome area, Palaspalli. Ps- Airport, Bhubaneswar-751020, Dist-Khordha, declare that I have change my name from Mani Barik to Mami Barik. Henceforth I shall be known as MAMI BARIK for all purposes.
**(Mami Barik)**

**AFFIDAVIT**

I, Nita Nathsharma, W/o- Chandrasekhar Nathsharma, Resident of Duplex No. 57-A, Pristine Green, Pokhariput, Aerodrome Area, Bhubaneswar, Dist- Khurdha, Pin-751020, Odisha declare by this Affidavit No. 132, Dated 18.08.2025, that now onwards I shall be known as **NITA PATEL** for all future purposes.

**AFFIDAVIT**

I, Padmabati Mangaraj, W/o- Ajay Mangaraj, resident of Plot No -1162, Satya Vihar, Rasulgarh, PS - Mancheswar, Bhubaneswar, Dist - Khordha, Pin No - 751010, Odisha, declare by this affidavit No -107, dated- 22.07.2025, that now onwards I shall be known as **PADMABATI BISWAL** for all future purposes.

**IN THE HIGH COURT OF ORISSA : CUTTACK**
**(NOTICE UNDER ORDER 5, RULE 20 (1-A) OF THE CODE OF CIVIL PROCEDURE, 1908)**
**(SA NO. 395 of 2000)**

**Akupalli Uma Maheswar Rao .... Appellant**
**-Versus-**
**V. Rama Chandra Rao and others .... Respondents**

To
1. V. Jamuna, aged about 45 years, W/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 6)
2. V. Atulya, aged about 22 years, D/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 7)
3. V. Vansi, aged about 18 years, S/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 8)
4. Vanimisetti Tirumala Swamy, aged about 40 years, S/o. Late Vanimisetti Subharao, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No.9)
5. Vanimisetti Subbaraya Venkata Prasad, aged about 34 years, S/o. V. Suryanarayan Murty, S.C.B. Medical College, Cuttack, Dist.- Cuttack. Respondent No. 10)

You the above named respondents take notice that the appellant has preferred S.A. 395/2000 against you challenging the judgement and Decree dated 28.08.2000 and 07.09.2000 respectively passed in T.A No. 23 of 1993 by the Addl. District Judge, Jeypore reversing the Judgment dated 30.10.1992 and 13.11.1992 passed by learned Civil Judge (Sr. Divn.), Jeypore in T.S. No. 98/1985.

Though notice was sent to you in the above given address, the same returned unserved. As the summons could not be served on you in ordinary way, you are hereby directed through this general publication to appear before this Court in person or through counsel on 2.9.25 to show cause as to why the relief sought for in the memorandum of appeal shall not be granted.

Take further notice that, in case of default the case will be heard and decided in your absence in accordance with law.

Given under my hand and seal of this Court on the 7th day of August, 2025.
By order of the Court
Sd/-
Registrar (Judicial)

**IN THE HIGH COURT OF ORISSA : CUTTACK**
**(NOTICE UNDER ORDER 5, RULE 20 (1-A) OF THE CODE OF CIVIL PROCEDURE, 1908)**
**(SA NO. 397 of 2000)**

**Akupalli Papamma .... Appellant**
**-Versus-**
**V. Rama Chandra Rao and others .... Respondents**

To
1. V. Jamuna, aged about 45 years, W/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 6)
2. V. Atulya, aged about 22 years, D/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 7)
3. V. Vansi, aged about 18 years, S/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 8)
4. Vanimisetti Tirumala Swamy, aged about 40 years, S/o. Late Vanimisetti Subharao, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No.9)
5. Vanimisetti Subbaraya Venkata Prasad, aged about 34 years, S/o. V. Suryanarayan Murty, S.C.B. Medical College, Cuttack, Dist.- Cuttack. Respondent No. 10)

You the above named respondents take notice that the appellant has preferred S.A. 397/2000 against you challenging the judgement and Decree dated 28.08.2000 and 07.09.2000 respectively passed in T.A No. 25 of 1993 by the Addl. District Judge, Jeypore reversing the Judgment dated 30.10.1992 and 13.11.1992 passed by learned Civil Judge (Sr. Divn.), Jeypore in T.S. No. 96/1985.

Though notice was sent to you in the above given address, the same returned unserved. As the summons could not be served on you in ordinary way, you are, hereby directed through this general publication to appear before this Court in person or through counsel on 16.9.25 to show cause as to why the relief sought for in the memorandum of appeal shall not be granted.

Take further notice that, in case of default the case will be heard and decided in your absence in accordance with law.

Given under my hand and seal of this Court on the 13th day of August, 2025.
By order of the Court
Sd/-
Registrar (Judicial)

**AFFIDAVIT**

By virtue of an affidavit sworn before Notary Public, Bhubaneswar, 18.08.2025, I Runubala Mahapatra, W-o-Prashana Kumar Mahapatra resident at Thanapalli, Po-Mardabadi, Ps- Ranpur, Dist-Nayagarh, Odisha PIN-752066 , declare that my Son's name from Manoj Mahapatra to Manoranjan Mahapatra . Henceforth, He shall be known as **MANORANJAN MAHAPATRA** for all purposes.
**(Runubala Mahapatra)**

**DOCUMENT LOST**

Notice is hereby given to general Public that, I Sri Naba Kishore Swain, father of SRI SUBRAT KUMAR SWAIN has lost the original link RSD bearing no. 11141101303 dt.11/03/2011, in the name of Guni Khan and Mahimud Khan, bearing plot no. 1610/1912, Mouza- Palla, Tahsil- Khurda, Khata no.- 866/146, 07/08/2025 at around 12:00 PM at Cosmopolis Square while I was travelling from my residence at Rajiv Nagar by bike to Khurda and could not retrive them despite my best efforts. Therefore, if anyone has found the same, please contact Advocate Sri N.C. Pattnaik, Mob.- 985331118 of LICHFL at Chandrasekharpur within 15 days from the date of the publication failing which the document will lose its legal force, and any misuse of the document will be punishable under law.

**AFFIDAVIT**

By virtue of an affidavit sworn before Notary Public Titilagarh, dated 19.08.2025 I, Tulia Jani, Adress At-Budhipadar, Po- Goimund Ps-Sindhekela, Dist- Balangir, Odisha, Pin- 767040 declare that I have changed my son's name from Tushal Jani to Tushar Jani. Henceforth, he shall be known as Tushar Jani for all purposes.
**Tulia Jani**

A-517

**GOVERNMENT OF ODISHA**
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com

**e-PROCUREMENT NOTICE No. RLBCD-P1-03/2025-26**

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 01 (One) No. of work. |
| 3 | Estimated Cost | Rs. 38.78 Lakhs |
| 4 | Period of Completion | 60 Days |
| 5 | Class of Contractor | "C" & "B" or equivalent grade/class |
| 6 | Cost of Bid Document / Mode of Payment | Rs. 6,000/- (Non-Refundable) / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Rs. 38,780 /- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 21.08.2025 from 10.00 Hours to 30.08.2025 up to 17.00 Hours. |
| | (iii).Date, time & venue of Bid Opening (Online) | On Dt.01.09.2025 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.09.09.2025 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Superintending Engineer
R.L.B. Canal Division
Kamakhyanagar

OIPR-32298/11/0030/2526

CIME BHUBANESWAR
उद्यमेन ही सिध्यन्ति

**COLLEGE OF IT & MANAGEMENT EDUCATION**
**(A Constituent College Biju Patnaik University of Technology, Rourkela)**
**Bhubaneswar**

KK-196

No 680 / 25 Date 16.08.2025

**SPOT ADMISSION FOR**
**MBA & MCA PROGRAMME : 2025-26**

**O-JEE, CAT, MAT, & XAT RANK HOLDERS ARE ELIGIBLE.**

For any query, please contact:

**Mr Debidatta Acharya** (MBA)
9937313519, Faculty

**Mrs Bishnupriya Mallick** (MCA)
7327094482, Faculty

Visit: www.cime.ac.in
OIPR-14087/11/0011/2526
PRINCIPAL

Student Handbook, Fee Structure. and required documents for admission.

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦ ମାମଲା ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୫୯୭-ପୂର୍ବ ଏସିଆରୁ ଡଚ୍ ଇଷ୍ଟ ଇଣ୍ଡିଆ କମ୍ପାନି ତା'ର ପ୍ରଥମ ଜାହାଜ ଫେରାଇ ନେଲା।
- ୧୬୪୧- ଇଂଲଣ୍ଡ ଓ ସ୍କଟ୍‌ଲାଣ୍ଡ ମଧ୍ୟରେ ଶାନ୍ତି ବୁଝାମଣା।
- ୧୯୨୧- କେରଳର ମାଲାବାରରେ ମୋପଲା ବିଦ୍ରୋହ ଆରମ୍ଭ।
- ୧୯୭୯- ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ ତାଙ୍କ ପଦବୀରୁ ଇସ୍ତଫା ଦେଲେ।
- ୨୦୧୧- ଐତିହାସିକ ରାମଶରଣ ଶର୍ମାଙ୍କ ବିୟୋଗ।
- ୨୦୧୨- ଭେନେଜୁଏଲାର ରାଜଧାନୀ କାରାକସ୍‌ରେ ଦଙ୍ଗା ଯୋଗୁ ୨୦ ଜଣ ଲୋକଙ୍କ ପ୍ରାଣହାନି।

# ସଦ୍‌ଭାବନା ଦିବସ



ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସ୍ମୃତିରେ ଦେଶରେ ଶାନ୍ତି, ଜାତୀୟ ସଂହତି ଓ ସାଂପ୍ରଦାୟିକ ସଦ୍‌ଭାବ ଅକ୍ଷୁଣ୍ଣ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ତାଙ୍କ ଜନ୍ମତିଥି ଅଗଷ୍ଟ ୨୦ ତାରିଖକୁ ସଦ୍‌ଭାବନା ଦିବସ ଭାବେ ପାଳନ କରାଯାଏ। ରାଜୀବଙ୍କ ଚିନ୍ତାଧାରା ଓ ଇଚ୍ଛାକୁ ସମ୍ମାନ ଜଣାଇ ତାଙ୍କ ଜନ୍ମ ଦିବସକୁ ୨୦୦୮ ମସିହାଠାରୁ ସଦ୍‌ଭାବନା ଦିବସ ଭାବେ ପାଳନ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ରାଜୀବ ଗାନ୍ଧୀ ୧୯୪୪ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ରାଜନୀତିରେ ଯୋଗଦେବା ପୂର୍ବରୁ ରାଜୀବ ଜଣେ ପେସାଦାର ପାଇଲଟ୍ ଥିଲେ। ୧୯୮୪ ମସିହା ଅକ୍ଟୋବର ମାସରେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ ସାରା ଦେଶରେ ଏକପ୍ରକାର ବିଷାଦର ଛାୟା ଖେଳିଯାଇଥିଲା। ଲୋକମାନେ ଏପରି ପରିସ୍ଥିତିରୁ ବାହାରିବା ପାଇଁ ଚେଷ୍ଟା କରୁଥିଲେ ଏବଂ ସେ ସମୟରେ ଲୋକସଭା ନିର୍ବାଚନର ଫଳାଫଳ କଂଗ୍ରେସ ପକ୍ଷରେ ଆସିଥିଲା। ଦେଶବାସୀ ରାଜୀବ ଗାନ୍ଧୀଙ୍କୁ ଇନ୍ଦିରା ଗାନ୍ଧୀଙ୍କ ଉତ୍ତରାଧିକାରୀ ତଥା ପ୍ରଧାନମନ୍ତ୍ରୀ ଭାବେ ବାଛିଥିଲେ। ୪୦ ବର୍ଷ ବୟସରେ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳି ସେ ଦେଶର ସବୁଠାରୁ କମ୍ ବୟସ୍କ ପ୍ରଧାନମନ୍ତ୍ରୀ ପାଲଟିଥିଲେ। ରାଜୀବ ପ୍ରଧାନମନ୍ତ୍ରୀ ହେବା ପରେ ୫ ବର୍ଷରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେଇଥିଲେ। ନିର୍ବାଚନରେ ମତଦାନ କରିବାର ବୟସ ସୀମାକୁ ୨୧ବର୍ଷରୁ ୧୮ ବର୍ଷକୁ କମାଇବା ହେଉ କି ପଞ୍ଚାୟତିରାଜ ମାଧ୍ୟମରେ ଶାସନର ବିକେନ୍ଦ୍ରୀକରଣ ଦ୍ୱାରା ଯୁବକ ଆଉ ମହିଳାମାନଙ୍କୁ ଶାସନକଳର ଅଭିନ୍ନ ଅଙ୍ଗ ଭାବେ ସ୍ଥାପିତ କରିବାର ସମସ୍ତ ଶ୍ରେୟ ରାଜୀବ ଗାନ୍ଧୀଙ୍କୁ ଯାଏ। ଦେଶର କମ୍ପ୍ୟୁଟରାଇଜେସନ୍ ଏବଂ ଟେଲିକମ୍ୟୁନିକେସନ୍ କ୍ରାନ୍ତିର ଶ୍ରେୟ ତାଙ୍କୁ ଯାଏ। ୧୯୮୪ ଅକ୍ଟୋବର ୩୧ରୁ ୧୯୮୯ ଡିସେମ୍ବର ୨ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୯୧ ମେ' ୨୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରଠାରେ ନିର୍ବାଚନ ପ୍ରଚାର ସମୟରେ ଏଲ୍‌ଟିଟିଇର ଆତ୍ମଘାତୀ ବୋମା ବିସ୍ଫୋରଣରେ ତାଙ୍କର ପ୍ରାଣହାନି ଘଟିଥିଲା।

# ବିଶ୍ୱ ମଶା ଦିବସ

ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖକୁ ବିଶ୍ୱ ମଶା ଦିବସ ଭାବେ ପାଳନ କରାଯାଏ। ମଶା ଦ୍ୱାରା ହେଉଥିବା ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ମଶା ଦିବସ ପାଳନ କରାଯାଏ। ତେବେ ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମଶା ଠାରୁ ଦୂରେଇ ରହିବା ଏବଂ ଏହାଦ୍ୱାରା ହେଉଥିବା ରୋଗ ବିଷୟରେ ଲୋକଙ୍କୁ ଅବଗତ କରିବା। ୧୮୯୭ ଅଗଷ୍ଟ ୨୦ରେ ସାର୍ ରୋନାଲ୍ଡ ରସ୍ ମାଈ ଏନୋଫିଲିସ୍ ମଶା କାମୁଡ଼ିଲେ ହିଁ ମ୍ୟାଲେରିଆ ରୋଗ ହୋଇଥାଏ ବୋଲି ଆବିଷ୍କାର କରିଥିଲେ। ଏହି ତଥ୍ୟ ଆବିଷ୍କାର ପାଇଁ ତାଙ୍କୁ ୧୯୦୨ ମସିହାରେ ସମ୍ମାନଜନକ ନୋବେଲ ପୁରସ୍କାର ମିଳିଥିଲା। ତାଙ୍କ ଅବଦାନକୁ ମନେ ପକାଇବା ପାଇଁ ବିଶ୍ୱ ମଶା ଦିବସ ପାଳନ କରାଯାଉଛି। ମଣିଷ ପାଇଁ ବିଶ୍ୱର ସବୁଠାରୁ ବିପଜ୍ଜନକ କୀଟ ହେଉଛି ମଶା। ସାରା ବିଶ୍ୱ ଏହାର ବାସସ୍ଥାନ। ମାଈ ମଶାଙ୍କ ମାଧ୍ୟମରେ ମାଲେରିଆ, ଚିକନଗୁନିଆ, ଡେଙ୍ଗୁ, ଜିକା ଭଳି ଏକାଧିକ ରୋଗ ବ୍ୟାପିଥାଏ। ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଏଥିଯୋଗୁଁ ମଣିଷଙ୍କ ପ୍ରାଣ ଯାଉଛି। ଘର ଆଖପାଖରେ ପାଣି ଜମି ରହିଲେ ମଶା ସଂଖ୍ୟା ବୃଦ୍ଧି ପାଏ। ମଶାଜନିତ ରୋଗରୁ ରକ୍ଷା ପାଇବା ପାଇଁ ଘର ଚାରିପଟକୁ ସଫାସୁତୁରା ରଖିବା ସହ ପାଣି ଜମା ହେବାକୁ ଦେବା ଉଚିତ୍ ନୁହେଁ। ସବୁଠୁ ବଡ଼ କଥା ହେଉଛି ରାତିରେ ଶୋଇବାବେଳେ ମଶାରି ଟାଣି ଶୋଇବା ଉଚିତ।



# ଜାନୁୟାରୀ ୨୨ରେ 'ବର୍ଡର-୨'



ବଲିଉଡ୍ ଅଭିନେତା ସନ୍ନି ଦେଓ୍ୱଲଙ୍କ ଅଭିନୀତ 'ବର୍ଡର-୨'ର ଫାଷ୍ଟ ଲୁକ୍‌କୁ ସ୍ୱାଧୀନତା ଦିବସ ଅବସରରେ ଜାରି କରାଯାଇଛି। ଏହାସହ ଫିଲ୍ମର ରିଲିଜ୍ ଡେଟ୍ ମଧ୍ୟ ସାମ୍ନାକୁ ଆସିଛି। ସନ୍ନିଙ୍କ ଏହି ଫିଲ୍ମ ଜାନୁଆରୀ ୨୨, ୨୦୨୬ରେ ଆସିବ। ସନ୍ନି ସାମାଜିକ ଗଣମାଧ୍ୟମରେ ଏହାର ମୋସନ୍ ପୋଷ୍ଟର୍ ଜାରି କରି ଲେଖିଛନ୍ତି-'ହିନ୍ଦୁସ୍ତାନ ପାଇଁ ପୁଣି ଥରେ ଲଢ଼ିବୁ... ପୁଣି ଏକ ଯୁଦ୍ଧ ! 'ବର୍ଡର-୨' ୨୨ ଜାନୁଆରୀ, ୨୦୨୬ରେ ସିନେମା ହଲ୍‌କୁ ଆସିବ। 'ପୋଷ୍ଟର୍‌ରେ ସନ୍ନି ଶତ୍ରୁ ପକ୍ଷ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ଥିବା ଦେଖାଯାଇଛି। ଆଖିରେ କ୍ରୋଧ ସ୍ପଷ୍ଟ ବାରି ହୋଇ ପଡୁଛି। ସନ୍ନି ଏଥିରେ ସେନା ପୋଷାକରେ ନଜର ନଜର ଆସିଛନ୍ତି। ପୂର୍ବରୁ ଏହା ଆସନ୍ତା ବର୍ଷ ଜାନୁଆରୀ ୨୩ରେ ରିଲିଜ୍ ହେବ ବୋଲି କୁହାଯାଉଥିଲା। ଏବେ ପୋଷ୍ଟର୍‌ରୁ ନୂଆ ରିଲିଜ୍ ଦିନ ସାମ୍ନାକୁ ଆସିଛି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅନୁରାଗ ସିଂହ ଅଛନ୍ତି। ଭୂଷଣ କୁମାର ଓ ଜେପି ଦତ୍ତା ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏଥିରେ ସନ୍ନିଙ୍କ ବ୍ୟତୀତ ଦିଲଜିତ୍ ଦୋସାଞ୍ଜ, ବରୁଣ ଧୱନ୍, ଅହାନ୍ ସେଟ୍ଟୀ ଲିଡ୍ ରୋଲରେ ନଜର ଆସିବେ। ଏଠାରେ ପ୍ରକାଶ ଥାଉ କି, 'ବର୍ଡର-୨' ୧୯୯୭ରେ ଆସିଥିବା ଜେପି ଦତ୍ତାଙ୍କ ଫିଲ୍ମ 'ବର୍ଡର'ର ସିକ୍ୱେଲ।

## ଆଜି ବାହୁଡ଼ିଥିଲେ

# କାଳଜୟୀ କଥାଶିଳ୍ପୀ ଗୋପୀନାଥ ମହାନ୍ତି



ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ଔପନ୍ୟାସିକ ଥିଲେ ଗୋପୀନାଥ ମହାନ୍ତି। ଜଣେ ଔପନ୍ୟାସିକ ଓ ଗାଳ୍ପିକ ସମେତ କବି, ଗବେଷକ, ଅନୁବାଦକ, ଭାଷାବିତ୍ ଓ ପ୍ରାବନ୍ଧିକ ଭାବରେ ସେ ସାହିତ୍ୟର ବିଭିନ୍ନ ବିଭାଗକୁ ପରିପୁଷ୍ଟ କରିଛନ୍ତି। ୧୯୧୪ ମସିହା ଅପ୍ରେଲ୍ ୨୦ ତାରିଖରେ କଟକ ଜିଲ୍ଲାର ମହାନଦୀ କୂଳର ଏକ ଛୋଟିଆ ଗ୍ରାମ ନାଗବାଲିରେ ଗୋପୀନାଥଙ୍କର ଜନ୍ମ ହୋଇଥିଲା। ବିଚକ୍ଷଣ ପ୍ରତିଭାସମ୍ପନ୍ନ ଗୋପୀନାଥଙ୍କର ପିଲାଦିନରୁ ସାହିତ୍ୟ ପ୍ରତି ରୁଚି ଥିଲା। ୧୯୩୬ରେ ପାଟନା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ଶେଷ କଲାପରେ ଗୋପୀନାଥ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ୧୯୪୦ରେ ତାଙ୍କର ନିଯୁକ୍ତି ହୁଏ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ। ସେଠାରେ ସେ କନ୍ଧ, କୁଇ, ସଉରା, ପରଜା ସମ୍ପ୍ରଦାୟର ଭାଷା ଓ ସଂସ୍କୃତି ସଂସ୍ପର୍ଶରେ ଆସନ୍ତି। ଆଦିବାସୀ ଜୀବନ ଆଧାରିତ 'ଦାଦିବୁଢ଼ା', 'ପରଜା', 'ଅମୃତର ସନ୍ତାନ' ଆଦି ଉପନ୍ୟାସ ରଚନା କରି ସେ କେବଳ ଯଶସ୍ୱୀ ହୋଇନାହାନ୍ତି; ଆଦିବାସୀ ଜୀବନ ଓ ସମାଜର ନିଛକ, ମାର୍ମିକ, ଦୁର୍ଲଭ ଚିତ୍ରକୁ ପାଠକଙ୍କ ସହ ପରିଚିତ କରାଇଛନ୍ତି। ତାଙ୍କ ଲେଖନୀରେ ସୃଷ୍ଟି ହୋଇଛି 'ହରିଜନ', 'ଦାନାପାଣି', 'ଲୟବିଲୟ', 'ମାଟିମଟାଳ' ଆଦି କାଳଜୟୀ ଉପନ୍ୟାସ। 'ଛାଇ ଆଲୁଅ', 'ଉଡ଼ନ୍ତା ଖଇ', 'ଶରଶଯ୍ୟା' ଆଦି ଗଳ୍ପ ସଂକଳନ, 'ଧୂଳିମାଟିର ସନ୍ଥ', 'ଉତ୍କଳମଣି' ଆଦି ଜୀବନୀ ଏବଂ 'ସ୍ରୋତସ୍ୱତୀ' ଆତ୍ମଜୀବନୀ ରଚନା କରି ସେ ସାହିତ୍ୟର ପ୍ରମୁଖ ବିଭାଗରେ ଛାଡ଼ିଯାଇଛନ୍ତି ବଳିଷ୍ଠ ସ୍ୱାକ୍ଷର। 'ଅମୃତର ସନ୍ତାନ' ଉପନ୍ୟାସ ପାଇଁ ସେ ସର୍ବପ୍ରଥମେ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ପାଇଥିଲେ। ପ୍ରଥମ ଓଡ଼ିଆ ଭାବେ 'ମାଟି ମଟାଳ' ପାଇଁ ୧୯୭୩ରେ ସେ ସମ୍ମାନଜନକ 'ଜ୍ଞାନପୀଠ ପୁରସ୍କାର'ର ଅଧିକାରୀ ହୋଇଥିଲେ। ସାହିତ୍ୟ କ୍ଷେତ୍ରକୁ ତାଙ୍କର ଅବଦାନ ପାଇଁ ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡିଲିଟ୍ ଡିଗ୍ରୀ, ୧୯୭୯ ମସିହାରେ ୟୁ.ଜି.ସି. ଫେଲୋସିପ୍ ସହ ୧୯୮୧ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ପଦ୍ମଭୂଷଣ ପ୍ରଦାନ କରାଯାଇଥିଲା। ୧୯୯୧ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ।

# ସମ୍ଭାବନା



# ଯୁବପିଢ଼ିଙ୍କ ସହ ଆଲୋଚନା



**ବର୍ତ୍ତମାନ ଯୁବପିଢ଼ିଙ୍କ ସହ ଯୋଗାଯୋଗ ବା କଥାବାର୍ତ୍ତା କରିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନ ଥାଏ। ସେମାନଙ୍କ ସହ କଥା ହେବା ପାଇଁ ସେମାନେ କ'ଣ ଚାହୁଁଛନ୍ତି, ସେକଥା ଜାଣିବା ଜରୁରି।**

ଯୁବପିଢ଼ିଙ୍କ ସହ ଆଲୋଚନା କରିବା ଲାଗି ସେମାନଙ୍କ ଶବ୍ଦ ଓ ଭାଷାକୁ ପ୍ରୟୋଗ କରନ୍ତୁ। ଏଇ ଯେମିତି 'କୁଲ୍', 'ଆମେଜିଂ', 'ଭାଇରାଲ' ଆଦି ଅନ୍ୟ ଶବ୍ଦ ବ୍ୟବହାର କରିପାରିବେ। ଏହାଦ୍ୱାରା ଅନ୍ୟମାନେ ସେମାନଙ୍କଠାରୁ ଅଲଗା ନୁହନ୍ତି ବୋଲି ସେମାନେ ଭାବନ୍ତି। ସେହିପରି ସେମାନଙ୍କୁ କେବଳ ଥିଓରି ଶିଖାନ୍ତୁ ନାହିଁ। କୌଣସି ସଫଳ ବ୍ୟକ୍ତିଙ୍କ କାହାଣୀ କୁହନ୍ତୁ। ବିଶେଷକରି ସଂଘର୍ଷ କରି ସଫଳତା ମିଳିଥିବା ବ୍ୟକ୍ତିବିଶେଷଙ୍କ ଉଦାହରଣ ଦିଅନ୍ତୁ। ସେହିପରି କଠିନ ପରିଶ୍ରମ ଓ ମନୋବଳ ଦ୍ୱାରା ସ୍ୱପ୍ନ ପୂରଣ ହୁଏ, ସେକଥା ବୁଝାନ୍ତୁ। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ କିଛି ଖାସ୍ କଥା ଥିବା ମଧ୍ୟ ସେମାନଙ୍କୁ କହିପାରିବେ। କେବଳ ସେତିକି ନୁହେଁ, ଅସଫଳତା ତଥା ନିଜ ଭୁଲ୍‌ରୁ ଶିଖିବା ଲାଗି ପ୍ରେରିତ କରାନ୍ତୁ। କେବଳ ନିଜ କଥା ନ କହି, ସେମାନଙ୍କୁ କଥା କହିବାକୁ ସୁଯୋଗ ଦିଅନ୍ତୁ। ସେମାନଙ୍କ ସ୍ୱପ୍ନ ଓ ଦୁର୍ବଳତା ପଚାରି ବୁଝନ୍ତୁ। ଅନ୍ୟପଟେ ସେମାନଙ୍କୁ ଶୁଣିବା ଦ୍ୱାରା ସେମାନଙ୍କୁ ଲାଗିବ, ସେମାନଙ୍କ କଥା ଶୁଣିବା ଲାଗି କେହି ସେମାନଙ୍କ ପାଖରେ ଅଛନ୍ତି।

# କେମିତି କହିବେନି ମିଛ

**କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନଙ୍କ ଅଭ୍ୟାସ ପ୍ରତି କଥାରେ ଅନ୍ୟକୁ ମିଛ କହିବା। କାରଣ ଭୁଲ୍ କରି ସତ କହିଲେ ଦଣ୍ଡ ମିଳିବା ଭାବି ଅନେକ ମିଛ କହନ୍ତି। ତେବେ ଏହି ମିଛ କହିବା ଉତ୍ତମ ବ୍ୟକ୍ତିତ୍ୱର ସ୍ୱଭାବ ହୋଇ ନ ଥାଏ। ମିଛ କହିବା ଅଭ୍ୟାସରୁ କିଭଳି ନିଜକୁ ବାହାର କରିବେ, ସେ ସମ୍ପର୍କରେ ଜାଣିବା।**

- ଛୋଟ ମୋଟ କଥାରେ ସତ କହିବାକୁ ଚେଷ୍ଟା କରନ୍ତୁ। ବାରମ୍ବାର ସତ କହିଲେ, ଏହା ଅଭ୍ୟାସରେ ପରିଣତ ହୋଇଯାଏ ଏବଂ ମିଛ କହିବାକୁ ପଡ଼େ ନାହିଁ।
- କୌଣସି ଭୁଲ୍ କଲେ, ତାହାକୁ ସ୍ୱୀକାର କରନ୍ତୁ। ଭୁଲକୁ ସ୍ୱୀକାର କରିବା ଦ୍ୱାରା ଆଉ ମିଛ କହିବାକୁ ପଡ଼େ ନାହିଁ।
- କିଛି କହିବା ପୂର୍ବରୁ ଚିନ୍ତା କରନ୍ତୁ। ଏହାଦ୍ୱାରା ଅନ୍ୟକୁ କଥା ଦେଇ ରଖି ନ ପାରିବା ଜାଣିପାରିବେ।
- ମନରୁ ଦୃଢ଼ ନିଷ୍ପତ୍ତି ହୁଅନ୍ତୁ, ସବୁବେଳେ ସଚ୍ଚୋଟ ରହିବା ଦ୍ୱାରା ମିଛ କହିବାକୁ ପଡ଼ି ନ ଥାଏ।
- ଅନେକ ସମୟରେ ବହୁ ଲୋକ ଅସହଜ ଲାଗୁଥିବା ପ୍ରଶ୍ନର ଉତ୍ତରରେ ମିଛ କହିଥାନ୍ତି। ଯଦି କୌଣସି ବିଷୟରେ କିଛି କହିବାକୁ ଚାହୁଁ ନାହାନ୍ତି, ଏ ବିଷୟରେ ଆଲୋଚନା କରିବାକୁ ଚାହୁଁ ନ ଥିବା ସ୍ପଷ୍ଟ ଭାବେ କୁହନ୍ତୁ।
- ଭାବବିହ୍ୱଳ ହୋଇ ବି ମଣିଷ ବେଳେ ବେଳେ ମିଛ କହେ। ତେଣୁ ନିଜ ଭାବନାକୁ ବୁଝିବାକୁ ଚେଷ୍ଟା କରନ୍ତୁ। ଏହା ଦ୍ୱାରା ମିଛ କହିବାକୁ ପଡ଼ିବ ନାହିଁ।
- ମିଛ କହିବା ଅଭ୍ୟାସ ଛାଡ଼ି ହେବ ନାହିଁ ଭାବୁଥିଲେ, ନିଜ ଲୋକଙ୍କ ସହ ଏ ବିଷୟରେ ଆଲୋଚନା କରନ୍ତୁ। ଏହାଦ୍ୱାରା ସେମାନେ ଏହି ଅଭ୍ୟାସରୁ ବାହାରିବାରେ ସାହାଯ୍ୟ କରିବେ।



## ଆକର୍ଷଣୀୟ କ୍ୟାରିୟର ବିକଳ୍ପ

# ଏଆଇ ଗବେଷକ

**ବର୍ତ୍ତମାନ ସମୟରେ ଏଆଇ ଗବେଷକ ହେଉଛି ଏକ ଆକର୍ଷଣୀୟ ଓ ସୁନ୍ଦର କ୍ୟାରିୟର ବିକଳ୍ପ। ସମ୍ପ୍ରତି ଏଆଇ ଗବେଷକଙ୍କୁ ବଡ଼ ବଡ଼ ଟେକ୍ କମ୍ପାନି ହଜାରେ କୋଟି ଟଙ୍କାରୁ ଅଧିକ ପ୍ୟାକେଜ୍ ଅଫର୍ କରୁଛନ୍ତି। ମେଟା ଏଆଇ ବିଶେଷଜ୍ଞଙ୍କୁ କୋଟିଏ ଟଙ୍କା ପ୍ୟାକେଜ୍ ପ୍ରଦାନ କରି ନିଜ ଟିମ୍‌ରେ ସାମିଲ କରୁଛି। ତେବେ ଏଆଇ ଗବେଷକ ଜଣେ କିଭଳି ହେବେ, ଜାଣିବା ସେ ସମ୍ପର୍କରେ।**

ଏଆଇ ଗବେଷକ ହେବା ଲାଗି ଗଣିତ, କମ୍ପ୍ୟୁଟର ସାଇନ୍ସ, ଷ୍ଟାଟିଷ୍ଟିକ୍ସ ଏବଂ ଲଜିକ୍‌ରେ ଗଭୀର ଜ୍ଞାନ ରହିବା ଜରୁରି। ସେହିପରି ଅଧିକାଂଶ ଏଆଇ ଗବେଷକ ବି.ଟେକ୍/ ବିଇ (କମ୍ପ୍ୟୁଟର ସାଇନ୍ସ) ବା ଗଣିତରେ ଗ୍ରାଜୁଏସନ ଡିଗ୍ରୀ କରିଥାନ୍ତି। ଏହାପରେ ସେମାନେ ଏମ୍.ଟେକ୍, ଏମ୍‌ଏସ୍ ବା ପିଏଚ୍‌ଡି କରିଥାନ୍ତି। ବିଶେଷକରି ମେସିନ୍ ଲର୍ଣ୍ଣିଂ, ଡିପ୍ ଲର୍ଣ୍ଣିଂ, ରୋବଟିକ୍ସ, ନ୍ୟୁରୋସାଇନ୍ସ କ୍ଷେତ୍ରରେ ସେମାନଙ୍କ ଭଲ ଜ୍ଞାନ ଥାଏ। ଏହି ଗବେଷକମାନେ ପ୍ରତିଷ୍ଠିତ ଏଆଇ କନଫରେନ୍ସରେ ନିଜ ପେପର୍ ପବ୍ଲିସ୍ କରିଥାନ୍ତି। ଏଆଇ ଗବେଷକ ଅନେକ ଥର ଗିଟ୍‌ହବ୍ ପ୍ଲାଟ୍‌ଫର୍ମରେ ଓପନ ସୋର୍ସ ଟୁଲ୍ ତିଆରି କରି ନିଜ ଦକ୍ଷତା ଦେଖାଇ ଥାନ୍ତି। ଗୁଗଲ୍ ଡିପ୍ ମାଇଣ୍ଡ, ଓପନ୍ ଏଆଇ, ମେଟା ଏଆଇ ଭଳି ସଂସ୍ଥାନରେ ଇଣ୍ଟର୍ଣ୍ଣସିପ୍ କରି ଅଭିଜ୍ଞତା ହାସଲ କରନ୍ତି। ଏହାପରେ ଉଚ୍ଚ ବେତନଯୁକ୍ତ ଦରମା ପାଇଁ ଆବେଦନ କରିଥାନ୍ତି। ଏହାବାଦ୍ କୃତ୍ରିମ ବୁଦ୍ଧିମତା ଉପରେ ସେମାନଙ୍କ ଭଲ ଦକ୍ଷତା ରହିଥାଏ। ଏ ଲାଗି ଭିନ୍ନ ଭିନ୍ନ ପ୍ରକାର କୋର୍ସ କରିଥାନ୍ତି।

# ପରୀକ୍ଷାରେ ପ୍ରସ୍ତୁତି ଏ ଭଳି...

ଆଜିକାଲି ପ୍ରବେଶିକା ପରୀକ୍ଷା ଲାଗି ପିଲାମାନେ ଖୁବ୍ ପରିଶ୍ରମ କରୁଛନ୍ତି। କୋଚିଂ ନେବା ତଥା ପରୀକ୍ଷାରେ କଠିନ ପରିଶ୍ରମ କରିବା ସତ୍ତ୍ୱେ ମଧ୍ୟ କେତେକ ପରୀକ୍ଷାର୍ଥୀଙ୍କୁ ହତାଶ ହେବାକୁ ପଡ଼ିଥାଏ। ଏପରିକି ପରୀକ୍ଷାରେ ସେମାନଙ୍କୁ ଆଶାନୁରୂପ ଫଳ ମିଳି ନ ଥାଏ। ପ୍ରଶ୍ନ ଉଠୁଛି, ସବୁଠୁ ଭଲ କୋଚିଂ କ୍ଲାସ୍‌ରେ ପଢ଼ିବା ପରେ ମଧ୍ୟ ପିଲାଟିଏ ପରୀକ୍ଷାରେ କେଉଁ କାରଣ ପାଇଁ କୃତକାର୍ଯ୍ୟ ହୋଇପାରି ନ ଥାନ୍ତି, ସେ ସମ୍ପର୍କରେ ଜାଣିବା ଦରକାର।



- ପ୍ରବେଶିକା ପରୀକ୍ଷା ଦେଉଥିଲେ ପରୀକ୍ଷାର୍ଥୀଙ୍କୁ ଏ କଥା ଜାଣିବା ଜରୁରି, ସେମାନେ ସୀମିତ ସମୟରେ କୌଣସି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି।
- କିଛି ପିଲା କୋଚିଂ କ୍ଲାସ୍ ସହିତ ସଫଳତା ପାଇଁ ଆବଶ୍ୟକ ପରିଶ୍ରମ, ଅନୁଶାସନ ଉପରେ ଦୃଷ୍ଟି ଦେଇ ନ ଥାନ୍ତି। ସେଥିପାଇଁ ପ୍ରଥମେ ନିଜର ମୂଲ୍ୟାଙ୍କନ କରିବା ଦରକାର।
- ଧୀରେ ଧୀରେ ନିଜର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।
- ନିୟମିତ କୋଚିଂ କ୍ଲାସ୍‌ରେ ସାମିଲ ନ ହେବା ମଧ୍ୟ ଅସଫଳତାର ଅନ୍ୟତମ କାରଣ।
- ଅନେକ କୋଚିଂ ସେଣ୍ଟର ପିଲାଙ୍କର ଫଲୋଅପ୍ କରିଥାନ୍ତି। ଯାହାକୁ ପରୀକ୍ଷାର୍ଥୀ ଠିକ୍ ଭାବେ ଉପଯୋଗ କରି ନ ଥାନ୍ତି।
- ସେଥିପାଇଁ ପିଲାଙ୍କୁ କୋଚିଂର ଫଲୋଅପ୍ ଉପରେ ଦୃଷ୍ଟି ଦେବା ଦରକାର।

ସକାଳ THE SAKALA
www.sakalaepaper.com

## ଏସିଆ କପ୍ ଭାରତୀୟ ଦଳରେ ସ୍ଥାନ ପାଇଲେନି ଜୟସ୍ୱାଲ, ଆୟର ଓ ସୁନ୍ଦର

# ବୁମ୍‌ରା ସାମିଲ୍, ଗିଲ୍ ଉପଅଧିନାୟକ

ମୁମ୍ବଇ,୧୯।୮ (ଏଜେନ୍ସି):

ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ଭାରତୀୟ ଚୟନ କମିଟି ଏସିଆ କପ୍ ଲାଗି ଘୋଷିତ ଦଳରେ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ଓ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ସାମିଲ କରାଯାଇଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସମସ୍ତଙ୍କ ଆଶାକୁ ଅତିକ୍ରମ କରି ସଫଳତା ପାଇଥିବା ଗିଲ୍‌ଙ୍କୁ କେବଳ ଦଳରେ ସାମିଲ କରାଯାଇନାହିଁ, ବରଂ ତାଙ୍କୁ ଅକ୍ଷର ପଟେଲଙ୍କ ସ୍ଥାନରେ ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରେ ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ ଦୁଇଜଣ ଓପନର ସାମିଲ ହୋଇଛନ୍ତି। ଗିଲ୍‌ଙ୍କୁ ଉପଅଧିନାୟକ ଘୋଷଣା କରାଯିବା ପରେ ସେ ଏବେ ଓପନିଂରୁ ଗୋଟିଏ ସ୍ଥାନରେ ଖେଳିବେ ବୋଲି ଆଶା କରାଯାଉଛି। ଇଂଲଣ୍ଡରେ ଗିଲ୍ ଯେପରି ଦଳର ନେତୃତ୍ୱ ନେବା ସହ ବ୍ୟାଟିଂ କଲେ ତାହା ଆମ ସମସ୍ତଙ୍କର ଆଶାକୁ ଅତିକ୍ରମ କରିଛି ବୋଲି ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର କହିଛନ୍ତି।

କିନ୍ତୁ ଅନ୍ୟତମ ଓପନର ଯଶସ୍ୱୀ ଜୟସ୍ୱାଲ, ଆଇପିଏଲ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶ୍ରେୟସ ଆୟର ଓ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଉତ୍ସାହଜନକ ପ୍ରଦର୍ଶନ କରିଥିବା ଫାଷ୍ଟ ବୋଲର ମହମ୍ମଦ୍ ସିରାଜଙ୍କୁ ଦଳରେ ସାମିଲ କରାଯାଇନାହିଁ। ବୋଲିଂ ଅପ୍ସନ ଲାଗି ଜୟସ୍ୱାଲଙ୍କ ସ୍ଥାନରେ ଅଭିଷେକ ସ୍ଥାନ ପାଇଛନ୍ତି। ଆୟରଙ୍କ ଲାଗି ବ୍ୟାଟିଂ ପୋଜିସନ ନାହିଁ ବୋଲି ଅଗରକର କହିଛନ୍ତି।


ଚୟନ କମିଟି ଅଧ୍ୟକ୍ଷ ଅଜିତ୍ ଅଗରକରଙ୍କ ସହ ଅଧିନାୟକ ସୂର୍ଯ୍ୟକୁମାର

ସିରାଜଙ୍କ ସମ୍ପର୍କରେ ଆଦୌ ଆଲୋଚନା ହୋଇ ନଥିଲାବେଳେ ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ବାଦ୍ ଦିଆଯାଇଛି। ଏହା ଫଳରେ ଦଳରେ କେହି ଅଫ୍ ସ୍ପିନର ନ ଥିଲାବେଳେ ୩ଜଣ ବାମହାତୀ ସ୍ପିନର ସ୍ଥାନ ପାଇଛନ୍ତି। ଏସିଆ କପ୍ ଟି-୨୦ ଫର୍ମାଟରେ ଆୟୋଜିତ ହେଉଥିବାରୁ ଏହି ଫର୍ମାଟରେ ସଫଳତା ପାଇଥିବା ଅନ୍ୟ ଖେଳାଳିଙ୍କୁ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ଆୟରଙ୍କ ପ୍ରତି ସେହି ନିୟମ ଲାଗୁ ହୋଇନାହିଁ।

ମିଡିଲ ଓ ଲୋୟର ଅର୍ଡରରେ ପୂର୍ବପରି ତିଳକ ବର୍ମା, ଅଧିନାୟକ ସୂର୍ଯ୍ୟକୁମାର, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ ରହିଛନ୍ତି। ଅଭିଷେକଙ୍କ ସହ ଗିଲ୍‌ଙ୍କୁ ଇନିଂସ ଓପନ କରିବାକୁ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଲେ, ସାମସନଙ୍କ ପରିବର୍ତ୍ତେ ଜିତେଶ ଶର୍ମାଙ୍କୁ ୱିକେଟକିପିଂ ଦାୟିତ୍ୱ ମିଳିପାରେ। ହାର୍ଦ୍ଦିକଙ୍କ ସହ ଶିବମ ଦୁବେ ଓ ଅକ୍ଷର ପଟେଲ ୩ଜଣ ଅଲରାଉଣ୍ଡର ରହିଛନ୍ତି। ସ୍ପେଶାଲିଷ୍ଟ ଫାଷ୍ଟ ବୋଲର ଭାବେ ଅଭିଜ୍ଞ ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣାଙ୍କୁ ସ୍ଥାନ ମିଳିଛି। ହର୍ଷିତ ମଧ୍ୟ ବ୍ୟାଟିଂ କରିବାର ଦକ୍ଷତା ରଖିଛନ୍ତି। ସ୍ପେଶାଲିଷ୍ଟ ସ୍ପିନର ଭାବେ ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବଙ୍କୁ ସ୍ଥାନ ମିଳିଛି।

ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ୫ଜଣ ଖେଳାଳି ରିଜର୍ଭରେ ରଖାଯାଇଛି। ଯଦି ଦଳରେ କୌଣସି ଖେଳାଳି ବାଦ୍ ପଡନ୍ତି, ତେବେ ଏହି ୫ଜଣଙ୍କ ମଧ୍ୟରୁ ଜଣେ ତାଙ୍କ ସ୍ଥାନ ପୂରଣ କରିବେ। ସେମାନେ ହେଲେ ଯଶସ୍ୱୀ ଜୟସ୍ୱାଲ, ଧ୍ରୁବ ଜୁରେଲ, ରିୟାନ ପରାଗ, ପ୍ରସିଦ୍ଧ କ୍ରିଷ୍ଣା ଓ ୱାଶିଂଟନ ସୁନ୍ଦର। ଯଶସ୍ୱୀଙ୍କ ଲାଗି ଏହା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଚୟନ କମିଟି ଅଧ୍ୟକ୍ଷ ଅଗରକର। ଗତ ଦୁଇବର୍ଷରେ ଅଭିଷେକ ଯେପରି ଦେଶ ଲାଗି ପ୍ରଦର୍ଶନ କରିଛନ୍ତି ତାଙ୍କୁ ଟି-୨୦ ଦଳରୁ ବାଦ୍ ଦେବା କଷ୍ଟକର। ତାଙ୍କ ନିକଟରେ ମଧ୍ୟ ବୋଲିଂ ଅପ୍ସନ ରହିଛି। ଏପରି ସ୍ଥିତିରେ ଯଶସ୍ୱୀଙ୍କୁ ସୁଯୋଗ ପାଇବା ଲାଗି ଅପେକ୍ଷା କରିବାକୁ ହେବ। ସେହିପରି ଶ୍ରେୟସ ଆୟରଙ୍କ ସମ୍ପର୍କରେ ସେ କହନ୍ତି, କାହା ସ୍ଥାନରେ ତାଙ୍କୁ ନିଆଯିବ ବୋଲି ସେ ପ୍ରଶ୍ନ କରିଥିଲେ। ଉଭୟ ଖେଳାଳିଙ୍କ କୌଣସି ତ୍ରୁଟି ନାହିଁ କିମ୍ବା ଆମର ମଧ୍ୟ କିଛି ଦୋଷ ନାହିଁ। କେବଳ ସୁଯୋଗକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ଅଗରକର କହିଛନ୍ତି।

ଜାନୁଆରୀରେ ଇଂଲଣ୍ଡ ସହ ଘରୋଇ ମାଟିରେ ଦ୍ୱିପାକ୍ଷିକ ସିରିଜ୍ ଖେଳିବା ପରେ ଏହା ଭାରତ ଲାଗି ହେବ ପ୍ରଥମ ଟି-୨୦ ସିରିଜ୍। ସେପ୍ଟେମ୍ବର ୯ରୁ ୨୮ ତାରିଖଯାଏ ଏସିଆ କପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରୁଥିଲାବେଳେ ଏଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ଏ-ରେ ପାକିସ୍ତାନ, ଓମାନ ଓ ୟୁଏଇର ସ୍ଥାନ ପାଇଛି ଭାରତ। ସେପ୍ଟେମ୍ବର ୧୦ରେ ୟୁଏଇର ଖେଳି ଭାରତ ତାହାର ଅଭିଯାନ ଆରମ୍ଭ କରିବ। ସେହିପରି ଦୁବାଇରେ ପାକିସ୍ତାନ ସହ ସେପ୍ଟେମ୍ବର ୧୪ରେ ଓ ଆବୁଧାବିରେ ଓମାନ ସହ ସେପ୍ଟେମ୍ବର ୧୯ରେ ଶେଷ ଲିଗ୍ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

### ଭାରତୀୟ ଦଳ

ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ (ଉପଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଜିତେଶ ଶର୍ମା (ଉଭୟ ୱିକେଟରକ୍ଷକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ରିଜର୍ଭ ଖେଳାଳି:** ଯଶସ୍ୱୀ ଜୟସ୍ୱାଲ, ପ୍ରସିଦ୍ଧ କ୍ରିଷ୍ଣା, ୱାଶିଂଟନ ସୁନ୍ଦର, ଧ୍ରୁବ ଜୁରେଲ, ରିୟାନ ପରାଗ।

### ଭାରତର ଖେଳସୂଚୀ

୧୦।୯ : ବନାମ ୟୁଏଇ, ଦୁବାଇ
୧୪।୯ : ବନାମ ପାକିସ୍ତାନ, ଦୁବାଇ
୧୯।୯ : ବନାମ ଓମାନ, ଆବୁଧାବି

## ମହିଳା ବିଶ୍ୱକପ୍ କ୍ରିକେଟ

# ରେଣୁକା, ପ୍ରତୀକା ସାମିଲ


ଚୟନ କମିଟିର ଅଧ୍ୟକ୍ଷା ନୀତୁ ଡେଭିଡ୍‌ଙ୍କ ସହ ଅଧିନାୟିକା ହରମନପ୍ରୀତ୍

ମୁମ୍ବଇ,୧୯।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ସେପ୍ଟେମ୍ବର ୩୦ରୁ ଖେଳାଯିବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ଲାଗି ଜାତୀୟ ଚୟନ କମିଟି ଆଜି ଭାରତୀୟ ଦଳ ଘୋଷଣା କରିଛି। ହରମନପ୍ରୀତ କୌରଙ୍କୁ ଦଳର ଅଧିନାୟିକା ଓ ସ୍ମୃତି ମନ୍ଧାନାଙ୍କୁ ଦଳର ଉପଅଧିନାୟିକା ମନୋନୀତ କରାଯାଇଛି। ଘୋଷିତ ୧୫ ଜଣିଆ ଦଳରେ ପେସ୍ ବୋଲର ରେଣୁକା ଠାକୁର ଓ ଓପନିଂ ବ୍ୟାଟର ପ୍ରତୀକା ରାୱଲଙ୍କୁ ସ୍ଥାନ ମିଳିଛି। କିନ୍ତୁ ବିସ୍ଫୋରକ ଓପନର ଶେଫାଳି ବର୍ମାଙ୍କୁ ଏହି ଦଳରେ ସ୍ଥାନ ମିଳିନାହିଁ। ଗତ କିଛିଦିନ ହେଲା ଶେଫାଳି ଫର୍ମରେ ନାହାନ୍ତି। ଯାହା ଫଳରେ ତାଙ୍କୁ ଏହି ମେଗା ଇଭେଣ୍ଟ ଲାଗି ଦଳକୁ ବାଦ୍ ଦିଆଯାଇଛି। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଗଠିତ ଦଳରେ ସ୍ମୃତି ମନ୍ଧାନା, ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସେଜ୍, ରେଣୁକା ସିଂ ଠାକୁର, ଅରୁନ୍ଧତି ରେଡ୍ଡୀ, ୱିକେଟରକ୍ଷକ ରିଚା ଘୋଷ ଓ ୟଷ୍ଟିକା ଭାଟିଆ, କ୍ରାନ୍ତି ଗୌଡ, ଅମନଜୋତ କୌର, ରାଧା ଯାଦବ, ଶ୍ରୀ ଚରଣୀ ଓ ସ୍ନେହ ରାଣାଙ୍କୁ ସ୍ଥାନ ମିଳିଛି। ଏହା ବ୍ୟତୀତ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ ସହ ଭାରତ ଏକ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ଦଳରେ କେବଳ ଜଣେ ଖେଳାଳି ବଦଳିଛନ୍ତି। ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ଅମନଜୋତ କୌରଙ୍କ ସ୍ଥାନରେ ସାୟାଲି ସାତଘରେଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ଲାଗି ଦଳରେ ନିଆଯାଇଛି।

ଦିନିକିଆ ବିଶ୍ୱକପ୍‌ରେ ଭାରତ ଏଯାଏ ଟାଇଟଲ ଜିତିନାହିଁ। ଘରୋଇ ମାଟିରେ ଚତୁର୍ଥଥର ଖେଳିବାକୁ ଯାଉଥିବା ଭାରତ ଏଥର ପ୍ରଥମ ଟାଇଟଲ ଜିତିବାକୁ ଆଶା ରଖିଛି। ଭାରତ ୨୦୦୫ ଓ ୨୦୧୭ରେ ରନର୍ସ ଅପ୍ ହୋଇଥିଲା। ଏହା ପରେ ଆଉ ଭଲ ଖେଳିପାରି ନାହିଁ। ଏବେ ଦଳ ଇଂଲଣ୍ଡକୁ ହରାଇବା ପରେ ବିଶ୍ୱକପ୍ ଜିତିବା ଆଶା ବୃଦ୍ଧି ପାଇଛି।

### ଭାରତୀୟ ମହିଳା ଦଳ

ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସେଜ୍, ରେଣୁକା ସିଂ ଠାକୁର, ଅରୁନ୍ଧତି ରେଡ୍ଡୀ, ୱିକେଟରକ୍ଷକ ରିଚା ଘୋଷ ଓ ୟଷ୍ଟିକା ଭାଟିଆ, କ୍ରାନ୍ତି ଗୌଡ, ଅମନଜୋତ କୌର, ରାଧା ଯାଦବ, ଶ୍ରୀ ଚରଣୀ ଓ ସ୍ନେହ ରାଣା।

**ଷ୍ଟାଣ୍ଡବାଇ ଖେଳାଳି:** ତେଜଲ ହସନବୀସ, ପ୍ରେମା ରାୱତ, ପ୍ରିୟା ମିଶ୍ର, ଉମା ଛେତ୍ରୀ, ମିନୁ ମାନି ଓ ସାୟାଲି ସାତଘରେ।

### ଭାରତର ବିଶ୍ୱକପ୍ ଖେଳସୂଚୀ

୩୦।୯- ବନାମ ଶ୍ରୀଲଙ୍କା, ୫।୧୦- ବନାମ ପାକିସ୍ତାନ, କଲମ୍ବୋ, ୯।୧୦- ବନାମ ଦକ୍ଷିଣ ଆଫ୍ରିକା, ଭାଇଜାଗ୍, ୧୨।୧୦- ବନାମ ଅଷ୍ଟ୍ରେଲିଆ, ଭାଇଜାଗ୍, ୧୯।୧୦- ବନାମ ଇଂଲଣ୍ଡ, ଇନ୍ଦୋର, ୨୩।୧୦- ବନାମ ନ୍ୟୁଜିଲାଣ୍ଡ, ଗୁଆହାଟୀ, ୨୬।୧୦- ବନାମ ବାଂଲାଦେଶ, ୨୯।୧୦- ପ୍ରଥମ ସେମିଫାଇନାଲ, ୩୦।୧୦- ଦ୍ୱିତୀୟ ସେମିଫାଇନାଲ, ୨।୧୧- ଫାଇନାଲ।

### ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍

୧୪।୯- ପ୍ରଥମ ଦିନିକିଆ, ନୂଆ ଚଣ୍ଡିଗଡ, ୧୭।୯- ଦ୍ୱିତୀୟ ଦିନିକିଆ, ନୂଆ ଚଣ୍ଡିଗଡ, ୨୦।୯- ତୃତୀୟ ଦିନିକିଆ, ନୂଆଦିଲ୍ଲୀ।

# ଅଶବୀର ସିଂହ ଇଂଲଣ୍ଡ ଫୁଟବଲ କ୍ଲବ୍‌ରେ ପ୍ରଥମ ଶିଖ୍ କୋଚ୍

ନୂଆଦିଲ୍ଲୀ,୧୯।୮ (ଏଜେନ୍ସି): ଅଶ୍‌ବୀର ସିଂହ ସୋହାଲ ଇଂଲଣ୍ଡ ଫୁଟବଲରେ ପ୍ରଥମ ଶିଖ କୋଚ୍ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଇଂଲଣ୍ଡର ୫ମ ଟାୟର ପେସାଦାର କ୍ଲବ୍ ମୋରେକାମ୍ବେର ହେଡ୍ କୋଚ୍ ଭାବେ ଆଜି ନିଯୁକ୍ତ ହୋଇଛନ୍ତି। ଏହା ସହ ୩୦ ବର୍ଷୀୟ



ଅଶବୀର ମଧ୍ୟ ଇଂଲଣ୍ଡର ପେସାଦାର ଫୁଟବଲ ଇତିହାସରେ ସର୍ବକନିଷ୍ଠ କୋଚ୍ ହେବାର ଗୌରବ ଅର୍ଜନ କରିଛନ୍ତି। ଜଣେ ଦୂରଦ୍ରଷ୍ଟା କୋଚ୍ ଭାବେ ତାଙ୍କର ସଫଳତାକୁ ସମସ୍ତେ ଜାଣିଛନ୍ତି। ଭବିଷ୍ୟତରେ ସେ ଖୁବ ଭଲ କରିବେ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି। ଲିସେଷ୍ଟର ସିଟି ଏକାଡେମୀରେ ୧୦ବର୍ଷ କାମ କରିଥିବା ଅଶବୀର ୱିଗାନ ଆଥ୍‌ଲେଟିକ୍ ଟିମ୍‌ରେ କୋଲୋ ଟୋରେଙ୍କ ଟିମ୍‌ରେ କୋଚିଂ ଷ୍ଟାଫ୍ ଭାବେ ରହିଥିଲେ। ନିକଟରେ ମୋରେକାମ୍ବେର ମାଲିକାନା ପଞ୍ଜାବ ୱାରିୟର୍ସ କନସୋର୍ଟିୟମ ନିକଟରୁ ଗଲାପରେ କୋଚ୍ ପଦରୁ ଡେରିକ୍ ଆଡାମ୍ସ ଇସ୍ତଫା ଦେଇଥିଲେ। ଗତବର୍ଷ କ୍ଲବ୍ ପେମେଣ୍ଟ କରିପାରି ନ ଥିବାରୁ ସସ୍‌ପେଣ୍ଡ ହୋଇଥିଲା। ନ୍ୟାସନାଲ ଲିଗ୍‌ରେ ଗତବର୍ଷ ଗୋଟିଏ ହେଲେ ମ୍ୟାଚ୍ ଖେଳି ନ ଥିବା ମୋରୋକାମ୍ବେ ଟିମ୍ ଗଠନ କରିବାକୁ ଅଶବୀରଙ୍କ ଲାଗି କଷ୍ଟକର ହେବ। ସେ ୟୁଏଫା ପ୍ରୋ-ଲାଇସେନ୍ସ ହାସଲ କରିଛନ୍ତି।

## ■ ଦୃଷ୍ଟିହୀନ ମହିଳା ଟି-୨୦

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାରୁ ୯



ଭୁବନେଶ୍ୱର, ୧୯।୮ (ସମିସ): ବେଙ୍ଗାଲୁରୁରେ ମଙ୍ଗଳବାରଠାରୁ ଜୋନାଲ ମହିଳା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଭାରତୀୟ ଦୃଷ୍ଟିହୀନ କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଜୋନ ଅଂଶଗ୍ରହଣ କରିଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ୧୩ ଜଣିଆ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୯ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଓଡ଼ିଶାର ଫୁଲ ସୋରେନ ଅଧିନାୟିକା ରହିଥିବାବେଳେ ବାସନ୍ତୀ ହାଁସଦା, ଝିଲ୍ଲି ବରୁଆ, ପଦ୍ମିନୀ ଟୁଡ୍ଡୁ, ଯମୁନାରାଣୀ ଟୁଡ୍ଡୁ, ମାମିନା ନାୟକ, ରଚନା ଜେନା, ପାର୍ବତୀ ମାରାଣ୍ଡୀ (ୱିକେଟକିପର) ଓ ସୁକାନ୍ତୀ ଦଳପତି ଦଳରେ ରହିଛନ୍ତି। ଏହି ପ୍ରତିଯୋଗିତାରୁ ୪ଟି ଜୋନରୁ ୫୬ଜଣ ଖେଳାଳିଙ୍କୁ ଚୟନ କରାଯିବ। ଏହାପରେ ପ୍ରଶିକ୍ଷଣ ଶିବିରରୁ ଭାରତୀୟ ଦୃଷ୍ଟିହୀନ ଦଳ ଚୂଡ଼ାନ୍ତ ୧୭ ଜଣିଆ ଦଳ ମନୋନୀତ କରାଯିବ। ନଭେମ୍ବରରେ ନେପାଳରେ ହେବାକୁ ଥିବା ପ୍ରଥମ ମହିଳା ଦୃଷ୍ଟିହୀନ ବିଶ୍ୱକପ୍‌ରେ ଏହି ଦଳ ଅଂଶଗ୍ରହଣ କରିବ।

# ଦ.ଆଫ୍ରିକାକୁ ଜିତାଇଲେ ମହାରାଜ, ମାର୍କରମ

କେର୍ନ୍ସ, ୧୯।୮ (ଏଜେନ୍ସି): ଏଠାରେ ଅନୁଷ୍ଠିତ ପ୍ରଥମ ଏକଦିବସୀୟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୯୮ ରନର ବୃହତ୍ ବ୍ୟବଧାନରେ ଘରୋଇ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୮ ୱିକେଟ୍ ହରାଇ ୨୯୬ ରନର ସମ୍ମାନଜନକ ସ୍କୋର କରିଥିଲା। ଓପନର୍ ଆଇଡେନ୍ ମାର୍କରମ ୮୧ ବଲରେ ସର୍ବାଧିକ ୮୨ ରନ କରିଥିଲେ। ସେହିଭଳି ଅଧିନାୟକ ଟେମ୍ବା ବାଭୁମା ୬୫, ମାଥ୍ୟୁ ବ୍ରିଜକେ ୫୭ ରନର ଉପଯୋଗୀ ପାଳି ଖେଳିଥିଲେ। ଅଷ୍ଟ୍ରେଲିଆର ପାର୍ଟଟାଇମ ସ୍ପିନର ଟ୍ରାଭିସ ହେଡ୍‌ଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା। ଜବାବରେ ଓପନର୍ ତଥା ଅଧିନାୟକ ମିଚେଲ୍ ମାର୍ଶଙ୍କ ୮୮ ରନ ସତ୍ତ୍ୱେ ଅଷ୍ଟ୍ରେଲିଆ ୪୦.୫ ଓଭରରେ ୧୯୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ତେବେ ମଧ୍ୟକ୍ରମରେ ମାର୍ନଶ ଲାବୁଶ୍ୱେନ (୧), କାମେରନ ଗ୍ରୀନ (୩), ଜୋଶ ଇଂଲିଶ (୫), ଆଲେକ୍ସ କାରୀ (୦) ଓ ଆରୋନ ହାର୍ଡି (୪ ରନ)ଙ୍କୁ ଆଉଟ୍ କରି କେଶବ ମହାରାଜ ଅଷ୍ଟ୍ରେଲିଆର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। କ୍ୟାରିୟରର ଶ୍ରେଷ୍ଠ ବୋଲିଂ ଫିଗର ପାଇଥିବା କେଶବ ଶ୍ରେଷ୍ଠ ଖେଳାଳି ହୋଇଥିଲେ।

# କାନାମୋ ଗିରିଶୃଙ୍ଗରେ ଜାତୀୟ ପତାକା ଉଡ଼ାଇଲେ ଗଣେଶ, ପ୍ରଭାସିନୀ




ଭୁବନେଶ୍ୱର, ୧୯।୮ (ସମିସ): ଓଡ଼ିଶାର ଅଗ୍ରଣୀ ଦୁଃସାହସିକ ଅନୁଷ୍ଠାନ ଆଶା ଓ ଚଣ୍ଡିଗଡ଼ସ୍ଥିତ ଜାତୀୟ ଦୁଃସାହସିକ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏକ ପର୍ବତ ଆରୋହଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ହିମାଚଳ ପ୍ରଦେଶର କାନାମୋ ଗିରିଶୃଙ୍ଗକୁ ଆରୋହଣ ଲାଗି ଅଗଷ୍ଟ ୧୧ରୁ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ଅଗଷ୍ଟ ୧୭ରେ ୪ଜଣ ପର୍ବତାରୋହୀ ସଫଳତାର ସହ ଗିରିଶୃଙ୍ଗରେ ପହଞ୍ଚି ଜାତୀୟ ପତାକା ଉଡ଼ାଇଥିଲେ। ଚଳିତ ବର୍ଷ ସାରା ଦେଶ ୭୯ତମ ସ୍ୱାଧୀନତା ଦିବସ ପାଳନ କରିଥିବାରୁ ୭୯ ଫୁଟର ଏକ ଜାତୀୟ ପତାକା କାନାମୋ ଶିଖରରେ ଉଡ଼ିଥିଲା। ସଫଳତାର ସହ ଆରୋହଣ କରିଥିବା ୪ଜଣ ପର୍ବତାରୋହୀ ହେଲେ ଓଡ଼ିଶାର ଗଣେଶ ଚନ୍ଦ୍ର ଜେନା ଓ ପ୍ରଭାସିନୀ ବେହେରା, ହରିୟାଣାର ସୁମିତ କୁମାର ଏବଂ ହିମାଚଳ ପ୍ରଦେଶର ସନ୍ଦୀପ ଠାକୁର। ଗଣେଶ ବର୍ତ୍ତମାନ 'ଆଶା'ର ସମ୍ପାଦକ ରହିଛନ୍ତି। ଏହି ସଫଳତା ଲାଗି ଆଶା'ର ସଦସ୍ୟ ବିଜୟ କୁମାର ସାମଲ, ଭାର୍ଗବ ବିହାରୀ, ଅଶୋକ ମହାନ୍ତି, ଅଜିତ ପାଢ଼ୀ, ହରେଶ ମିଶ୍ର, ଶକ୍ତିରଞ୍ଜନ ମହାନ୍ତି, ଶିବଶଙ୍କର ପଣ୍ଡା, ଚିନ୍ମୟ ମହାରଣା, ଦୀପକ କୁମାର ମହନ୍ତ, ବିକ୍ରମ କେଶରୀ ଦାସ, କ୍ରୀଡ଼ା ବିଭାଗର ଓଏସ୍‌ଡି ବିଜୟ କୁମାର ରାଉତ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଜାତୀୟ କ୍ରୀଡ଼ା ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ

ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ସଂସଦରେ ପାରିତ କ୍ରୀଡ଼ା ପ୍ରଶାସନ ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ଦେଇଛନ୍ତି। ଏନେଇ କେନ୍ଦ୍ର ସରକାର ମଙ୍ଗଳବାର ଗେଜେଟ ବିଜ୍ଞପ୍ତି ଜାରି କରିଛନ୍ତି। ଗତ ୧୧ ତାରିଖରେ ଏହି କ୍ରୀଡ଼ା ବିଲ୍ ଲୋକସଭାରେ ଏବଂ ଦିନ ପରେ ରାଜ୍ୟସଭାରେ ପାରିତ ହୋଇଥିଲା। ନୂତନ କ୍ରୀଡ଼ା ବିଲ୍ ଦେଶରେ ଥିବା ବିଭିନ୍ନ କ୍ରୀଡ଼ା ପ୍ରଶାସନକୁ ନିୟନ୍ତ୍ରଣ କରିବ। ଏହା ଅଧୀନରେ ଜାତୀୟ କ୍ରୀଡ଼ା ବୋର୍ଡ ଗଠନ କରାଯିବ। ଏହି ବୋର୍ଡ ବିସିସିଆଇ ସମେତ ସମସ୍ତ କ୍ରୀଡ଼ା ମହାସଂଘର କାର୍ଯ୍ୟର ତଦାରଖ କରିବ। ସେହିଭଳି ବିଭିନ୍ନ କ୍ରୀଡ଼ା ବିବାଦଗୁଡ଼ିକର ସମାଧାନ ଲାଗି ଏକ କ୍ରୀଡ଼ା ଟ୍ରିବ୍ୟୁନାଲ ଗଠନର ବ୍ୟବସ୍ଥା ନୂତନ ବିଲରେ ରହିଛି। ଏହାବାଦ ବିଭିନ୍ନ କ୍ରୀଡ଼ା ମହାସଂଘର ନିର୍ବାଚନକୁ ସୁପରିଚାଳନା ଲାଗି କ୍ରୀଡ଼ା ନିର୍ବାଚନ ପ୍ୟାନେଲ ମଧ୍ୟ ଗଠନ କରାଯିବ ବୋଲି ଜଣାପଡ଼ିଛି।

# ପଞ୍ଚାୟତସ୍ତରରେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ କରିବ କେଭିଡିସି

କଟକ,୧୯।୮ (ସମିସ): କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି)ର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଏଠାରେ ଅନୁଷ୍ଠିତ ହୋଇଯାଇଛି। କେଭିଡିସି ସମ୍ପାଦକ ସଂଗ୍ରାମ ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟରେ ଭଲିବଲ କ୍ରୀଡ଼ାର ସାମଗ୍ରିକ ବିକାଶ ଦିଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ରାଜ୍ୟର ୩୧୪ଟି ବ୍ଲକରେ ଭଲିବଲ କ୍ରୀଡ଼ାର ବହୁଳ ପ୍ରଚାର, ପ୍ରସାର କରାଯିବ। ଏପରିକି ପ୍ରତ୍ୟେକ ପଞ୍ଚାୟତରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବାକୁ ଯୋଜନା ରହିଛି। ପ୍ରତିଯୋଗିତା ଆୟୋଜନ ନିମନ୍ତେ ଆବଶ୍ୟକୀୟ କ୍ରୀଡ଼ା ଉପକରଣ କାଉନସିଲ ପକ୍ଷରୁ ଯୋଗାଇ ଦିଆଯିବ। ପଞ୍ଚାୟତସ୍ତରୀୟ ପ୍ରତିଯୋଗିତା ଶେଷ ପରେ ଶ୍ରେଷ୍ଠ ୮ଟି ଦଳକୁ ନେଇ ସୁପର ଲିଗ୍ ଆୟୋଜନ ହେବ। ତେବେ ପ୍ରତିଯୋଗିତା ଆୟୋଜନ ନିମନ୍ତେ ପଞ୍ଜିକରଣ ଶେଷ ଦିନ ଅଗଷ୍ଟ ୩୧ ତାରିଖ ଧାର୍ଯ୍ୟ ହୋଇଛି। ଦଳ ପଞ୍ଜିକରଣ ନିମନ୍ତେ ମୋବାଇଲ ନମ୍ବର ୯୧୧୪୬୮୪୪୯୮ ଏବଂ ୯୩୩୭୦୪୧୪୨୦ରେ ଯୋଗାଯୋଗ କରିବାକୁ ପରିଷଦ ପକ୍ଷରୁ ନିବେଦନ କରାଯାଇଛି। କାର୍ଯ୍ୟକାରିଣୀ ବୈଠକରେ ପରିଷଦର ନିର୍ଦ୍ଦେଶିକା ଦିୟା ମଜୁମଦାର, ନିର୍ଦ୍ଦେଶକ ସାହିଲ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିପ୍ତୀରଞ୍ଜନ ମହାନ୍ତି, କୁମାରଶ୍ରୀ ସାହୁ, କଟକ ଜିଲ୍ଲା ସଂଯୋଜକ ଅମର କୁମାର ଭଞ୍ଜ, ଢ଼େଙ୍କାନାଳ ଜିଲ୍ଲା ସଂଯୋଜକ ରାକେଶ ପ୍ରଧାନ, ଜାତୀୟ ଭଲିବଲ ଖେଳାଳି ମହମ୍ମଦ ଓବେଦୁର ରେହମା, ଏଫଆଇଭିବି ପ୍ରଶିକ୍ଷକ ଆଶୁତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

# ସ୍ୱସ୍ତିକଙ୍କ ଶତକ ସତ୍ତ୍ୱେ ଓଡ଼ିଶା ଇନିଂସ୍ ପଛୁଆ

କଟକ,୧୯।୮ (ସମିସ):

ବେଙ୍ଗାଲୁରୁର ସିପିଟି ଟର୍ଫ ଗ୍ରାଉଣ୍ଡରେ ଖେଳାଯାଉଥିବା ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବରୋଦା ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ପଛୁଆ ରହିଛି। ବରୋଦାର ପାଳି ୩୮୧/୬ ଜବାବରେ ଭ୍ରମଣକାରୀ ଓଡ଼ିଶା ସମସ୍ତ ୱିକେଟ ହରାଇ ୩୫୨ ରନ କରିଥିଲା। ଅଧିନାୟକ ସ୍ୱସ୍ତିକ ସାମଲ ୧୧୪ ରନର ଶତକୀୟ ପାଳି ଖେଳିଥିଲେ। ବୁଧବାର ହେଉଛି ମ୍ୟାଚ୍‌ର ଅନ୍ତିମ ଦିବସ। ଉଭୟ ଦଳ ଦ୍ୱିତୀୟ ପାଳିରେ ୪୫ ଓଭର ଲେଖାଏ ଖେଳିବେ। ପ୍ରଥମ ପାଳିରେ ୨୯ରନ ଆଗୁଆ ରହିଥିବା ବରୋଦାକୁ ଓଡ଼ିଶା ପରାସ୍ତ କରିବା ଲକ୍ଷ୍ୟରେ ରହିବ।



ଅଧିନାୟକ ସ୍ୱସ୍ତିକ ଏବଂ ଓମଟି ମୁଣ୍ଡେ ଓପନିଂ ଭାର ସମ୍ଭାଳିଥିଲେ। ମ୍ୟାଚ୍‌ର ୧୩ତମ ଓଭରରେ ଓଡ଼ିଶାକୁ ପ୍ରଥମ ଝଟକା ଲାଗିଥିଲା। ମାତ୍ର ୧୩ ରନରେ ମୁଣ୍ଡେ ପ୍ୟାଭିଲିୟନ ଫେରିଥିଲେ। ପରେ ସନ୍ଦୀପ ପଟ୍ଟନାୟକ ୧, ଶୁଭ୍ରାଂଶୁ ସେନାପତି ୩୩, ଆଶୀର୍ବାଦ ସ୍ୱାଇଁ ୧୯ ରନରେ ଆଉଟ ହୋଇଥିଲେ। ଗୋବିନ୍ଦ ପୋଦ୍ଦାର ଏବଂ ସ୍ୱସ୍ତିକଙ୍କ ମଧ୍ୟରେ ଦ୍ରୁତ ୪୯ ରନର ଭାଗୀଦାରି ସୃଷ୍ଟି ହୋଇଥିଲା। ତେବେ ୧୫୫ ବଲରୁ ୧୨ ଚୌକା ଏବଂ ୩ଟି ଛକା ସହାୟତାରେ ୧୧୪ ରନ କରି ସ୍ୱସ୍ତିକ ଆଉଟ ହୋଇଥିଲେ। ଦଳୀୟ ସ୍କୋର ୨୨୦ ରନରେ ଦଳ ୫ଟି ୱିକେଟ ହରାଇଥିବା ସତ୍ତ୍ୱେ ଗୋବିନ୍ଦ ଏବଂ ସମ୍ବିତ ବରାଳ ବଡସଟ୍ ଖେଳି ଓଡ଼ିଶା ଶିବିରକୁ ଚାପମୁକ୍ତ କରାଇଥିଲେ। ଗୋବିନ୍ଦ ୫୭ ବଲରୁ ୭୧ ରନ ଓ ସମ୍ବିତ ୫୯ ରନ କରିଥିଲେ। ସୁନୀଲ କୁମାର ରାଉଳ ୧୩, ବାଦଲ ବିଶ୍ୱାଳ ୧୨, ସୁମିତ ଶର୍ମା ୯ ରନରେ ଆଉଟ ହୋଇଥିଲେ। ବରୋଦା ପକ୍ଷରୁ ଡାହାଣହାତୀ ଅଫସ୍ପିନର ପ୍ରଦୀପ ଯାଦବ ସର୍ବାଧିକ ୫ଟି ୱିକେଟ ଦଖଲ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS